- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-5 ◆BHUBANESWAR ◆SATURDAY ◆29 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୫ ◆ଭୁବନେଶ୍ୱର ◆ଶନିବାର ◆୨୯ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ସଂସଦରେ 'ନିଟ୍' ଝଡ଼

ସୋମବାର ଯାଏ ଉଭୟ ଗୃହ ମୁଲତବୀ

■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ସାରା ଦେଶରେ ବୋହୁଥିବା 'ନିଟ୍' ଓ 'ନେଟ୍' ଝଡ଼ ସଂସଦରେ ସୃଷ୍ଟି କରିଛି ତାଣ୍ଡବ। ବିରୋଧୀଙ୍କ ଗର୍ଜନ, ଗୃହର ମଧ୍ୟଭାଗରେ ବିରୋଧ, ଜଣେ ସାଂସଦଙ୍କ ଅସୁସ୍ଥତା, ବାଚସ୍ପତିଙ୍କ ତାଗିଦ୍ ମଧ୍ୟରେ ସଂସଦ ଅଧିବେଶନର ୫ମ ଦିନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ଆସନ୍ତା ସୋମବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

ଶୁକ୍ରବାର ସକାଳେ ନିଟ୍ ବିଭ୍ରାଟ ଉପରେ ଚର୍ଚ୍ଚା ଓ ବିମର୍ଷ ପାଇଁ ବିରୋଧୀଦଳ ଲୋକସଭାରେ ଦାବି କରିଥିଲେ। ଏଥିପାଇଁ ବିରୋଧୀ ଦଳର

ବିରୋଧୀଙ୍କ ଆଲୋଚନା ଦାବିକୁ ବାଚସ୍ପତିଙ୍କ ପ୍ରତ୍ୟାଖ୍ୟାନ

କହିବା ବେଳେ ବନ୍ଦ କରି ଦିଆଗଲା ରାହୁଲ୍ ଗାନ୍ଧୀଙ୍କ ମାଇକ୍

ରାଜ୍ୟସଭା ମଧ୍ୟଭାଗରେ ବିଜେଡି ସମେତ ବିରୋଧୀ ଦଳଙ୍କ ବିକ୍ଷୋଭ

୨୨ ସାଂସଦଙ୍କ ପକ୍ଷରୁ ଏକ ପ୍ରସ୍ତାବ ମଧ୍ୟ ଆଗତ କରାଯାଇଥିଲା। ମାତ୍ର ବାଚସ୍ପତି ଏହି ପ୍ରସ୍ତାବକୁ ଖାରଜ କରି ଦେଇଥିଲେ ଓ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ମଧ୍ୟରେ ଏହି ଚର୍ଚ୍ଚା ହୋଇ ପାରିବ ନାହିଁ ବୋଲି ଘୋଷଣା କରିବା ପରେ ଆରମ୍ଭ ହୋଇଥିଲା ହଙ୍ଗାମା। ବିରୋଧୀ ଦଳର ସଦସ୍ୟମାନେ ଏହି ପ୍ରସଙ୍ଗ ଦେଶର ଲକ୍ଷଲକ୍ଷ ଛାତ୍ରଙ୍କ ଭବିଷ୍ୟତ ସହ ଜଡ଼ିତ ଥିବା ଉଲ୍ଲେଖ କରି ଏ ସମ୍ପର୍କରେ ଆଲୋଚନା ପାଇଁ ଅଡ଼ି ବସିଥିଲେ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଟ୍ ଆଲୋଚନାରେ ଭାଗ ନେବାକୁ ଗୃହରେ ଅନୁରୋଧ କରିଥିଲେ; ▶ପୃଷ୍ଠା-୯

ଆଲୋଚନା ପାଇଁ ପ୍ରସ୍ତୁତ: ଧର୍ମେନ୍ଦ୍ର

'ନିଟ୍' ପ୍ରସଙ୍ଗରେ ସଂସଦରେ ଅଚଳାବସ୍ଥା ସୃଷ୍ଟି ହୋଇ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଏହା ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପ୍ରସଙ୍ଗରେ ଚର୍ଚ୍ଚା ପାଇଁ ସରକାର ପ୍ରସ୍ତୁତ ବୋଲି କହିଛନ୍ତି। ସେ କହିଛନ୍ତି ଏହି ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି, ମାତ୍ର ସବୁକିଛି ପରମ୍ପରା ଓ ମର୍ଯ୍ୟାଦା ମଧ୍ୟରେ ହେବା ଆବଶ୍ୟକ। ଗତକାଲି ରାଷ୍ଟ୍ରପତି ନିଜ ଅଭିଭାଷଣରେ ନିଟ୍ ପରୀକ୍ଷା ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ସରକାର ଏହି ପ୍ରସଙ୍ଗରେ ନିଜ ପକ୍ଷ ରଖିବାକୁ ମଧ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଏହାର ସିବିଆଇ ତଦନ୍ତ ଆରମ୍ଭ ହୋଇଛି ଏବଂ ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ ହୋଇଛି। ରାଜନୀତିରୁ ବାହାରକୁ ଆସି ବିରୋଧୀ ଆଲୋଚନାରେ ସାମିଲ ହୁଅନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ନିଟ୍ ଘୋଟାଲା: ଆଉ ୩ ଗିରଫ

୫ ରାଜ୍ୟରୁ ଗିରଫ ହେଲେଣି ୨୭

■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ନିଟ୍ ପେପର ଲିକ୍ ଘଟଣାରେ ଝଡ଼ଖଣ୍ଡର ହଜାରିବାଗ ଅଞ୍ଚଳରୁ ଓଏସିସ୍ ସ୍କୁଲର ଅଧ୍ୟକ୍ଷ ଏହସାନ ଉଲ୍ ହକ୍, ଉପାଧ୍ୟକ୍ଷ ଇମ୍‌ତିଆଜ ଓ ଜଣେ ସାମ୍ବାଦିକ ଜମାଲୁଦ୍ଦିନଙ୍କୁ ଗିରଫ କରିଛି ସିବିଆଇ। ଗିରଫ ପରେ ଏହି ୩ ଜଣଙ୍କୁ ଝାଡ଼ଖଣ୍ଡରୁ ବିହାର ଅଣାଯାଇଛି । ସିବିଆଇ ଓ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୩ ମଇରେ ନିଟ୍ ପ୍ରଶ୍ନପତ୍ରକୁ ବ୍ଲୁ ଡ଼ାର୍ଟ କୋରିଅର ଯୋଗେ ହଜାରିବାଗ ନୂତନ ନଗର କେନ୍ଦ୍ରରୁ ବ୍ୟାଙ୍କ ଚେଷ୍ଟରେ ରଖାଯିବା ନିମନ୍ତେ ନେବା ପରିବର୍ତ୍ତେ ପ୍ରଥମେ ଓଏସିସ୍ ସ୍କୁଲକୁ ଅଣା ଯାଇଥିଲା। ଏହା ପରେ ସେଠାରୁ ବ୍ୟାଙ୍କ ପଠା ଯାଇଥିଲା। ଏହି ପ୍ରଶ୍ନ ପତ୍ର ପ୍ୟାକେଟ୍ ସ୍କୁଲରେ ଖୋଲାଯାଇଥିବା ସିବିଆଇ ସନ୍ଦେହ କରୁଛି। ▶ପୃଷ୍ଠା-୯

ମନୋଜ ଆହୁଜା ନୂଆ ମୁଖ୍ୟ ଶାସନ ସଚିବ

■ ଭୁବନେଶ୍ୱର, ୨୮।୬ (ସମିସ): ମନୋଜ ଆହୁଜା ହେବେ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ। ଆସନ୍ତା ୩୦ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଏହା ପୂର୍ବରୁ ଶ୍ରୀ

ଜୁନ୍ ୩୦ରେ ଅବସର ନେବେ ପ୍ରଦୀପ ଜେନା

ଆହୁଜାଙ୍କୁ ରାଜ୍ୟ ସରକାର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏ ସଂପର୍କରେ ଶୁକ୍ରବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ଆହୁଜା ୪୬ ତମ ମୁଖ୍ୟ ଶାସନ ସଚିବ

ସହିତ ରାଜ୍ୟର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଦର୍ଶାଯାଇଛି। ୧୯୯୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଶ୍ରୀ ଆହୁଜା କେନ୍ଦ୍ରୀୟ ଡେପୁଟେସନ୍‌ରେ ▶ପୃଷ୍ଠା-୯

ସୃଷ୍ଟି ହେଲା ଲଘୁଚାପ

ଆଜି ୬ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା

■ ଭୁବନେଶ୍ୱର,୨୮।୬(ସମିସ): ଗତ ୩ଦିନ ହେବ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଯଦିଓ ଏହି ଲଘୁଚାପର ପ୍ରଭାବ ବିଶେଷ ଅଧିକ ରହିବ ନାହିଁ; ତଥାପି ଏହାର ପ୍ରଭାବରେ ଶନିବାର କିଛି ଜିଲ୍ଲାରେ ବର୍ଷା ହୋଇପାରେ। ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରିୟ ଥିବାବେଳେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଥିବାରୁ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ

କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨୯ ତାରିଖ ପାଇଁ ରାଜ୍ୟର କିଛି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁସାରେ, ଶନିବାର ଝାରୁସୁଗଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେବେ ରବିବାରଠାରୁ ବର୍ଷାର ପ୍ରକୋପ କମିବ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ମାତ୍ରା ହ୍ରାସ ହୋଇଛି। ମାତ୍ର ଅନୁଗୁଳରେ ରାଜ୍ୟର ସର୍ବାଧିକ ୧୦୨ ମିମି ବର୍ଷା ରେକର୍ଡ ହୋଇଛି।

କଲବଲ କଲାଣି ଡିପଥେରିଆ

ଆଖି ବୁଜିଲେ ଆଉ ଦୁଇ ଶିଶୁ

■ ରାୟଗଡ଼ା/ନାରାୟଣପାଟଣା/ଭୁବନେଶ୍ୱର, ୨୮।୬ (ସମିସ): ରାଜ୍ୟରେ ଛୋଟ ପିଲାଙ୍କ ଉପରେ ସ୍ୱାସ୍ଥ୍ୟ ସଂକଟ ବଢ଼ିବାରେ ଲାଗିଛି। ରୋଗ ସଂକ୍ରମଣ ନିୟନ୍ତ୍ରଣରେ ଅଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଦାବି କରୁଥିବା ବେଳେ ଭୟ କିନ୍ତୁ ଦୂର ହେଉ ନାହିଁ। ପରିସ୍ଥିତିକୁ ଦେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଟିମ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶେଷଜ୍ଞ ଆଜି ରାୟଗଡ଼ାରେ ପହଞ୍ଚିଛନ୍ତି। ଆସନ୍ତା କାଲି ସେମାନେ କାଶିପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବେ। ପରେ ଅନ୍ୟ ପ୍ରଭାବିତ

ପହଞ୍ଚିଲେ ୫ ଜଣିଆ କେନ୍ଦ୍ରୀୟ ଟିମ୍

ରିପୋର୍ଟ ଅପେକ୍ଷାରେ ସ୍ୱାସ୍ଥ୍ୟ ବିଭାଗ

ଜିଲ୍ଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ଆଜି ଆଉ ଦୁଇ ଶିଶୁ ପ୍ରାଣ ହରାଇଛନ୍ତି। କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ଜଣେ ଏବଂ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଆଉ ଜଣେ ପ୍ରାଣ ହରାଇଛି। ଡିପଥେରିଆ ସଂକ୍ରମଣ ପାଇଁ ସେମାନଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ଏ ନେଇ ସ୍ୱାସ୍ଥ୍ୟ ବିଭାଗ କିଛି ସ୍ପଷ୍ଟ କରି ନାହିଁ। ମୃତ ଶିଶୁଙ୍କ ପରିବାର ଲୋକେ କହିଛନ୍ତି ଯେ ତାଙ୍କ ପିଲାକୁ ପ୍ରଥମେ ଜ୍ୱର ହୋଇଥିଲା ଏବଂ ପରେ ▶ପୃଷ୍ଠା-୯

ଲୋକକଥା

ମଦ ବନ୍ଦ ଚର୍ଚ୍ଚା ଜୋର୍ ଚାଲିଛି
ମନ୍ତ୍ରୀଙ୍କ ବୟାନ ପାଇଁ,
ଏଣେ ପୁଣି ମଦ ଦୋକାନ ଖୋଲିବ
ବିଜ୍ଞାପନ ଦେଲେ ଥୋଇ !
ରହସ୍ୟ କି ଅଛି ରହି,
ଅବା ନୂଆ ନୂଆ ସର୍କାର ହେବାରୁ
କହୁ କହୁ ଦେଲେ କହି !!

ମୁଖ୍ୟ ସଚିବ ନିଯୁକ୍ତି

ଭାଙ୍ଗିଲା ୪୪ ବର୍ଷର ପରମ୍ପରା

■ ଭୁବନେଶ୍ୱର, ୨୮।୬ (ସମିସ): ଦୀର୍ଘ ୪୪ ବର୍ଷ ପରେ ଓଡ଼ିଶା ପ୍ରଶାସନର ମୁଖ୍ୟ ହେବେ ଜଣେ ଅଣ ଓଡ଼ିଆ ଆଇଏଏସ୍। ୧୯୮୦ ମସିହାଠାରୁ ୨୦୨୪ ପର୍ଯ୍ୟନ୍ତ ରାଜ୍ୟ ପ୍ରଶାସନର ଏହି ମୁଖ୍ୟ ପଦବୀରେ ଓଡ଼ିଆ ଆଇଏଏସ୍‌ମାନଙ୍କୁ ହିଁ ନିଯୁକ୍ତି ମିଳି ଆସୁଥିଲା। ୪୪ ବର୍ଷ ପରେ ଏହି ପରମ୍ପରା ଭାଙ୍ଗିଛି ଏବଂ ୧୯୯୦ ବ୍ୟାଚ୍‌ର ଆଇଏଏସ୍ ମନୋଜ ଆହୁଜାଙ୍କୁ ରାଜ୍ୟ ମୁଖ୍ୟ ସଚିବ ଭାବରେ ନିଯୁକ୍ତି ମିଳିଛି। ୧୯୮୦ ମସିହାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ସମୟରେ ପ୍ରଥମଥର ଓଡ଼ିଆ ଆଇଏଏସ୍ ସୁଧାଂଶୁ ମୋହନ ପଟ୍ଟନାୟକଙ୍କୁ ମୁଖ୍ୟ ସଚିବ ଭାବରେ ଅବସ୍ଥାପିତ କରାଯାଇଥିଲା। ୧୯୮୦ରୁ ୨୦୨୪ ମଧ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକ, ବିଜୁ ପଟ୍ଟନାୟକ, ହେମାନନ୍ଦ ବିଶ୍ୱାଳ, ଗିରିଧର ଗମାଙ୍ଗ, ନବୀନ ପଟ୍ଟନାୟକ ସରକାରରେ ଏହି ପରମ୍ପରା ଧାରା ବଜାୟ ରଖାଯାଇଛି। ଏବେ ନବ ନିର୍ବାଚିତ ବିଜେପି ସରକାର ଏହି ପରମ୍ପରାକୁ ଭାଙ୍ଗି ଶ୍ରୀ ଆହୁଜାଙ୍କୁ ନିଯୁକ୍ତି ଦିଆଯାଇଛି। ▶ପୃଷ୍ଠା-୯

୧୯୮୦ରେ ପ୍ରଥମ ଓଡ଼ିଆ ମୁଖ୍ୟ ସଚିବ ହୋଇଥିଲେ ସୁଧାଂଶୁମୋହନ

ରାଜ୍ୟରେ ରାଷ୍ଟ୍ରପତି ଶାସନ କାଳରେ ସୁଧାଂଶୁଙ୍କୁ ଦିଆଯାଇଥିଲା ନିଯୁକ୍ତି

ସେବେଠାରୁ ଓଡ଼ିଆ ଆଇଏଏସ୍ ହୋଇଛନ୍ତି ରାଜ୍ୟର ମୁଖ୍ୟ ଶାସନ ସଚିବ

ଜାନକୀ, ବିଜୁ, ହେମାନନ୍ଦ, ଗିରିଧର, ନବୀନ ସରକାରରେ ଥିଲେ ଓଡ଼ିଆ ମୁଖ୍ୟ ସଚିବ

ନିର୍ବାଚନ ପରେ ହୁ-ହୁ ବଢୁଛି ବଜାର ଦର

ମହଙ୍ଗା ବିସ୍ଫୋରଣ

ଟାରିଫ୍‌ରେ ୨୫% ବୃଦ୍ଧି କଲେ ଟେଲିକମ୍ ଅପରେଟର

■ ଭୁବନେଶ୍ୱର, ୨୮।୬ (ସମିସ): ନିର୍ବାଚନ ସରିବାର ମାସଟିଏ ବି ହୋଇନାହିଁ। ଦରଦାମ ବୃଦ୍ଧି ଛାଟରେ ସାଧାରଣ ଖାଉଟି ଅତିଷ୍ଠ ହେଲେଣି। ମହଙ୍ଗା ବିସ୍ଫୋରଣରେ ପ୍ରତ୍ୟେକ ବର୍ଗର ଲୋକମାନେ ତ୍ରାହି ତ୍ରାହି ଡ଼ାକ ଡ଼ାକିଲେଣି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିରେ ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ବଜେଟ୍‌କୁ ବିଗାଡ଼ି ଦେଇଛି। ତେଜରାତି ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ଯାଏ ସବୁ ର ଦର ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି । ଏହି ସମୟରେ "ବେଡି ଉପରେ କୋରଡା ମାଡ଼' ପରି ଟେଲିକମ୍ ଅପରେଟରମାନେ ଟାରିଫ୍ ବଢ଼ାଇଛନ୍ତି। ରେଲିଆନ୍ସ ଜିଓ ଓ ଏୟାରଟେଲ୍

ରିଲାଏନ୍ସ ଜିଓ, ଏୟାରଟେଲ୍, ଭୋଡ଼ାଫୋନ୍ ଟାରିଫ ୨୫% ଯାଏ ବୃଦ୍ଧି

୨୫% ପର୍ଯ୍ୟନ୍ତ ଟାରିଫ୍ ବୃଦ୍ଧି କରିଥିବାବେଳେ ଭୋଡ଼ାଫୋନ-ଆଇଡ଼ିଆ ଖୁବ୍ ଶୀଘ୍ର ଟାରିଫ୍ ବଢ଼ାଇବ ବୋଲି ସୂଚନା ମିଳିଛି।

ନିର୍ବାଚନ ପରେ ମୂଲ୍ୟବୃଦ୍ଧି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ମାତ୍ର ଚଳିତ ବର୍ଷ ନିର୍ବାଚନ ପରେ ବଜାର ଯେପରି ଉଜା ହୋଇଛି ଓ ଦରଦାମ ହୁହୁ ହୋଇ ବଢ଼ିବାରେ ଲାଗିଛି ତାହା ସବୁ ବର୍ଗକୁ ପ୍ରଭାବିତ କରିଛି। ଡାଲି, ଚାଉଳ, ଅଟା, ଖାଇବା ତେଲ ଭଳି ତେଜରାତି ସାମଗ୍ରୀ ସହ ପନିପରିବା ଦର ବଢ଼ି ଚାଲିଛି। ପନିପରିବା ତ ଦୁର୍ମୂଲ୍ୟ ହୋଇଛି; ତେଜରାତି ସାମଗ୍ରୀର ମୂଲ୍ୟ ୧୦%ରୁ ୩୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପ୍ରତି ମାସରେ ଦୁଇ ଦୁଇ ଥର ତେଜରାତି ସାମଗ୍ରୀର ଦର ବଢୁଛି। ଗତ ସପ୍ତାହରେ ଖୁଚୁରା ବଜାରରେ ଚାଉଳ, ଅଟା, ସୁଜି ଏବଂ ମଇଦା ଦର କିଲୋ ପିଛା ୧୦-୧୫ ଟଙ୍କା ବୃଦ୍ଧି ହୋଇଥିଲା। ଏବେ ଡ଼ାଲି ବି ମହଙ୍ଗା ହେଲାଣି । ଉଭୟ ଖୁଚୁରା ଓ ପାଇକାରୀ ବଜାରରେ ହରଡ଼, ବିରି, ମୁଗ ଆଉ ▶ପୃଷ୍ଠା-୯



ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

ଜାତୀୟ ପରିସଂଖ୍ୟାନ ଦିବସ

ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ବ୍ୟବହାରକୁ ଲୋକପ୍ରିୟ କରିବା ପାଇଁ ଏବଂ ଯୋଜନା ପ୍ରଣୟନ କ୍ଷେତ୍ରରେ ଏହାର ଭୂମିକା କିପରି ରହିଛି, ସେ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୯ ତାରିଖକୁ ଭାରତ ସରକାର ଜାତୀୟ ପରିସଂଖ୍ୟାନ ଦିବସ ଭାବେ ପାଳନ କରୁଛନ୍ତି । ଜାତୀୟ ପରିସଂଖ୍ୟାନ ପଦ୍ଧତିକୁ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନର ସ୍ୱୀକୃତି ସ୍ୱରୂପ ପ୍ରତିବର୍ଷ ତାଙ୍କ ଜୟନ୍ତୀ ଜୁନ୍ ୨୯ ଅବସରରେ ପରିସଂଖ୍ୟାନ ଦିବସ ପାଳନ କରାଯାଏ । ସେ ୧୮୯୩ ମସିହା ଜୁନ୍ ୨୯ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ୨୦୦୭ ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଇ ଆସୁଅଛି । ମହାଲନୋବିସଙ୍କ କହିବା ଅନୁସାରେ, ସବୁ କ୍ଷେତ୍ରରେ ପରିସଂଖ୍ୟାନର ଉପଯୋଗ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବ । ସେଥିପାଇଁ ସେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକ୍ସ ଇନ୍‌ଷ୍ଟିଚ୍ୟୁଟ୍ ବା ଭାରତୀୟ ପରିସଂଖ୍ୟାନ ସଂସ୍ଥାର ପ୍ରତିଷ୍ଠା କରିଥିଲେ । ଏହି ଦିବସ ଅବସରରରେ ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଓ ପ୍ରତିଯୋଗିତାମାନ ଆୟୋଜନ କରାଯାଏ । ତାଙ୍କୁ ଭାରତ ସରକାର ୧୯୬୮ ମସିହାରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ । ତାଙ୍କର ମୃତ୍ୟୁ ୭୯ ବର୍ଷ ବୟସରେ ନିଜ ଜନ୍ମଦିନର ଠିକ୍ ପୂର୍ବଦିନ ଅର୍ଥାତ୍ ୨୮ ଜୁନ୍ ୧୯୭୨ ମସିହାରେ ହୋଇଥିଲା ।

ବିରଳ ରୋଗରେ ଆକ୍ରାନ୍ତ ଅନୁଷ୍କା

ବନ୍ଦ ହେଉନି ହସ

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀଙ୍କୁ ନେଇ ଏବେ ଏକ ଖବର ଆସିଛି । 'ବାହୁବଳି'ରେ 'ଦେବସେନା' ଭୂମିକାରେ ଅଭିନୟ କରିଥିବା ଅନୁଷ୍କା ଏକ ବିରଳ ରୋଗରେ ପୀଡ଼ିତ ଥିବାର ଜଣାପଡ଼ିଛି । 'ଲାଫିଂ ଡିଜ୍‌ଅର୍ଡର'ରେ ସେ ଆକ୍ରାନ୍ତ । ଏହି ରୋଗ ଯୋଗୁ ସେ ଥରେ ହସିବା ମାତ୍ରେ ୧୦-୧୫ ମିନିଟ୍ ହସକୁ ରୋକି ପାରନ୍ତି ନାହିଁ । ନିକଟରେ ଏକ ସାକ୍ଷାତକାରରେ ଅନୁଷ୍କା କହିଛନ୍ତି ଯେ- 'ମୋତେ ହସିବା ରୋଗ ହୋଇଛି, ଏହାଶୁଣି ହସିବା କ'ଣ ରୋଗ ହୋଇପାରେ ବୋଲି ଅନେକ ଭାବୁଥିବେ । କିନ୍ତୁ ମୋ ପାଇଁ ଏହା ଏକ ସମସ୍ୟା । ମୁଁ ଥରେ ହସିବା ଆରମ୍ଭ କରିବା ମାତ୍ରେ ୧୫-୨୦ ମିନିଟ୍ ହସିଥାଏ । କମେଡି ସିନ୍ ଦେଖିବା ମାତ୍ରେ କିମ୍ବା ସୁଟ୍ କରିବା ସମୟରେ ମୁଁ ହସିହସି ପୂରା ଫ୍ଲୋର୍‌ରେ ଗଡ଼ିଯାଏ । ବେଳେବେଳେ ଏଥିପାଇଁ ସୁଟିଂ ରୋକିବାକୁ ହୁଏ ।' ଅନୁଷ୍କା ଏଯାବତ୍ ୪୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ କାମ କରିଛନ୍ତି । ଶେଷଥର ପାଇଁ ଅନୁଷ୍କା 'ମିସ୍ ସେଟ୍ଟି ମିଷ୍ଟର ପୋଲିସେଟ୍ଟି'ରେ ଦେଖାଯାଇଥିଲେ ।

ଆଜିର ଇତିହାସ

- ୧୮୬୪- କାନାଡ଼ାରେ ଏକ ରେଳ ଦୁର୍ଘଟଣାରେ ୯୦ ଜଣଙ୍କ ମୃତ୍ୟୁ ।
- ୧୯୦୫- ସଂଯୁକ୍ତରାଷ୍ଟ୍ରରେ ଅଟୋମୋବାଇଲ ଆସୋସିଏସନ୍‌ର ସ୍ଥାପନା ।
- ୧୯୩୨- ସୋଭିଏତ୍ ସଂଘ ଓ ଚୀନ୍ ଅନାକ୍ରମଣ ସନ୍ଧିରେ ସ୍ୱାକ୍ଷର କଲେ ।
- ୨୦୦୦- ଆଇବିଏମ୍ ବିଶ୍ୱର ସବୁଠୁ ଦ୍ରୁତ କାର୍ଯ୍ୟକ୍ରମ କମ୍ପ୍ୟୁଟର ନିର୍ମାଣ କଲା ।
- ୨୦୦୭- 'ଆପଲ୍' ତା'ର ପ୍ରଥମ ମୋବାଇଲ୍ ଫୋନ୍ ଓ ଆଇଫୋନ୍ ଜାରି କରିଥିଲା ।
- ୨୦୧୩- କାଲିଫର୍ଣ୍ଣିଆ ସରକାର ସମଲିଙ୍ଗୀ ବିବାହ କଟକଣାକୁ ଉଠାଇ ଦେଲେ ।

ଚାକିରି ଚାଲିଯିବାରୁ ସ୍କୁଲ୍ ବସ୍‌ରେ ଘର

ଦିନକୁଦିନ ଯେଭଳି ଦରଦାମ୍ ବୃଦ୍ଧି ପାଉଛି ସେଥିରେ ଭଡ଼ାରେ ରହିବା ବେଶ୍ ବାଧୁଛି । ବିଶେଷକରି ମେଟ୍ରୋ ସହରଗୁଡ଼ିକରେ ଘରଭଡ଼ା ପାଇଁ ଲୋକେ ବେଶ୍ ଖର୍ଚ୍ଚାନ୍ତ ହେଉଛନ୍ତି । ଏହି କ୍ରମରେ ଜାପାନର ମ୍ୟାଣ୍ଡି ଓ ରିଟୋମୋ ଘରଭଡ଼ାରୁ ମୁକ୍ତ ପାଇବା ପାଇଁ ଏକ ସ୍କୁଲ୍ ବସ୍‌କୁ ଘର କରିଛନ୍ତି । ଏବେ ଏହି ଦମ୍ପତି କାନାଡ଼ାରେ ରହୁଛନ୍ତି । କରୋନା ମହାମାରୀ ସମୟରେ ଉଭୟଙ୍କର ଚାକିରି ଚାଲି ଯାଇଥିଲା । ସେହି ସମୟରେ ସେମାନେ ଘରଭଡ଼ା ବାବଦରେ ୧.୮ ଲକ୍ଷ ଟଙ୍କା ଦେଉଥିଲେ । ଏଥିରୁ ମୁକ୍ତି ପାଇବା ପାଇଁ ସେମାନେ ଏକ ପୁରୁଣା ସ୍କୁଲ୍ ବସ୍‌କୁ କିଣି ତାକୁ ନିଜ ମନମୁତାବିକ ଡିଜାଇନ୍ କରିଥିଲେ । ଅବଶ୍ୟ ବସ୍‌କୁ ଘର ରୂପ ଦେବା ପାଇଁ ଏହି ଦମ୍ପତିଙ୍କୁ ଦୁଇବର୍ଷ ଲାଗି ଯାଇଥିଲା । ଏଥିପାଇଁ ସେମାନେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ସେମାନେ ତିନିବର୍ଷ ହେଲାଣି ବସ୍‌କୁ ଘର କରିଛନ୍ତି । ରୋଷେଇ ଘରଠାରୁ ଆରମ୍ଭ କରି ଶୌଚାଳୟ ସବୁ ସୁବିଧା ବସ୍‌ରେ ରହିଛି । କେବଳ ସେମାନେ ବସ୍‌ରେ ଗାଧୋଇ ପାରନ୍ତି ନାହିଁ । କାରଣ କାନଡ଼ାରେ ଅଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ସେ ବସ୍ ଉପରେ ପାଣିଟାଙ୍କି ଲାଗାଇ ପାରିବେ ନାହିଁ । ଥଣ୍ଡା ଯୋଗୁ ଟାଙ୍କି ପାଣି ବରଫ ହୋଇଯିବ । ସେଥିପାଇଁ ସେ ଜଙ୍ଗଲିଆ ଅଞ୍ଚଳରେ ଗାଡ଼ି ପାର୍କିଂ କରାଇ ଗାଧୋଇଥାନ୍ତି । ଏତେଦିନ ବସ୍‌ରେ ରହିବା ପରେ ଏହି ଦମ୍ପତି ଏବେ ଏକ ଭ୍ୟାନ୍ କିଣିଛନ୍ତି । ଏହାକୁ ସେମାନେ ଘର ଭଳି ଡିଜାଇନ୍ କରିବେ । ଏବେ ଏହି ଦମ୍ପତି ଆମେରିକା ବୁଲିଯିବାକୁ ଚାହୁଁଛନ୍ତି । ପର୍ଯ୍ୟଟନସ୍ଥଳଗୁଡ଼ିକରେ ଗାଡ଼ି ରଖିବା ପାଇଁ ଅସୁବିଧା ହେବ ଭାବି ସେମାନେ ଏହି ଭ୍ୟାନ୍‌ଟିକୁ କିଣିଛନ୍ତି । ଅନ୍ୟପଟେ ସେମାନେ ଘର କରିଥିବା ବସ୍‌କୁ ୪୦ ଲକ୍ଷରେ ବିକ୍ରି କରିବା ପାଇଁ ବିଜ୍ଞାପନ ମଧ୍ୟ ଦେଇଛନ୍ତି ।

ବ୍ଲେଡ୍‌ରେ କଳାକୃତି

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣାର କାକଦ୍ୱୀପ ସହରରେ ରୁହନ୍ତି ୨୫ ବର୍ଷୀୟ ସାୟନ ମିଦ୍ୟା । ସେ ପରିତ୍ୟକ୍ତ ତଥା ଭଙ୍ଗା ବ୍ଲେଡ୍ ଉପଯୋଗରେ ସୁନ୍ଦର ଚିତ୍ରକଳା ତିଆରି କରିଛନ୍ତି । ଯାହାକି ଇଣ୍ଡିଆ ବୁକ୍ ରେକର୍ଡର ଅଧିକାରୀ ହୋଇଛି । ସେହିପରି ସେ ମହିଳା ଶକ୍ତି ପ୍ରସଙ୍ଗକୁ ନେଇ ବ୍ଲେଡ୍ ମାଧ୍ୟମରେ ଏହି ସୁନ୍ଦର କଳାକୃତି କରିଛନ୍ତି । ସାୟନଙ୍କର ପିଲାଟିବେଳୁ ଚିତ୍ରକଳା ପ୍ରତି ରୁଚି ଥିଲା । ସେ ମୁଖ୍ୟତଃ ଅସାଧାରଣ ଜିନିଷକୁ ଉପଯୋଗ କରି କଳାକୃତି କରିଥାନ୍ତି । ଅବଶ୍ୟ ପୂର୍ବରୁ ସେ ଅବ୍ୟବହୃତ କାଗଜ ଏବଂ ବର୍ଜ୍ୟ ସାମଗ୍ରୀରେ କଳାକୃତି କରିଥିବା କଥା କହିଛନ୍ତି । କହିବାକୁ ଗଲେ ସେ ତାଙ୍କର ଏହି କାର୍ଯ୍ୟ ମାଧ୍ୟମରେ ଆର୍ବଜନାକୁ କଳାକୃତି ଭଣ୍ଡାରରେ ପରିଣତ କରିବାରେ ସକ୍ଷମ ହୋଇପାରିଛନ୍ତି । ତେବେ ଏଥର ସେ କିଛି ଭିନ୍ନ କରିବା ଲକ୍ଷ୍ୟରେ ବ୍ଲେଡ୍ ପାତକୁ ଉପଯୋଗ କରିବାକୁ ଚାହିଁଲେ । ଏହି କଳାକୃତି ପାଇଁ ସେ ପ୍ରାୟ ୭୦ ପରିତ୍ୟକ୍ତ ଭଙ୍ଗା ବ୍ଲେଡ୍ ପାତକୁ ବ୍ୟବହାର କରିଛନ୍ତି । ସେହିପରି ବିଶ୍ରାମ ନ ନେଇ ସାୟନ ଲଗାତାର ୫ ଘଣ୍ଟା ଏହି କାମରେ ନିଜକୁ ନିୟୋଜିତ କରିଥିଲେ । ପ୍ରଥମ ଥର ପାଇଁ ବ୍ଲେଡ୍ କଳାକୃତି ଦ୍ୱାରା ତାଙ୍କୁ ସଫଳତା ଓ ସମ୍ମାନ ମିଳିଛି । ଯାହାକୁ ନେଇ ସେ ବେଶ୍ ଖୁସି ଅଛନ୍ତି । ସେ ତାଙ୍କ ସଫଳତାର ଶ୍ରେୟ ତାଙ୍କ ମାଉସୀ ଲକ୍ଷ୍ମୀ ପଲ୍‌ଙ୍କୁ ପ୍ରଦାନ କରିଛନ୍ତି । ଲକ୍ଷ୍ମୀ ହିଁ ତାଙ୍କୁ ପାଳିପୋଷି ବଡ଼ କରିଛନ୍ତି । ଅନ୍ୟପଟେ ସାୟନ ମାଗଣାରେ ତାଙ୍କ ଅଞ୍ଚଳର ୭୦-୮୦ ପିଲାଙ୍କୁ ଚିତ୍ରକଳା ଶିକ୍ଷା ପ୍ରଦାନ କରୁଛନ୍ତି । ଏହି କାର୍ଯ୍ୟ ତାଙ୍କର କେବଳ ପଶ୍ଚିମବଙ୍ଗରେ ସୀମିତ ନାହିଁ, ବିହାର, ପଞ୍ଜାବରେ ସେ ଏନେଇ ପିଲାଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ଏହାବାଦ୍ ଅନ୍‌ଲାଇନ୍ ମାଧ୍ୟମରେ ଆମେରିକାରେ ପିଲାଙ୍କୁ ଏ ଲାଗି ଶିକ୍ଷା ପ୍ରଦାନ କରୁଛନ୍ତି । ତେବେ ସାୟନ ତାଙ୍କର ଏହି ସୃଜନକୌଶଳ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି ।

ର୍‍ୟାମ୍ପରେ ୭୧ ବର୍ଷୀୟା

"ବୟସ ନୁହେଁ ସୌନ୍ଦର୍ଯ୍ୟର ମାପକାଠି"

ବୟସ ବଢ଼ିଲେ ମୁହଁରେ ଏହାର ଛାପ ଦେଖାଯାଏ । ଚର୍ମ ସବୁ ଲୋଚାକୋଚା ହୋଇଯାଏ, ତେଣୁ ନିଜ ଚେହେରାରେ ଏହି ବୟସ ଛାପକୁ ଲୁଚାଇବାକୁ ଅନେକ ମହିଳା ସ୍ୱତନ୍ତ୍ର ଭାବେ ନିଜ ତ୍ୱଚାର ଦେଖାଶୁଣା କରନ୍ତି । ସୁସ୍ଥ ଜୀବନଶୈଳୀ କାରଣରୁ ଏମାନେ ଅଧିକ ବୟସରେ ବି କମ୍ ବୟସ୍କାଙ୍କ ପରି ଦିଶିଥାନ୍ତି । ଏହି କ୍ରମରେ ଆମେରିକାର ଜଣେ ମହିଳା ସୁନ୍ଦରତା ପାଇଁ ବୟସ ବାଧକ ସାଜେନାହିଁ କି ସୁନ୍ଦରତାକୁ ବୟସରେ କେବେ ମପାଯାଉନଥିବା କଥାକୁ ପ୍ରମାଣିତ କରିଛନ୍ତି । ଟେକ୍ସାସର ରହୁଥିବା ମାରିସା ଟିଜୋ ନାମକ ମହିଳା ୭୧ ବର୍ଷ ବୟସରେ 'ମିସ୍ ଟେକ୍ସାସ' ପ୍ରତିଯୋଗିତାରେ ଭାଗ ନେଇ ସବୁଠୁ ବୟସ୍କ ପ୍ରତିଯୋଗୀ ପାଲଟି ଯାଇଛନ୍ତି । ସେ ୭୪ଜଣ ଅନ୍ୟ ମହିଳାଙ୍କ ସହ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଯଦିଓ ଏଥିରେ ଏରିଆନା ୱେୟର ନାମ୍ନୀ ମହିଳା ବିଜେତା ହୋଇଥିଲେ, ହେଲେ ଟିଜୋଙ୍କ ଚର୍ଚ୍ଚା ଅଧିକ ହୋଇଥିଲା । ବୟସ ଅପରାହ୍ନରେ ମହିଳାମାନେ କିପରି ନିଜ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟକୁ ଧ୍ୟାନ ଦେଇପାରିବେ ସେମାନଙ୍କୁ ପ୍ରେରଣା ଯୋଗାଇବାକୁ ସେ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିବା କଥା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ବୟସ ନୁହେଁ ସୌନ୍ଦର୍ଯ୍ୟର ମାପକାଠି । ତେବେ ମିସ୍ ଟେକ୍ସାସ ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ଭାବେ ସାମିଲ ହୋଇ ସେ ବହୁତ ଖୁସି ବୋଲି କହିଥିଲେ । ତେବେ ପୂର୍ବବର୍ଷ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାର ନିୟମରେ କିଛି ପରିବର୍ତ୍ତନ କରାଯାଇଥିଲା । ଏଥିରେ ୧୯୫୮ରୁ ଥିବା ବୟସ ସୀମାକୁ ହଟେଇ ଦିଆଯାଇଥିଲା । ତେଣୁ ଚଳିତବର୍ଷ କେବଳ ୧୮ରୁ ୨୮ ବର୍ଷ ବୟସ ନୁହେଁ, ବରଂ ସମସ୍ତେ ଏହି ପ୍ରତିଯୋଗିତାରେ ଭାଗ ନେବାର ସୁବିଧା ଥିବାରୁ ଟିଜୋ ୭୧ ବର୍ଷ ବୟସରେ ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗନେଇ ଚର୍ଚ୍ଚାରେ ରହିଛନ୍ତି ।

ବର୍ଷାରୁ ରକ୍ଷା ପାଇଁ ବାଇକ୍‌ରେ ପ୍ଲାଷ୍ଟିକ୍ ସେଡ୍

ବର୍ଷାଦିନେ ଜଣେ ବାଇକ୍ ଚାଳକ ନିଜକୁ ଓ ନିଜ ବାଇକ୍‌କୁ କିଭଳି ସୁରକ୍ଷା ପ୍ରଦାନ କରିବେ, ସେନେଇ ଜଣେ ଯୁବକ ଏକ ନିଆରା ଉପାୟ ଖୋଜିଛନ୍ତି । ସେ ତାଙ୍କ ବାଇକ୍‌କୁ ମୋଡିଫାଏ କରିଛନ୍ତି । ଅର୍ଥାତ୍ ବାଇକ୍‌ରେ କିଛିଟା ଏଭଳି ପରିବର୍ତ୍ତନ ଆଣିଛନ୍ତି, ଯଦ୍ୱାରା ସେ ଓ ତାଙ୍କ ବାଇକ୍ କିଛି ମାତ୍ରାରେ ବର୍ଷାଦାଉରୁ ରକ୍ଷା ପାଇପାରିବେ । ସମ୍ପୃକ୍ତ ଯୁବକ ଜଣକ ବାଇକ୍ ଉପରେ ଗୋଟିଏ ଗୋଲାକୃତି କଭର୍ ଲଗାଇଛନ୍ତି । ଏହା ହେଉଛି ଏକ ପ୍ଲାଷ୍ଟିକ୍ ସେଡ୍ । ଯାହାକି ବାଇକ୍‌କୁ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇ ରଖେ । ଏହି ସେଡ୍‌କୁ ଟେକି ବାଇକ୍‌ରେ ବସିବା ପରେ ତାହା ଚାଳକଙ୍କୁ ଆବୃତ୍ତ କରି ରଖିଥାଏ । ଅବଶ୍ୟ ଏହା ଚାଳକଙ୍କୁ ସମ୍ପୂର୍ଣ୍ଣ ବର୍ଷା ଦାଉରୁ ସୁରକ୍ଷା ଦେବ ତାହା ନୁହେଁ, ଏହି ସେଡ୍ କେବଳ ମୁଣ୍ଡରୁ ଅଣ୍ଟା ପର୍ଯ୍ୟନ୍ତ ବର୍ଷାରୁ ସୁରକ୍ଷା ଦେବ ଏବଂ ଅଣ୍ଟାରୁ ପାଦ ପର୍ଯ୍ୟନ୍ତ ଓଦା ହେବା ଥୟ । ଅନ୍ୟପଟେ ପ୍ଲାଷ୍ଟିକ୍ ସେଡ୍ ଉପରେ ବର୍ଷାପାଣି ସଫା କରିବା ପାଇଁ ସେ କୌଣସି ୱାଇପର ଲଗାଇ ନାହାନ୍ତି । ସେହିପରି ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏଥିରୁ ଦେଖାଯାଇଛି, ଯୁବକ ଜଣକ ବାଇକ୍ ସେଡ୍‌କୁ ଟେକି ବାଇକ୍‌ରେ ବସୁଛନ୍ତି ଏବଂ ସେଡ୍ ଦ୍ୱାରା ଆବୃତ୍ତ ହୋଇଯାଇଛନ୍ତି । ବର୍ଷା ପଡୁଛି ଏବଂ ସେ ଏହାକୁ ଚଳାଇ ଯାଉଛନ୍ତି । ଅନ୍ୟପକ୍ଷରେ ଯୁବକଙ୍କର ଏହି ବ୍ୟବସ୍ଥାକୁ ଲୋକେ ଖୁବ୍ ପସନ୍ଦ କରିଥିବା ଦେଖାଯାଇଛି ।

ଚା'କୁ ଅଧିକ ଫୁଟାଉଥିଲେ...

ଅଧିକାଂଶ ଭାରତୀୟଙ୍କର ସକାଳ ଆରମ୍ଭ ହୁଏ କପେ ଚା'ରୁ । ଅନେକ ଲୋକ ଦିନ ଆରମ୍ଭରୁ ରାତି ପର୍ଯ୍ୟନ୍ତ ଚା' ପିଉଥାନ୍ତି । ସେହିଭଳି ଲୋକେ ନିଜ ପସନ୍ଦ ମୁତାବିକ ଗ୍ରୀନ୍ ଟି, ରେଡ୍ ଟି, ଲେମନ୍ ଟି' ଆଦି ପିଇବାକୁ ପସନ୍ଦ କରିଥାନ୍ତି । ଆଉ କିଛି ଜଣ ଚା'କୁ ଅଧିକ ଫୁଟାଇ ପିଇବାକୁ ପସନ୍ଦ କରନ୍ତି । ଏଥିଯୋଗୁ ଚା' କଷାଳିଆ ଲାଗିଥାଏ । ତେବେ ଚା'କୁ ଅଧିକ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଚା'ରେ ସବୁ ସାମଗ୍ରୀ ପକାଇବା ପରେ ଏହାକୁ ୪ରୁ ୫ ମିନିଟ୍ ଫୁଟାଇବା ଦରକାର । ଚା' ଅଧିକ ସମୟ ଫୁଟାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର ଗଭୀର ପ୍ରଭାବ ପକାଇଥାଏ । କ୍ଷୀର ଚା'କୁ ମାତ୍ରାଧିକ ଫୁଟାଇବା ଦ୍ୱାରା ଏଥିରେ ଟେନିନ୍ ମାତ୍ରା ବଢ଼ିଯାଏ । ଏହାଦ୍ୱାରା ଶରୀରରେ ଆଇରନ୍‌ର ଅଭାବ ଦେଖାଯାଏ । ଏଥିଯୋଗୁଁ ଜଣେ ଏନିମିଆରେ ଆକ୍ରାନ୍ତ ହୋଇଥାନ୍ତି । କେବଳ ସେତିକି ନୁହେଁ, କ୍ଷୀର ଚାକୁ ଅଧିକ ଫୁଟାଇବା ଦ୍ୱାରା ଏହାର ପିଏଚ୍ ମାନ ବୃଦ୍ଧିପାଏ । ଏହାକୁ ପିଇବା ଦ୍ୱାରା ଏସିଡିଟି ସମସ୍ୟା ଦେଖାଯାଏ । ଅଧିକ ସମୟ ଫୁଟାଯାଇଥିବା ଚା' ପିଇବା ଦ୍ୱାରା ପାଚନ ସମସ୍ୟା ମଧ୍ୟ ଦେଖାଯାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚା'କୁ ଆଉଥରେ ଜଣେ ଗରମ କରି ପିଉଛନ୍ତି, ଏଥିରେ ଟେନିନ୍ ମାତ୍ରା ବୃଦ୍ଧି ପାଇ ରକ୍ତଚାପ ବୃଦ୍ଧି ହେବା ସମସ୍ୟା ଦେଖାଯାଏ । ଏହାବାଦ୍ ଚା'କୁ ଅଧିକ ସମୟ ଫୁଟାଇଲେ କ୍ଷୀରରେ ଥିବା ପୌଷ୍ଟିକ ତତ୍ତ୍ୱଗୁଡ଼ିକ ନଷ୍ଟ ହୋଇଯାଏ ।

ରାଶିଫଳ

ମେଷ: ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ । ଆର୍ଥିକ ସମସ୍ୟା ଦେଖାଦେବ । ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ । ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

ବୃଷ: ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

ମିଥୁନ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ନୂଆ କାର୍ଯ୍ୟ ଆରମ୍ଭ କରିବେ । ବିଦେଶ ଯାତ୍ରା ଯୋଗ ରହିଛି । ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ ।

କର୍କଟ: ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ । ନିବେଶରୁ ଲାଭ ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ । ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ସିଂହ: ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ । ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ବିବାହ ପ୍ରସ୍ତାବ ସ୍ଥିର ହେବ । ଦେବ କାର୍ଯ୍ୟରେ ମନୋଯୋଗ ଦେବେ ।

କନ୍ୟା: ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ।

ତୁଳା: କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ । ପାରିବାରିକ ବିବାଦ ଦେଖା ଦେବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

ବିଛା: ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ । ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ ।

ଧନୁ: କର୍ମ ଚଞ୍ଚଳ ରହିବେ । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ । ସମୟ ପୂର୍ବରୁ କାମ ଶେଷ କରିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

ମକର: ଆୟଠୁ ଅଧିକ ବ୍ୟୟ ହେବ । ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ । ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

କୁମ୍ଭ: ଧାର କରଜରୁ ଦୂରେଇ ରହିବେ । ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

ମୀନ: ଦିନଟି ବ୍ୟସ୍ତତା ଭିତରେ କଟିବ । ପରିବାରରେ ହସଖୁସିର ପରିବେଶ ରହିବ । ଖେଳାଳ

ନିଟ୍ ପ୍ରଶ୍ନପତ୍ର ଜାଲିଆତି ମାମଲା

ରାଜ୍ୟସଭାରେ ଗର୍ଜିଲା ବିଜେଡି

ସ୍ୱର ମିଳାଇଲେ ସମସ୍ତ ବିରୋଧୀ ସାଂସଦ

ପ୍ରତିବାଦ ଜଣାଇ ଅଚେତ ହେଲେ ମହିଳା ସାଂସଦ

ସମସ୍ତଙ୍କ ସହ କଲେ କକ୍ଷ ତ୍ୟାଗ

ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରୁଛି ଦଳ

ଭୁବନେଶ୍ୱର, ୨୮।୬ (ସମିସ): ଏକ ପ୍ରଭାବୀ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ବିଜୁ ଜନତା ଦଳ (ବିଜେଡି) ଆଜି ରାଜ୍ୟସଭାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ନିଟ୍ ପ୍ରଶ୍ନପତ୍ର ଜାଲିଆତି ମାମଲାରେ କେନ୍ଦ୍ର ସରକାରଙ୍କୁ ଜବାବ୍ ତଲବ କରିଛି ବିଜେଡି। ଆଜି ଏହି ମାମଲାରେ ବିଜେଡି ସାଂସଦମାନେ ସଂସଦରେ ତୀବ୍ର ପ୍ରତିବାଦ ଜଣାଇଥିଲେ। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଗୃହରେ ଆଲୋଚନା ହେଉ ବୋଲି ସେମାନେ ଦାବି ଜଣାଇଥିଲେ। ଏଥିରେ ସୁଫଳ ନମିଳିବାରୁ ସେମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପୁନର୍ବାର ଦାବି କରିଥିଲେ। କିନ୍ତୁ ଏଥିପ୍ରତି କର୍ଣ୍ଣପାତ କରାନଯିବାରୁ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ଘଟଣାରେ ଓଡ଼ିଶା ସମେତ ଦେଶର ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିବାରୁ ଏହା ଉପରେ ସଂସଦରେ ଆଲୋଚନା ହେଉବୋଲିବିଜେଡି ସାଂସଦମାନେ ଯୁକ୍ତି ବାଢ଼ିଥିଲେ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏତେ ବଡ଼ ଘଟଣା ଉପରେ ସ୍ୱଷ୍ଟୀକରଣ ରଖିବା ଜରୁରୀ ବୋଲି ସେମାନେ କହିଥିଲେ। ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ନିଜ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ଏହି ସୂଚନା ଦେଇଛନ୍ତି।

ବିଜେଡି ସାଂସଦମାନେ ଦୁଇ ଦୁଇ ଥର ଗୃହର ମଧ୍ୟଭାଗକୁ ଯାଇ ଆଲୋଚନା ପାଇଁ ଦାବି କରିବା ସତ୍ତ୍ୱେ ସେଥିପାଇଁ ଅନୁମତି ମିଳି ନଥିଲା। ତେବେ ଏହା ପରେ ପରେ ରାଜ୍ୟ ସଭାରେ ସମସ୍ତ ବିରୋଧୀ ଦଳର ସାଂସଦମାନେ ବିଜେଡି ସାଂସଦଙ୍କ ସମର୍ଥନରେ ବାହାରିଥିଲେ। ଏପରି ଏକ ଜଘନ୍ୟ କାଣ୍ଡରେ କେବଳ ଛାତ୍ରଛାତ୍ରୀ ନୁହଁନ୍ତି, ସେମାନଙ୍କ ପରିବାର ସଦସ୍ୟମାନେ ବି ମାନସିକ ଦୁଃଶ୍ଚିନ୍ତା ଦେଇ ଗତି କରୁଛନ୍ତି। ସେମାନଙ୍କ ଭବିଷ୍ୟତ ସହ କେନ୍ଦ୍ର ସରକାର ଖେଳୁଛନ୍ତି। ତେଣୁ ଏହି ପ୍ରସଙ୍ଗରେ ଆଲୋଚନା ହେବା ଜରୁରୀ ବୋଲି ବିରୋଧୀ ଦଳର ସଦସ୍ୟମାନେ ଦାବି କରିଥିଲେ। ଏହି ପ୍ରତିବାଦ ଭିତରେ ସାଂସଦ ଫୁଲୋ ଦେବୀ ନେତାମ୍ ଗୃହର ମଧ୍ୟ ଭାଗରେ ଅଚେତ ମଧ୍ୟ ହୋଇଯାଇଥିଲେ। ଏହା ସତ୍ତ୍ୱେ ଆଲୋଚନା ନ ହେବାରୁ ସେମାନେ ଗୃହ ମୁଲତବୀ ପାଇଁ ଦାବି ଜଣାଇଥିଲେ। ଶେଷରେ କ୍ଷୋଭ ପ୍ରକାଶ କରି ବିଜେଡି ସହିତ ସମସ୍ତ ବିରୋଧୀ ଦଳର ସାଂସଦମାନେ କକ୍ଷ ତ୍ୟାଗ କରି ପ୍ରତିବାଦ ଜଣାଇଥିଲେ।

ଗତ ୨୪ ତାରିଖରେ ବିଜେଡି ସଂସଦୀୟ ଦଳ ବୈଠକରେ ଦଳର ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ସଂସଦରେ ବିଜୁ ଜନତା ଦଳ ଏଥର ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳର ଭୂମିକା ନିର୍ବାହ କରିବ। ବିଜେଡି ଏକ ଶକ୍ତିଶାଳୀ ଓ ଉତ୍ତରଦାୟୀ ଦଳ ଭାବେ ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରିବ। ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଦିଲ୍ଲୀ ଦରବାରରେ ଲଢ଼େଇ କରି ଆସୁଛି ଏବଂ ଆଗକୁ ମଧ୍ୟ ଦୁର୍ବାର ଲଢ଼େଇ ଜାରି ରହିବ।

ଆଗାମୀ ଦିନରେ ସଂସଦରେ ବିଜେଡି ସାଢ଼େ ଚାରି କୋଟି ଲୋକଙ୍କ ସ୍ୱର ହେବ। ବିଜେଡି ଏକ ଶକ୍ତିଶାଳୀ ଓ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବାରେ ସାମାନ୍ୟତମ ଅବହେଳା କରିବ ନାହିଁ। ଆଜି ବି ଓଡ଼ିଶା ଅନେକ ନ୍ୟାୟସଂଗତ ଓ ଯଥାର୍ଥ ଦାବି ପୂରଣ ପାଇଁ ଲଢ଼େଇ କରୁଛି। ଏହି ଦାବିଗୁଡ଼ିକ କେନ୍ଦ୍ର ସରକାର ଯେପରି ଶୀଘ୍ର ପୂରଣ କରିବେ, ତାହା ବିଜେଡି ସାଂସଦମାନେ ସୁନିଶ୍ଚିତ କରିବେ ବୋଲି ବିଜେଡି ସୁପ୍ରିମୋ ଦଳର ସାଂସଦମାନଙ୍କୁ ଆହ୍ୱାନ ଜଣାଇଥିଲେ। ଏହି କ୍ରମରେ ବିଜେଡି ଆଜି ନିଟ୍ ପ୍ରଶ୍ନପତ୍ର ଦୁର୍ନୀତି ମାମଲାରେ କେନ୍ଦ୍ର ସରକାରଙ୍କଠାରୁ ଜବାବ୍ ମାଗିଥିଲା।

ମୂଳଚାଲ ବେଳେ ୩ଜଣଙ୍କୁ ମାଡ଼ି ବସିଲା ବନ ବିଭାଗ

ହାତୀଦାନ୍ତ, ସମ୍ବର ଶିଙ୍ଗ ଓ ବଜ୍ରକାପ୍ତା କାତି ଜବତ

ବାଲେଶ୍ୱର/ନୀଳଗିରି, ୨୮।୬ (ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ଦହିସଡ଼ା ନିକଟରେ ବିଭିନ୍ନ ବନ୍ୟଜନ୍ତୁଙ୍କ ମୂଲ୍ୟବାନ ଅଙ୍ଗପ୍ରତ୍ୟଙ୍ଗ ପାଇଁ ବେଆଇନ ମୂଳଚାଲ ଚାଲିଥିବା ବେଳେ ବନବିଭାଗ ଚଢ଼ଉ କରି ମୋଟ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବନ ବିଭାଗ ହାତୀଦାନ୍ତ, କିଛି ବଜ୍ରକାପ୍ତା କାତି ଏବଂ ତିନୋଟି ସମ୍ବର ଶିଙ୍ଗ ଜବତ କରିଛି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଗଣମାଧ୍ୟମକୁ ଏ ସଂପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିନାହିଁ। କୁଲଡିହା ଓ ଚାନ୍ଦିପୁର ରେଞ୍ଜର ବନ ବିଭାଗ କର୍ମଚାରୀମାନେ ଆଜି ମିଳିତ ଭାବେ ଏହି ଚଢ଼ଉ କରିଥିଲେ।

ବାଲେଶ୍ୱର ଜିଲ୍ଲାର କୁଲଡିହାକୁ ଅଭୟାରଣ୍ୟର ମାନ୍ୟତା ମିଳିଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇ ରେଞ୍ଜ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ପଦପଦବୀରେ କର୍ମଚାରୀ ନିଯୁକ୍ତି ଦିଆଯାଇ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏତଦ୍ ଭିନ୍ନ ବନ୍ୟଜନ୍ତୁ ସୁରକ୍ଷା, ସଂରକ୍ଷଣ ପାଇଁ ମଧ୍ୟ ରାଜସ୍ୱ ଖର୍ଚ୍ଚ କରାଯାଉଛି। ମାତ୍ର ସମସ୍ତ ବନ୍ଦୋବସ୍ତ ଥାଇ ଶିକାରୀଙ୍କ କବଳରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ବିଭାଗ ବିଫଳ ହେଉଥିବା ଅଭିଯୋଗ ହେଉଛି।

ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସମ୍ପର୍କରେ ସମୀକ୍ଷା

ରାଜ୍ୟରେ ବର୍ଷାର ସ୍ଥିତି ଖୁବ୍ ଉଦ୍‌ବେଗଜନକ

ଭୁବନେଶ୍ୱର, ୨୮।୬(ସମିସ): ରାଜ୍ୟରେ ନିଅଣ୍ଟିଆ ବର୍ଷା ଯୋଗୁ ଧାନର ତଳି ପଡ଼ି ପାରୁ ନାହିଁ। ଏହି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପରେ ଜଳ ମଧ୍ୟ ଅଭାବ ରହିଛି। ପଶ୍ଚିମ ଓଡ଼ିଶାର ଅନେକ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରୁ ନଥିବା ବେଳେ ସେ ସବୁର କାର୍ଯ୍ୟକାରିତା ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ରାଜ୍ୟରେ ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କରି ପାଣିପାଗ ବିଭାଗର ପୂର୍ବାନୁମାନ ସମ୍ପର୍କିତ ସତର୍କ ସୂଚନା ଜନସାଧାରଣ ତଥା କୃଷକମାନଙ୍କ ନିକଟରେ କିପରି ଏହାର ବିଶ୍ୱସନୀୟତା ବୃଦ୍ଧି କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ପାଣିପାଗର ପୂର୍ବାନୁମାନ ସମ୍ପର୍କରେ ଚାଷୀମାନେ ଅବଗତ ହେଉଛନ୍ତି ନା ନାହିଁ। ଏହା ଦ୍ୱାରା କେତେ ଚାଷୀ ଉପକୃତ ହେଉଛନ୍ତି, ସେ ଦିଗରେ ଦୃଷ୍ଟିଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି କୃଷି ବିଭାଗ, ଜଳସମ୍ପଦ ବିଭାଗ ଓ ସମବାୟ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଦ୍ୱାରା ହିଁ ଚାଷ ଓ ଚାଷୀକୁଳର ଉନ୍ନତି ହୋଇପାରିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ସାର ଓ ବିହନସବୁ କିପରି ସୁବ୍ୟବସ୍ଥିତ ଭାବରେ ଚାଷୀମାନଙ୍କ ନିକଟରେ ପହଞ୍ଚାଯାଇ ପାରିବ ସେ ସମ୍ପର୍କରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏବେ ରାଜ୍ୟର ୩୧୪ଟି ବ୍ଲକରେ ବୃଷ୍ଟି ମାପକ ଯନ୍ତ୍ର ରହିଥିବାବେଳେ ଆଗାମୀ ଦିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏହି ବ୍ୟବସ୍ଥା କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ନିର୍ଦ୍ଦେଶକ ଓ ଭାରତୀୟ ପାଣିପାଗ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ।

ମେଗା ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ବିଶ୍ୱକପ୍ ମ୍ୟାଚ୍‌ରେ ବେଟିଂ; ୨ ଗିରଫ

ଦିଗପହଣ୍ଡି,୨୮।୬(ସମିସ): ଚଳିତ 'ଟି-୨୦' ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍‌ରେ ଅନ୍‌ଲାଇନ୍ ବେଟିଂ କରିବା ଅଭିଯୋଗରେ ଦିଗପହଣ୍ଡି ପୁଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୨ ହଜାର ଟଙ୍କା ଓ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗିରଫଦ୍ୱୟ ହେଲେ, ଦିଗପହଣ୍ଡି ରାଣୀସାହିର କୃଷ୍ଣ ସେଠୀ ଏବଂ ଦିଗପହଣ୍ଡି ଥାନା ନରେନ୍ଦ୍ରପୁର ଗ୍ରାମର ଶିବ ଓରଫ କେ.ସବିନୟ ରେଡ୍ଡି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଅନ୍ୟ ଜଣେ ଯୁବକ କୌଶଳକ୍ରମେ ଘଟଣା ସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ପୁଲିସ କହିଛି। ଗୁରୁବାର ଦିଗପହଣ୍ଡି ଜନତା ଲେନ୍‌ରେ ଚାଲିଥିବା ଏହି ଆଡ୍ଡାରେ ଆଇଆଇସି ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରିଥିଲା।

ଭୁବନେଶ୍ୱର ଏୟାରପୋର୍ଟର ଘରୋଇକରଣ

ରାଜ୍ୟବାସୀଙ୍କୁ ଡବଲ୍ ଇଞ୍ଜିନ୍ ସରକାରର ପ୍ରଥମ ଭେଟି: ଦାସବର୍ମା

ଭୁବନେଶ୍ୱର,୨୮।୬(ସମିସ):ଅହମ୍ମଦାବାଦ, ଲକ୍ଷ୍ନୌ, ମାଙ୍ଗାଲୋର, ଜୟପୁର, ଗୌହାଟୀ ଓ ତିରୁଅନନ୍ତପୁରମ୍; ଏହି ୬ଟି ବିମାନବନ୍ଦରର ଘରୋଇକରଣ ସରିଛି। ଆଦାନୀ ଗ୍ରୁପ୍ ୬ଟି ଯାକ ବିମାନବନ୍ଦର ପରିଚାଳନା କରୁଛି। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର, ଇନ୍ଦୋର, ବାରାଣସୀ, ଅମୃତସର, ରାୟପୁର ଓ ତିରୁଚିରାପାଲୀ ସହରରେ ଥିବା ବିମାନବନ୍ଦର ଘରୋଇକରଣ ମୁହାଁ। କୁହାଯାଉଛି ଯେ ନିର୍ବାଚନ ପୂର୍ବରୁ ମୋଦି ସରକାର ଏନେଇ ନିଷ୍ପତ୍ତି ନେଇଥିଲେ। ଖୁବ୍‌ଶୀଘ୍ର ସେହି ନିଷ୍ପତ୍ତିରେ କେନ୍ଦ୍ର କ୍ୟାବିନେଟ ମୋହର ବାଜିବ। ଏହା ଉପରେ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତଥା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରର ଘରୋଇକରଣ ଖବର ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। କାରଣ ଦ୍ୱିତୀୟ ପର୍ଯ୍ୟାୟରେ ଘରୋଇକରଣ ହେବାକୁ ଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଦେଶର ଶ୍ରେଷ୍ଠ ୨୦ ଲାଭଦାୟକ ବିମାନବନ୍ଦର ମଧ୍ୟରେ ଅନ୍ୟତମ। ଘରୋଇକରଣ ପରେ ବିମାନ ଭଡ଼ା ବଢ଼ିବା ସ୍ୱାଭାବିକ। ଲାଭରେ ଚାଲୁଥିବା ଏକ ବିମାନବନ୍ଦରର ପରିଚାଳନା ଭାର ଘରୋଇ ସଂସ୍ଥା ହାତକୁ ଟେକି ଦିଆଯିବା କେତେଦୂର ଯୁକ୍ତିସଂଗତ ତଥା ଏହା ଦ୍ୱାରା ରାଜ୍ୟର କି ସ୍ୱାର୍ଥ ସାଧିତ ହେବ, ତାହା ବାସ୍ତବିକ ଚିନ୍ତାର ବିଷୟ। ଓଡ଼ିଶାର ଜନସାଧାରଣ ନୂଆ ସରକାରଙ୍କ ଉପରେ ଖୁବ୍ ଆସ୍ଥା ପ୍ରକଟ କରିବା ପରେ ଏକ ଲାଭଦାୟକ ଏୟାରପୋର୍ଟକୁ ପିପିପି ମୋଡ୍‌ରେ ଚଳାଇବା ଅର୍ଥାତ୍ ପରୋକ୍ଷରେ ଏହାକୁ ଘରୋଇ କମ୍ପାନୀକୁ ବିକିଦେବା ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଡବଲ୍ ଇଞ୍ଜିନ୍ ସରକାରର ପ୍ରଥମ ଭେଟି ବୋଲି ବୁଝିବାକୁ ହେବ।

ମହିଳାଙ୍କୁ ମାଡ଼ ଘଟଣା

ଏଏସ୍‌ଆଇ ଓ କନଷ୍ଟେବଳ ନିଲମ୍ବିତ

ଭଦ୍ରକ, ୨୮।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ସମ୍ମୁଖରେ ଜଣେ ଦଳିତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ଘଟଣାରେ ଗତକାଲି ୩ ଜଣ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ସହ ଜିଲ୍ଲା କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ଆଜି ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଡୁପାଲିଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦବାଲି ଥାନା ଏଏସ୍‌ଆଇ ନେପାଳ ସାହା ଓ କନଷ୍ଟେବଳ ରବୀନ୍ଦ୍ର ସେଠୀଙ୍କୁ ନିଲମ୍ବନ କରାଯାଇଥିବା ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ଥାଉକି, ନିଜ ସ୍ୱାମୀଙ୍କୁ ଦେଖା କରିବାକୁ ନିଜ ଦୁଇ ଛୋଟ ଛୁଆଙ୍କ ସହ ଚାନ୍ଦବାଲି ଥାନାକୁ ଯାଇଥିଲେ ଏନଏସି ଅଞ୍ଚଳର ମିତା ସେଠୀ। ସେଠାରେ ପଡ଼ିଥିବା ଏକ ଚପଲ ଖୋଳକୁ ନେଇ ପୁଲିସ କନଷ୍ଟେବଳ ରବୀନ୍ଦ୍ର ସେଠୀଙ୍କ ସହ ମିତାଙ୍କର ଯୁକ୍ତିତର୍କ ହୋଇଥିଲା। ତା'ପରେ ୩ଜଣ ପୁଲିସ କର୍ମଚାରୀ ଅତ୍ୟନ୍ତ ଅମାନୁଷିକ ଭାବେ ଉକ୍ତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିଥିଲେ। ଉକ୍ତ ଘଟଣାର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ମିତା ସେଠୀ ମଧ୍ୟ ୩ଜଣ ପୁଲିସ କର୍ମଚାରୀ ଏଏସ୍‌ଆଇ ନେପାଳ ସାହା, କନଷ୍ଟେବଳ ରବୀନ୍ଦ୍ର ସେଠୀ ଏବଂ ଜଣେ ହୋମଗାର୍ଡଙ୍କ ନାମରେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

■ **ମୃତ୍ୟୁକାଳୀନ ସହାୟତା ରାଶି ବାଟମାରଣା ପ୍ରସଙ୍ଗ**

ଜିଲ୍ଲା ଶ୍ରମ ଅଧିକାରିଣୀ ଜସ୍ମିନ ସାହୁ ନିଲମ୍ବିତ

ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୪ ଜଣିଆ ଭିଜିଲାନ୍ସ ଟିମ୍

ରାୟଗଡ଼ା, ୨୮।୬ (ସମିସ): ମୃତ୍ୟୁକାଳୀନ ସହାୟତା ରାଶି ବାଟମାରଣା ପ୍ରସଙ୍ଗରେ ରାୟଗଡ଼ା ଜିଲ୍ଲା ଶ୍ରମ ଅଧିକାରିଣୀ ଜସ୍ମିନ୍ ସାହୁଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟ ଶ୍ରମ ବିଭାଗର ଦୁଇ ଜଣିଆ ଟିମ୍ ଖୋଳତାଡ଼ କରିବା ପରେ ଶ୍ରମ କମିସନରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବିତ କରାଯାଇଥିବା ଜଣାଯାଇଛି। ରାଜ୍ୟ ଶ୍ରମ ମୁଖ୍ୟାଳୟରେ ରହିବା ପାଇଁ ତାଙ୍କୁ ନିର୍ଦ୍ଦେଶ ହୋଇଛି।

ଶୁକ୍ରବାର ରାୟଗଡ଼ା ଉପଖଣ୍ଡ ଦୁର୍ନୀତି ନିବାରଣ ବିଭାଗ ଇନ୍ସପେକ୍ଟର ତରୁଲତା ବେହେରାଙ୍କ ନେତୃତ୍ୱରେ ଏଏସଆଇ କେ.ଲୋକନାଥ ଦୋରା, ଭିଏସ ଏସ.ଶର୍ମା ଓ ଆନନ୍ଦ ବେହେରା ୪ ଜଣିଆ ଭିଜିଲାନ୍ସ ଟିମ୍ ରାୟଗଡ଼ା ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣଠାରୁ ଆରମ୍ଭ କରି ମିଳୁଥିବା ବିଭିନ୍ନ ସହାୟତା ରାଶି କେଉଁସବୁ ପଦ୍ଧତିରେ ପ୍ରଦାନ କରାଯାଉଛି, ସେ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜ ଏବଂ ଅନ୍ୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ସମୟ ପର୍ଯ୍ୟନ୍ତ ଶ୍ରମ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଉପସ୍ଥିତ ରହିଥିଲେ।

ବହୁଚର୍ଚ୍ଚିତ ଗତିକୃଷ୍ଣ ହତ୍ୟା ମାମଲାର ରାୟପ୍ରକାଶ

ପତ୍ନୀ ଓ ପ୍ରେମିକଙ୍କୁ ଆଜୀବନ

ସୁନ୍ଦରଗଡ଼, ୨୮।୬(ସମିସ): ୨୦୧୩ରେ ସୁନ୍ଦରଗଡ଼ ଟାଉନ ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଗତିକୃଷ୍ଣ ପୁରୋହିତ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମାମଲାର ବିଚାର କରି ଗତିକୃଷ୍ଣଙ୍କ ପତ୍ନୀ ସିତୁ ପଣ୍ଡା (୩୭) ଓ ସିତୁଙ୍କ ପ୍ରେମିକ ବିଶ୍ୱରଞ୍ଜନ ଗୁପ୍ତା (୪୩)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ସେହିପରି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗତିକୃଷ୍ଣଙ୍କ ଝିଅଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରାହ୍ମଣପଡ଼ାର ଗତିକୃଷ୍ଣଙ୍କ ପତ୍ନୀ ସିତୁ ଓ ବିଶ୍ୱରଞ୍ଜନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଗତିକୃଷ୍ଣ ଏହାକୁ ବିରୋଧ କରିବାରୁ ସିତୁ ଓ ବିଶ୍ୱରଞ୍ଜନ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୦୧୩ ଅକ୍ଟୋବର ୧୯ ରେ ସେମାନେ ଗତିକୃଷ୍ଣଙ୍କୁ ଭେଡ଼ାବାହଲ ଛକକୁ ନେଇ ଛୁରି ଭୁସି ହତ୍ୟା କରିଥିଲେ। ପରେ ସେମାନେ ଗତିକୃଷ୍ଣଙ୍କ ମୃତଦେହ ନେଇ ହେମଗିରି ଥାନା ଅନ୍ତର୍ଗତ ଧନୁ ବାଉଁଶ ଜଙ୍ଗଲରେ ପୋତି ଦେଇଥିଲେ। ଘଟଣାକୁ ଭିନ୍ନ ରୂପ ଦେବାକୁ ଯାଇ ସିତୁ ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ କଲ୍-ଡିଟେଲ୍ସ ରେକର୍ଡରୁ ମାମଲାର ପର୍ଦ୍ଦାଫାସ କରିବାରେ ସକ୍ଷମ ହୋଇଥିଲା ପୁଲିସ। ସରକାରୀ ଓକିଲ ଦିଲୀପ କୁମାର ମୁର୍ମୁ ମାମଲା ପରିଚାଳନା କରୁଥିଲେ।

WELCOME WELCOME WELCOME
9th BHUBANESWAR
INTERNATIONAL
TRADE
FAIR
2024
21

ମାର୍ଚ୍ଚରେ ଉଦ୍‌ଘାଟନ କରିଥିଲେ ପ୍ରଧାନମନ୍ତ୍ରୀ !

ଦିଲ୍ଲୀ ବିମାନବନ୍ଦର ଛାତ ଭୁଶୁଡ଼ି ଜଣେ ମୃତ

■ ଦବି ରହିଛି ଅନେକ କାର୍: ବିମାନ ଉଡ଼ାଣ ସ୍ଥଗିତ
■ ବିରୋଧୀ-ଶାସକ ଦୋଷ ଲଦାଲଦି

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ମଧ୍ୟପ୍ରଦେଶର ଡୁମନା ବିମାନବନ୍ଦର ପରେ ଶୁକ୍ରବାର ସକାଳ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ) ରେ ବଡ଼ ଦୁର୍ଘଟଣା ଘଟିଛି। ଦିଲ୍ଲୀ-ଏନ୍‌ସିଆରରେ ବର୍ଷା ଯୋଗୁଁ ବିମାନବନ୍ଦରର ଟର୍ମିନାଲ-୧ର ପାର୍କିଂ ଛାତ ଭୁଶୁଡ଼ି ଯାଇଛି। ଏହି ଦୁର୍ଘଟଣାରେ କାର୍‌ରେ ବସିଥିବା କ୍ୟାବ୍ ଡ୍ରାଇଭର ରମେଶ କୁମାର (୪୫)ଙ୍କ ମୃତ୍ୟୁ ହୋଇଛି। ୮ ଜଣ ମଧ୍ୟ ଆହତ ହୋଇଛନ୍ତି। ମେଦାନ୍ତା ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଜାରି ରହିଛି। ଅନେକ ଗାଡ଼ି ଅବଶେଷ ତଳେ ଦବି ରହିଛି। ଏହି ଦୁର୍ଘଟଣାକୁ ନେଇ ଯାତ୍ରୀ ଭୟଭତୀ ହୋଇଯାଇଛନ୍ତି। ଏକ ନମ୍ବର ଟର୍ମିନାଲରୁ ବିମାନ ପରିଚାଳନାକୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀ ଦମକଳ ବାହିନୀ, ପୁଲିସ, ସିଆଇଏସ୍‌ଏଫ୍ ଏବଂ ଏନ୍‌ଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଦମକଳ ବାହିନୀର ସୂଚନା ଅନୁଯାୟୀ ଛାତର ଓଜନ ବହୁତ ଅଧିକ ଥିଲା। ଛାତ ସହିତ ଲୁହାର ତିନୋଟି ଖମ୍ବ ଗାଡ଼ିଗୁଡ଼ିକ ଉପରେ ଖସି ପଡ଼ିଥିଲା। ଏଥିରେ ଅନେକ ଗାଡ଼ି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଏହାର ଫଟୋ ଏବଂ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଏତଲା ରୁଜୁ କରାଯାଇଛି। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୩ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ବେସାମରିକ ବିମାନ ଚଳାଚଳ ବିଭାଗର ମହାନିର୍ଦ୍ଦେଶକଙ୍କୁ ବିମାନବନ୍ଦରର ଢ଼ାଞ୍ଚାର ପରୀକ୍ଷା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବେସାମରିକ ବିମାନ ଚଳାଚଳ ବିଭାଗର ମନ୍ତ୍ରୀ ରାମ ମୋହନ ନାଇଡୁ ଦୁର୍ଘଟଣାସ୍ଥଳ ପହଞ୍ଚି ସ୍ଥିତି ଆକଳନ କରିଛନ୍ତି ଓ ହସ୍‌ପିଟାଲ୍ ଯାଇ ଆହତଙ୍କୁ ଭେଟିଛନ୍ତି। ଯାତ୍ରୀଙ୍କ ଟଙ୍କା ଫେରାଇବା ପାଇଁ ଏୟାରଲାଇ ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ତଦନ୍ତ ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ଏକ କମିଟି ଗଢ଼ିଛନ୍ତି।

ଅନ୍ୟପକ୍ଷରେ ଏହି ଦୁର୍ଘଟଣାକୁ ନେଇ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଚଳିତ ବର୍ଷ ମାର୍ଚ୍ଚ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟର୍ମିନାଲ ଉଦ୍‌ଘାଟନ କରିଥିଲେ। ଏହାର ଛାତ ଭୁଶୁଡ଼ିବାରୁ ଏଭଳି ହୋଇଛି। ତିନି ମାସ ତଳେ ପ୍ରଧାନମନ୍ତ୍ରୀ ଜବଲପୁର ବିମାନବନ୍ଦର ମଧ୍ୟ ଉଦ୍‌ଘାଟନ କରିଥିଲେ। ଦିନକ ତଳେ ଏହାର ଛାତ ମଧ୍ୟ ଭୁଶୁଡ଼ି ଯାଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ମାର୍ଚ୍ଚ ୧୦ରେ ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରି ନିଜକୁ ଅନ୍ୟ ମାଟିରେ ତିଆରି ମଣିଷ କହିଥିଲେ। ନିର୍ବାଚନ ପୂର୍ବରୁ ରିବନ କାଟିବା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଏ ସବୁ କରାଯାଇଥିଲା। ବିମାନବନ୍ଦର ଛାତ ଭୁଶୁଡ଼ିବା, ଅଯୋଧ୍ୟାର ନୂଆ ରାସ୍ତାରେ ପାଣି ଜଣା ହେବା, ରାମ ମନ୍ଦିରରେ ପାଣି ଗଳିବା, ଅଟଳ ଟନେଲରେ ଫାଟ, ୨୦୨୪ରେ ବିହାରର ୧୩ ପୋଲ, ପ୍ରଗତି ମୈଦାନର ସୁଡ଼ଙ୍ଗ ବୁଡ଼ିବା, ମୋର୍ବି ଦୁର୍ଘଟଣା ମୋଦୀ ଏବଂ ବିଜେପିର ବଡ଼ ବଡ଼ ଦାବିର ଉଦାହରଣ। ସେହିପରି ଏହା ବିଜେପିର 'ଚାନ୍ଦା ନିଅ ଏବଂ କାମ ଦିଅ'ର ଦୁର୍ନୀତିଗ୍ରସ୍ତ ମଡେଲକୁ ଦର୍ଶାଉଛି ବୋଲି ପ୍ରିୟଙ୍କା ଭଦ୍ରା କହିଛନ୍ତି।

ତେବେ ମନ୍ତ୍ରୀ ନାଇଡୁ କଂଗ୍ରେସକୁ ନିଶାଣ କରି କହିଛନ୍ତି ଯେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ଟର୍ମିନାଲ-୧ ନିର୍ମାଣ କରାଯାଇଥିଲା। ଏବେ ଏହାର ଛାତ ଭୁଶୁଡ଼ି ଯାଇଛି।

ପ୍ରଥମ ବର୍ଷାରେ ବୁଡ଼ିଲା ଦିଲ୍ଲୀ

ନୂଆଦିଲ୍ଲୀ: ଦିଲ୍ଲୀ-ଏନ୍‌ସିଆରରେ ଗୁରୁବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି। ଏହି ବର୍ଷାରେ ରାଷ୍ଟ୍ରୀୟ ରାଜଧାନୀ ବେହାଲ ହୋଇଯାଇଛି। ରାସ୍ତାଘାଟରେ ୪-୫ ଫୁଟ ପାଣି ଜମା ହୋଇ ରହିଛି। ଏଥିଯୋଗୁଁ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି। ରାସ୍ତାରେ ଡଙ୍ଗା ଚାଲିଛି। ଅନେକ ଅଞ୍ଚଳରେ ଟ୍ରାଫିକ ପ୍ରଭାବିତ ହୋଇଛି, ଫଳରେ ହଜାର ହଜାର ଗାଡ଼ି ରାସ୍ତାରେ ଅଟକି ରହିଛି। ମେଟ୍ରୋ ଷ୍ଟେସନର ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାରକୁ ବନ୍ଦ କରିଦିଆଯାଇଛି। ଗୁରୁବାର ସକାଳ ୮ଟା୩୦ରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ୨୨୮ ଏମଏମ ବର୍ଷା ହୋଇଛି। ଏହା ଗତ ୮୮ ବର୍ଷର ରେକର୍ଡ ଭାଙ୍ଗି ଦେଇଛି। ଦିଲ୍ଲୀ ଜଳମନ୍ତ୍ରୀ ଆତିଶୀ ମାର୍ଲେନାଙ୍କ କଲୋନୀ ମଧ୍ୟ ଏଥିରୁ ବର୍ତ୍ତି ପାରିନାହିଁ। ତାଙ୍କ କଲୋନୀ ଜଳମୟ ହୋଇଯାଇଛି। ଏହି ବର୍ଷା ବିକାଶର ଅସଲ ଚିତ୍ରକୁ ପଦାରେ ପକାଇ ଦେଇଛି। ସହରର ଭିତ୍ତିଭୂମିର ଚିତ୍ରକୁ ଏହି ବର୍ଷା ଛାରଖାର କରିଦେଇଛି। ମଣ୍ଡି ହାଉସରେ ୩ ଫୁଟ ପାଣି ଜମି ଥିବା ଯୋଗୁଁ ରାସ୍ତା ବନ୍ଦ ରହିଛି। ସେହିପରି ଅଶୋକା ରୋଡ, ଫିରୋଜ ଶାହା ରୋଡ, କନଟପ୍ଲେସ, ମୁଲଚାନ୍ଦ ଏବଂ ଦିଲ୍ଲୀର ଅନ୍ୟ ସ୍ଥାନରେ ପାଣି ଜମି ରହିଛି।

● ନକଲି ମହିଳା ଏସ୍‌ଆଇ

ପରୀକ୍ଷା ପାସ୍ ନ କରି ନେଉଥିଲେ ପ୍ରଶିକ୍ଷଣ

ଜୟପୁର, ୨୮।୬ (ଏଜେନ୍ସି): ନିଟ୍ ଏବଂ ନେଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଦେଶରେ ହଙ୍ଗାମା ଜାରି ରହିଥିବାବେଳେ ରାଜସ୍ଥାନରୁ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ପାସ୍ ନ କରି ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ଭାବେ ରାଜସ୍ଥାନ ପୁଲିସ ଏକାଡେମି (ଆରପିଏ)ରେ ପ୍ରଶିକ୍ଷଣ ନେଉଥିବା ମୋନା ବୁଗାଲିଆ ଓରଫ ମୁଲିଙ୍କୁ ଚିହ୍ନଟ କରାଯାଇଛି। ଏହା ଜଣାପଡ଼ିବା ପରଠାରୁ ନାଗୌର ଜିଲ୍ଲା 'ନିମ୍ବା କେ ବାସ୍'ର ବାସିନ୍ଦା ମୋନା ଫେରାର ଅଛନ୍ତି। ପୁଲିସ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଘରେ ଚଢ଼ଉ କରିଛି। ଏହି ସମୟରେ ପୁଲିସ ପୋଷାକ, ପରୀକ୍ଷା ପ୍ରଶ୍ନପତ୍ର ଏବଂ ୭ ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଡିସିପି (ଉତ୍ତର) ରାଶି ଡୁଡି ଏହି ସୂଚନା ଦେଇଛନ୍ତି।

ଜାଫରକୁ ଗିରଫ କଲା ଇଡି

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଡ୍ରଗ୍ସ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଡିଏମକେ ନେତା ଜାଫର ସାଦିକକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ତିହାର ଜେଲ୍‌ରେ ସାଦିକକୁ ଜେରା କରାଯାଇଛି। ଏଠାରେ ସେ ଏନ୍‌ଡିପିଏସ୍ ମାମଲାରେ ବନ୍ଦୀ ଅଛି। କୋର୍ଟରେ ଉପସ୍ଥାପନ କରିବା ପରେ ଇଡି ତାକୁ ରିମାଣ୍ଡରେ ନେବ। ସୂଚନା ଅନୁଯାୟୀ ୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରାୟ ୩,୫୦୦ କେଜିର ସ୍ୟୁଡୋଏଫେଡ୍ରିନ ଚୋରାଚାଲାଣ ମାମଲାରେ ଏନ୍‌ସିବି ମାର୍ଚ୍ଚରେ ସାଦିକକୁ ଗିରଫ କରିଥିଲା। ସେ ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରାଚାଲାଣ ର୍ୟାକେଟର ମାଷ୍ଟରମାଇଣ୍ଡ ବୋଲି ଇଡି ପକ୍ଷରୁ ଦାବି କରାଯାଇଛି। ସେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡକୁ ଡ୍ରଗ୍ସ ଚୋରାଚାଲାଣ କରୁଥିବା ଜଣାପଡ଼ିଛି।

ପେରୁରେ ୭.୨ ତୀବ୍ରତାର ଭୂକମ୍ପ

ଲିମା, ୨୮।୬ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ଶୁକ୍ରବାର ଦ୍ୱିପହର ୧୨ଟା ୩୬ରେ ବଡ଼ଧରଣର ୭.୨ ତୀବ୍ରତାର ଭୂକମ୍ପ ହୋଇଛି। ଏହାକୁ ନେଇ ଭୟର ବାତାବରଣ ଖେଳିଯାଇଛି। ସମୁଦ୍ରରେ ବଡ଼ ବଡ଼ ଲହରୀ ଆସିବାରୁ ସୁନାମୀ ଚେତାବନୀ ମଧ୍ୟ ଜାରି କରାଯାଇଛି। ପଶ୍ଚିମ ପେରୁର ଏଟିକ୍ୟୁଇପାରୁ ୮ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା ବୋଲି ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି।

ଟ୍ରକ୍‌କୁ ଧକ୍କାଦେଲା ଭ୍ୟାନ୍; ୧୩ ମୃତ

ବେଙ୍ଗାଲୁରୁ, ୨୮।୬ (ଏଜେନ୍ସି): କର୍ଣ୍ଣାଟକ ହାଭେରି ଜିଲ୍ଲା ବୟାଦାଗି ହାଇୱେ ନିକଟରେ ଶୁକ୍ରବାର ବଡ଼ି ଭୋରରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଭ୍ୟାନ୍ ଧକ୍କା ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଭ୍ୟାନ୍‌ରେ ମୋଟ ୧୭ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଡ୍ରାଇଭରର ଆଖି ଲାଖିଯିବା ଯୋଗୁଁ ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଅମରନାଥ ଯାତ୍ରା ଶୁଭାରମ୍ଭ

ଜମ୍ମୁ, ୨୮।୬(ଏଜେନ୍ସି): ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଆଜି ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁ ବେସ୍ କ୍ୟାମ୍ପ ପହଞ୍ଚି ପତାକା ଦେଖାଇ ପ୍ରଥମ ବ୍ୟାଚ୍ ତୀର୍ଥଯାତ୍ରୀଙ୍କୁ ଯାତ୍ରାରେ ଛାଡ଼ିଛନ୍ତି। ଯାତ୍ରୀଙ୍କ ପାଇଁ କଡ଼ା ସୁରକ୍ଷାର ବ୍ୟବସ୍ଥା ସାଙ୍ଗକୁ ଯାତ୍ରା ପଥରେ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧା ନ ଭୋଗିବେ ତାହା ଜମ୍ମୁ-କାଶ୍ମୀର ପ୍ରଶାସନ ସୁନିଶ୍ଚିତ କରିଛି। ଯାତ୍ରୀମାନେ ପ୍ରଥମେ ପହେଲଗାଓଁରେ ପହଞ୍ଚି ସେଠାରୁ ଅମରନାଥ ଯିବେ। ଯାତ୍ରାରେ ଯେପରି ବିଘ୍ନ ନଘଟେ ସେଥିପାଇଁ ରାଜପଥରେ ଉଦ୍ଧମପୁରରୁ ବନିହାଲ ମଧ୍ୟରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଛି।

୫ ମାସ ପରେ ମୁକୁଳିଲେ ହେମନ୍ତ

କୌଣସି ପ୍ରମାଣ ନାହିଁ କହିଲେ ହାଇକୋର୍ଟ

ରାଞ୍ଚି, ୨୮।୬(ଏଜେନ୍ସି): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସେରେନଙ୍କୁ ଆଜି ଝାଡ଼ଖଣ୍ଡ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଜମି ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗତ ଜାନୁଆରୀ ୩୧ରେ କେନ୍ଦ୍ରୀୟ ଯାଞ୍ଚ୍ ଏଜେନ୍ସି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଗିରଫ କରିଥିଲା। ଇଡିର ଅଭିଯୋଗ ଅନୁଯାୟୀ, ସୋରେନ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ କ୍ଷମତାର ଦୁରୁପଯୋଗ କରି ରାଞ୍ଚିରେ ୮.୮୬ ଏକର ମୂଲ୍ୟବାନ ଜମି ହାତେଇ ନେଇଥିଲେ। ଝାଡ଼ଖଣ୍ଡ ହାଇକୋର୍ଟ ସୋରେନଙ୍କ ଜାମିନ ଆବେଦନର ଶୁଣାଣି ଗତ ୧୩ ତାରିଖରେ ସାରି ରାୟ ସଂରକ୍ଷିତ ରଖିଥିଲେ। ହାଇକୋର୍ଟ ତାଙ୍କ ରାୟରେ ଲେଖିଛନ୍ତି, ସୋରେନ କୌଣସି ବେଆଇନ କାର୍ଯ୍ୟ କରିନଥିବା ଆପାତତଃ ଜଣାପଡୁଛି। ତାଙ୍କ ବିରୋଧରେ ମଧ୍ୟ କୌଣସି ପ୍ରମାଣ ନାହିଁ। ଜାମିନ ପାଇଲେ ସେ କିଛି ଭୁଲ କରିବେ, ତା'ର ସମ୍ଭାବନା ମଧ୍ୟ ନାହିଁ। ସୋରେନ ଆଜି ରାଞ୍ଚିର ବିର୍ସା ମୁଣ୍ଡା କେନ୍ଦ୍ରୀୟ ଜେଲ୍‌ରୁ ମୁକୁଳିଛନ୍ତି। ପତ୍ନୀ କଳ୍ପନା ସୋରେନ ତାଙ୍କୁ ଆଣିବାକୁ ଯାଇଥିଲେ। ବାହାରିବା ପରେ ସୋରେନ କହିଥିଲେ ଯେ ସୁନିୟୋଜିତ ଭାବେ ଲୋକଙ୍କ ସ୍ୱରକୁ ଚପା ଯାଉଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଜେଲ୍‌ରେଅଛନ୍ତି। ମନ୍ତ୍ରୀଙ୍କୁ ଜେଲ୍‌ରେଭର୍ତ୍ତି କରାଯାଉଛି। ନ୍ୟାୟପ୍ରକ୍ରିୟା ଏତେ ବିଳମ୍ବିତ ଯେ ନ୍ୟାୟ ମିଳିବାକୁ ଅନେକ ମାସ ଲାଗିଯାଉଛି। ଆଜି କୋର୍ଟ ଦେଇଥିବା ଆଦେଶକୁ ସମସ୍ତେ ଦେଖିବା ଉଚିତ।

ରୁଷ୍-ଭାରତ ଦ୍ୱିପାକ୍ଷିକ ଶୀର୍ଷ ସମ୍ମିଳନୀ

ଜୁଲାଇରେ ଦୁଇଦିନିଆ ରୁଷ ଗସ୍ତରେ ଯିବେ ମୋଦୀ

ନୂଆଦିଲ୍ଲୀ,୨୮।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ ୮ଓ ୯-ଦୁଇ ଦିନିଆ ମସ୍କୋ ଗସ୍ତରେ ଯାଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ୟୁକ୍ରେନ ସହ ରୁଷର ଯୁଦ୍ଧ ଘନଘଟା ବଢ଼ିବ, କାରଣ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଇଟାଲୀରେ ସଦ୍ୟ ସମାପ୍ତ ଜି-୭ ଶୀର୍ଷ ସମ୍ମିଳନୀରେ ୟୁକ୍ରେନକୁ ୫୦ ବିଲିଅନ୍ ଡଲାର ମୂଲ୍ୟର ଯୁଦ୍ଧାସ୍ତ୍ର, କ୍ଷେପଣାସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟ ଥମିବାର ସମ୍ଭାବନା ନାହିଁ। ୨୦୨୫ ଜାନୁଆରୀରେ ପାକିସ୍ତାନ ହେବ ଜାତିସଂଘ ନିରାପତ୍ତା ପରିଷଦର ସଦସ୍ୟ। ତା'ର ସଦସ୍ୟତା ଦୁଇବର୍ଷ ପାଇଁ ରହିବ। ସେତେବେଳେ ପାକିସ୍ତାନ ଓ ଚୀନ ମିଶି ଜମ୍ମୁ-କାଶ୍ମୀରକୁ ନେଇ ଭାରତ ବିରୋଧରେ ନିରାପତ୍ତା ପରିଷଦରେ କିଛି ପ୍ରସ୍ତାବ ପାସ୍ କରାଇବାକୁ ଉଦ୍ୟତ ହୋଇପାରନ୍ତି। ପୁଣି ଜେନେଭାସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ପରିଷଦରୁ ଭାରତ ବାହାରିଯିବାକୁ ଥିବାରୁ ଭାରତରେ ମାନବାଧିକାର କ୍ଷୁଣ୍ଣ ହେଇଥିବା ଅଭିଯୋଗ ମଧ୍ୟ ଚୀନ ଓ ପାକିସ୍ତାନ ଉଠାଇପାରନ୍ତି। ଏସବୁ ସମ୍ଭାବ୍ୟ ଅନ୍ତରାୟର ମୁକାବିଲା ପାଇଁ ରଣକୌଶଳ କ'ଣ ହେବା ଆବଶ୍ୟକ ଓ ରୁଷଠାରୁ ଭାରତକୁ କେଉଁ ପ୍ରକାର ସହଯୋଗ ଓ ସହାୟତା ମିଳିପାରିବ ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ପୁତିନଙ୍କ ସହ ବିସ୍ତୃତ ଆଲୋଚନା କରିବେ।

ବିକ୍ରମ ମିଶ୍ରି ହେବେ ନୂଆ ବିଦେଶ ସଚିବ

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି): ବିକ୍ରମ ମିଶ୍ରି ହେବେ ବୈଦେଶିକ ବ୍ୟାପାର ବିଭାଗର ନୂଆ ସଚିବ। ସେ ୧୯୮୯ ବ୍ୟାଚ୍ ଆଇଏଫ୍‌ଏସ୍ ଅଫିସର। କେନ୍ଦ୍ର କ୍ୟାବିନେଟ୍‌ର ଏପଏଣ୍ଟମେଣ୍ଟସ୍ କମିଟି ମିଶ୍ରିଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛି। ମିଶ୍ରି ଏବେ ଡେପୁଟି ଏନ୍‌ଏସ୍‌ଏ ଅଛନ୍ତି। ମିଶ୍ରି ହେଉଛନ୍ତି ବୈଦେଶିକ ବ୍ୟାପାର ବିଭାଗର ଚୀନ ବିଶେଷଜ୍ଞ। ସେ ୩ ଜଣ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜରାଲ, ଡ. ମନମୋହନ ସିଂହ ଓ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ସେ ଭାରତର ରାଷ୍ଟ୍ରଦୂତ ଭାବେ ଚୀନରେ ନିଯୁକ୍ତ ହୋଇଥିଲେ। ଜାନୁଆରୀ ୨୦୨୨ରେ ତାଙ୍କୁ ଡେପୁଟି ଏନ୍‌ଏସ୍‌ଏ ଭାବେ ନିଯୁକ୍ତି ମିଳିଥିଲା। ବର୍ତ୍ତମାନର ବୈଦେଶିକ ବ୍ୟାପାର ସଚିବ ବିନୟ କ୍ୱାତ୍ରାଙ୍କ ସ୍ଥାନରେ ମିଶ୍ରି ଜୁଲାଇ ୧୫ ତାରିଖରେ ନିଯୁକ୍ତ ହେବେ।

ମହାରାଷ୍ଟ୍ରର ନିର୍ବାଚନୀ ବଜେଟ

ମହିଳାଙ୍କୁ ମାସକୁ ୧୫୦୦ ଟଙ୍କା; ମାଗଣାରେ ୩ ସିଲିଣ୍ଡର

ମୁମ୍ବାଇ, ୨୮।୬(ଏଜେନ୍ସି): ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ଅଜିତ ପାଓ୍‌ବାର ଶୁକ୍ରବାର ବିଧାନ ଭବନରେ ରାଜ୍ୟର ନିର୍ବାଚନୀ ବଜେଟ୍ ଉପସ୍ଥାପନ କରିଛନ୍ତି। ନଭେମ୍ବର ୮ରେ ବିଧାନସଭା କାର୍ଯ୍ୟକାଳ ଶେଷ ହେଉଥିବାବେଳେ ଅକ୍ଟୋବରେ ନିର୍ବାଚନ ହେବାର ସମ୍ଭାବନା ରହିଛି, ଏହାକୁ ଦୃଷ୍ଟିରେ ରଖି ବଜେଟରେ ସବୁ ବର୍ଗଙ୍କ ଖୁସି କରିବାକୁ ମେଣ୍ଟ (ଶିବସେନା, ଏନ୍‌ସିପି ଏବଂ ବିଜେପି) ସରକାର ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଗଣା ଘୋଷଣା (ଫ୍ରିବିଜ)କୁ ନେଇ ବିରୋଧୀ ଏବଂ କ୍ଷମତାସୀନ ବିରୋଧୀଦଳର ସରକାରଙ୍କୁ କ୍ରମାଗତ ଭାବେ ସମାଲୋଚନା କରି ଆସୁଛନ୍ତି। ନିଜେ ମଧ୍ୟ ଏପରି କରିବେ ନାହିଁ ବୋଲି ବିଭିନ୍ନ ମଞ୍ଚରେ କହିଛନ୍ତି। କିନ୍ତୁ ବିଜେପି କିମ୍ବା ବିଜେପି ସହଯୋଗୀ ଥିବା ମେଣ୍ଟ ସରକାର ଖୋଦ୍ ପ୍ରଧାନମନ୍ତ୍ରୀଙ୍କ କଥା ମାନୁନାହାନ୍ତି। ମାଗଣା ଘୋଷଣା ପରେ ଘୋଷଣା କରିଚାଲିଛନ୍ତି। ମଧ୍ୟପ୍ରଦେଶ, ଗୋଆ ପରେ ଏବେ ମହାରାଷ୍ଟ୍ର ବଜେଟ୍ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ୬,୧୨, ୨୯୩ କୋଟି ଟଙ୍କାର ଏହି ବଜେଟରେ ରାଜସ୍ୱ ନିଅଣ୍ଟ ୨୦, ୧୫୧ କୋଟି ଟଙ୍କା ରହିଥିବା ବେଳେ ବିତ୍ତୀୟ ନିଅଣ୍ଟ ରହିଛି ୧,୧୦,୩୫୫ କୋଟି ଟଙ୍କା ଅଛି। ମାତ୍ର ଅଧିକ ମାଗଣା ଘୋଷଣା ରହିଛି। ବଜେଟରେ ୨୧ରୁ ୬୦ ବର୍ଷ ବୟସର ମହିଳାଙ୍କୁ ମାସକୁ ୧୫୦୦ ଟଙ୍କା ସହାୟତା ରାଶି ଆକାରରେ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ୫୨ ଲକ୍ଷ ପରିବାରକୁ ବର୍ଷକୁ ୩ଟି ଏଲପିଜି ସିଲିଣ୍ଡର ମାଗଣା ମିଳିବ। ରାଜ୍ୟର ୧୭ଟି ସହରରେ ୧୦ହଜାର ମହିଳାଙ୍କୁ ଇ-ରିକ୍ସା କିଣିବାକୁ ସରକାର ଆର୍ଥିକ ସହାୟତା ଦେବେ। ୨ ଲକ୍ଷ ୫ହଜାର ଛାତ୍ରଛାତ୍ରୀଙ୍କୁ ସରକାର ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଦେବେ। ରାଜ୍ୟର ୪୪ଲକ୍ଷ ୬ ହଜାର କୃଷକଙ୍କୁ ମାଗଣା ବିଜୁଳି ଦେବେ। କପା ଏବଂ ସୋୟାବିନ ଚାଷ ପା

ନବୀକୃତ ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସରେ ଉତ୍ପାଦନ କ୍ଷମତା ବୃଦ୍ଧି

ରାଉରକେଲା, ୨୮ ।୬(ସମିସ): ଆଂଶିକ ପରିବର୍ତ୍ତନ ଏବଂ ନବୀକରଣ ପରେ ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଛି । ନବୀକରଣ ପରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର କାର୍ଯ୍ୟକ୍ଷମତା ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସାଧାରଣ ଭାବେ ଅନେକ ଅପ୍-ଗ୍ରେଡେସନ୍, ଉନ୍ନତି, ଉଦ୍ଭାବନ ଏବଂ ପରିବର୍ତ୍ତନ କରାଯାଇଛି । ବ୍ଲାଷ୍ଟ ଫର୍ଣ୍ଣେସ-୧ର ସମସ୍ତ ହାଇଡ୍ରୋଲିକ୍ ୟୁନିଟ୍ ପାଇଁ ଏକ କେନ୍ଦ୍ରୀୟ ଆଲାର୍ମି ସିଷ୍ଟମ୍ ତିଆରି ହୋଇଥିବାରୁ ଭିନ୍ନ ଭିନ୍ନ ପ୍ରକାରର ହାଇଡ୍ରୋଲିକ୍ ବିଫଳତା ବିଷୟରେ ସବୁ ତଥ୍ୟ ଏକ ସ୍ଥାନରେ ପ୍ରାପ୍ତ ହେବାର ସୁବିଧା ରହିଛି । କୋକ୍ ବେଲ୍ଟ ଟ୍ରଲି ସିଷ୍ଟମର କାର୍ଯ୍ୟ କ୍ଷମତାକୁ ବଢ଼ାଇବା ପାଇଁ କୋକ୍ ଟ୍ରଲି ୬.୧ ଏବଂ ୬.୨ ପାଇଁ ବସ୍ ବାର ସ୍ଥାନରେ ଟ୍ରେଲିଂ କେବଲ୍ ସିଷ୍ଟମ୍ ପ୍ରତିସ୍ଥାପିତ ହୋଇଛି । ଏହାଦ୍ୱାରା ବର୍ଦ୍ଧିତ ନିରାପତ୍ତା ଏବଂ କାର୍ଯ୍ୟ କରିବା ପାଇଁ ସୁବିଧା ହୋଇଛି । ପିସି-୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ-୪ ଜିସିପି ପାଇଁ ଆପାତକାଳୀନ ଶକ୍ତି ଉତ୍ସ ନିର୍ମାଣ କରାଯାଇଛି । ଏତଦବ୍ୟତୀତ କୋଲ୍ ଡଷ୍ଟ ଇଞ୍ଜେକ୍ସନ ସମୟରେ ଉଚ୍ଚ ତାପମାନ ଭିନ୍ନତାକୁ ଅନୁଭବ କରିବା ପାଇଁ ଏକ ଅଡିଓ-ଭିଜୁଆଲ୍ ଆଲାର୍ମି ସିଷ୍ଟମ୍ ପ୍ରଚଳନ କରାଯାଇଛି । ତଥାପି ବ୍ଲାଷ୍ଟ ଫର୍ଣ୍ଣେସ-୪ ସିଡିଆଇ ଲେଭେଲ-୧ ଅଟୋମେସନ୍ ସିଷ୍ଟମକୁ ମୁଖ୍ୟ ଲେଭଲ୍-୧ ସର୍ଭର ସହ

ଯୋଡ଼ାଯାଇଛି ଏବଂ ବ୍ଲାଷ୍ଟ ଫର୍ଣ୍ଣେସ-୪ ସିଡିଆଇରେ ଏକ ଫାୟାର ଫାଇଟିଂ ଡିଜେଲ୍ ପମ୍ପକୁ ପୁନଃ ଚାଲୁ କରାଯାଇଛି ।

ନୂତନ ନବୀକରଣ ମଧ୍ୟରେ ସିଡିଆଇ କୋଲ୍ ଯାର୍ଡରେ ଚୁଟ୍ ଜାମ୍ ସେନ୍ସର୍ ପ୍ରତିସ୍ଥାପନ ହୋଇଛି, ଫଳରେ ଘନଘନ ଜାମ୍‌କୁ ବନ୍ଦ କରିବାରେ ଏହା ସହାୟକ ହୋଇପାରିଛି । ଏହାଛଡ଼ା, ବ୍ଲାଷ୍ଟ ଫର୍ଣ୍ଣେସ-୪ ସିଡିଆଇ ମିଲ୍ ମୋଟର୍ ଏବଂ ଆଇଡି ଫ୍ୟାନ୍ ମୋଟରରେ ଭାଇବ୍ରେସନ୍ ସେନ୍ସର୍ ପ୍ରତିସ୍ଥାପିତ ହୋଇଛି ଯାହା ଉନ୍ନତ ପୂର୍ବାନୁମାନ ଏବଂ ରକ୍ଷଣାବେକ୍ଷଣ ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା । ବ୍ଲାଷ୍ଟ ଫର୍ଣ୍ଣେସ-୪ ସିଡିଆଇର ବାଗ୍ ଫିଲ୍ଟର୍ ପରିଚାଳନାର ଡିଜିଟାଇଜେସନ୍ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ-୧ ଇନବାର ପିଏଲସି ଅଲେନ୍ ବ୍ରାଡଲି ୫/୪୦ଇ କୁ କଣ୍ଟ୍ରୋଲ୍ ଲଜିକ୍ସକୁ ଅପଗ୍ରେଡ୍ କରାଯାଇଛି ।

ଏହାସହ ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ଅନେକ ସଂଶୋଧନ ଏବଂ ପରିବର୍ତ୍ତନ କରାଯାଇଥିଲା । ଏଥିରେ ସିଡିଆଇ ମିଲ୍-୨ର ଡ୍ରାଇଭିଂ ଡିସ୍କ ଏବଂ ଗ୍ରାଇଣ୍ଡିଂ ଟେବୁଲ୍, ବ୍ଲାଷ୍ଟ ଫର୍ଣ୍ଣେସ-୪ ଇନବାର ଡିୱାଟରିଂ ଡ୍ରମ୍ ସ୍ପ୍ରକେଟ୍ ଏବଂ ଟର୍ପିଡୋ ଲାଡଲ୍ ନମ୍ବର-୧ର କ୍ଷତିଗ୍ରସ୍ତ ଅଂଶଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଛି । ନୂତନ ସୁବିଧାଗୁଡ଼ିକ ମଧ୍ୟରେ ଏକ ମିକ୍ସ୍ ଗ୍ୟାସ୍ ଲାଇନ୍ ଏବଂ ଏଲଆରଏସ-୨ରେ କମ୍ପ୍ରେସଡ ଏୟାରକୁ କାର୍ଯ୍ୟକ୍ଷମ କରାଯାଇଥିଲା ଏବଂ ଏକ ପିସିଆଇ ଲାନସ ପରୀକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଇଥିଲା । ଏହା ସହିତ ବ୍ଲାଷ୍ଟ ଫର୍ଣ୍ଣେସ-୫ ଏସଜିପିର ଦକ୍ଷିଣ ଏବଂ ଉତ୍ତର ପାର୍ଶ୍ୱରେ ସଙ୍କୁଚିତ ଏୟାର ଲାଇନ୍ ଏବଂ ଗୃହର ରକ୍ଷଣାବେକ୍ଷଣ ଏବଂ କାର୍ଯ୍ୟକ୍ଷମତାକୁ ଉନ୍ନତ କରିବା ପାଇଁ ବିଭିନ୍ନ କନଭେୟର ସ୍ଥାପନ ଏବଂ ଆଂଶିକ ପରିବର୍ତ୍ତନ କରାଯାଇଛି ।

ଶୋଇଥିବା ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ରାଉରକେଲା, ୨୮ ।୬(ସମିସ)

ମାଆ ଏବଂ ପୁଅ ଶୋଇଥିବା ଅବସ୍ଥାରେ ବିଳମ୍ବିତ ରାତିରେ ପୁଅକୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ନୂଆଗାଁ ବ୍ଲକ ତଥା ବିଶ୍ରା ଥାନା ଅନ୍ତର୍ଗତ ଚିତାପେଡ଼ି ପଞ୍ଚାୟତ ପିତାଲ ବଡ଼ାଇକ ଟୋଲି ଅଞ୍ଚଳରେ ଘଟିଥିବା ଏହି ବର୍ବୋରଚିତ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଛି ପୁଲିସ ଏବଂ ରାଉରକେଲା ସାଇଣ୍ଟିଫିକ୍ ।

ସୂଚନା ମୁତାବକ, ପିତାଲ ବାଡ଼ାଇକ ଟୋଲିରେ ରହୁଥିବା ଜୟନ୍ତୀ ବଡ଼ାଇକ ଏବଂ ତାଙ୍କ ପୁଅ ବିଜୟ ବଡ଼ାଇକ (୩୧) ଗୁରୁବାର ରାତିରେ ଖାଇସାରିବା ପରେ ଘର ବାରଣ୍ଡାରେ ୨ଟି ଖଟିଆରେ ଶୋଇଥିଲେ । ଶୁକ୍ରବାର ସକାଳେ ନିଦ ଭାଙ୍ଗିବା ପରେ ବିଜୟ ଶୋଇଥିବା ଖଟିଆ ତଳେ ମେଞ୍ଚା ମେଞ୍ଚା ରକ୍ତ ପଡ଼ିଥିବା ଦେଖି ଜୟନ୍ତୀ ଭୟଭୀତ ହୋଇ ପାଖକୁ ଯାଇଥିଲେ । ବିଜୟଙ୍କ ମୁଣ୍ଡରେ ଟାଙ୍ଗିଆ ଚୋଟ ବସି ଏକ ବଡ଼ କ୍ଷତ ସୃଷ୍ଟି ହେବା ସହ ସେଠାରୁ ରକ୍ତ ବୋହୁଥିବା ଦେଖି ଜୟନ୍ତୀ ଚିତ୍କାର କରିଥିଲେ । ଚିତ୍କାର ଶୁଣି ସାହିପଡ଼ିଶା ଆସି ସେଠାରେ ପହଞ୍ଚିଥିଲେ । ତେବେ ସେତେବେଳକୁ ବିଜୟଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଖବର ପାଇ ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ସେପଟେ ଜୋନାଲ ଡିଏସପି ନିର୍ମଳ କୁମାର ମହାପାତ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ରାଉରକେଲାରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ସରଜମିନ ତଦନ୍ତ କରିଥିଲେ । ମୃତଦେହ ପଞ୍ଚନାମା ପରେ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି ।

ଅଭିଯୁକ୍ତ ଫେରାର୍

ସୂଚନାଯୋଗ୍ୟ, ବିଜୟ ଅବିବାହିତ ରହିଥିବା ବେଳେ ସେ ତାଙ୍କ ବାପା ଜୟପାଲ ବଡ଼ାଇକ ଓ ମାଆ ଜୟନ୍ତୀ ବଡ଼ାଇକଙ୍କ ସହ ରୁହନ୍ତି । ଏକ ଟାଉନ ବସରେ ଖଲାସୀ ଭାବେ କାର୍ଯ୍ୟ କରୁଥିଲେ । କିଛିଦିନ ପୂର୍ବେ ସେ କାମ ଛାଡ଼ି ଘରେ ଥିଲେ । ଅପରପକ୍ଷେ ୮ ଦିନ ପୂର୍ବେ ଜୟପାଲ କାମ କରିବାକୁ ତାମିଲନାଡୁ ଯାଇଥିବା ବେଳେ ଗାଁରେ ମାଆ ପୁଅ ରହୁଥିଲେ । ତେବେ ହତ୍ୟାକାଣ୍ଡ ପୂର୍ବ ରାତିରେ ସେ ପ୍ରଚୁର ମଦ୍ୟପାନ କରିଥିବା ତଦନ୍ତ ବେଳେ ସୂଚନା ମିଳିଛି । ବିଜୟଙ୍କୁ କିଏ ଏବଂ କାହିଁକି ଏପରି ଜଘନ୍ୟ ଭାବେ ହତ୍ୟା କଲା, ତାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି ପୁଲିସ । ବିଜୟଙ୍କ ମୋବାଇଲ ଫୋନ ଜବତ କରି କଲ୍ ଡିଟେଲ୍ସରୁ ହତ୍ୟାକାଣ୍ଡ ପୂର୍ବ ରାତିରେ ବିଜୟଙ୍କୁ କିଏ କିଏ ଫୋନ କରିଥିଲେ, ତା'ର ତଦନ୍ତ ଚଳାଇଛି ପୁଲିସ ।

ବୈକୁଣ୍ଠନାଥ ସାହୁଙ୍କ ବିୟୋଗରେ ଶୋକସଭା

ରାଉରକେଲା, ୨୮ ।୬(ସମିସ): ଗୋପବନ୍ଧୁ ପାଠାଗାରର ସକ୍ରିୟ ସଦସ୍ୟ ବୈକୁଣ୍ଠନାଥ ସାହୁଙ୍କ ବିୟୋଗରେ ପାଠାଗାରରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ଡ. ଗିରିଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ

ସଭା ପ୍ରାରମ୍ଭରେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ଶତପଥୀ, ଲକ୍ଷ୍ମଣନାଥ ଦାସ, ସବିତା ସାହୁ, ଗୋପାଳ ପ୍ରସାଦ ଜେନା ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରି ସେ ଜଣେ ଅତ୍ୟନ୍ତ ମେଳାପୀ, ସଦା ହସ ହସ ଏବଂ ପାଠାଗାର ସହ ଛେଣ୍ଡ କଲୋନୀର ପ୍ରାୟ ସବୁ ଅନୁଷ୍ଠାନ ସହିତ ଜଡ଼ିତ ରହି ପ୍ରତ୍ୟେକ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଉଥିଲେ ବୋଲି ମତ ପ୍ରକାଶ କରିଥିଲେ । ପୁଲିସ ବିଭାଗରୁ ଅବସର ନେବାପରେ ସେ ପୁରୁଣା ଛେଣ୍ଡରେ ପରିବାର ସହ ରହୁଥିବାବେଳେ ସମାଜସେବାରେ ନିୟୋଜିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ କଲୋନୀରେ ଶୋକରେ ଛାୟା ଖେଳିଯାଇଛି । ଶୋକସଭାରେ ରବୀନ୍ଦ୍ର କୁମାର ସରାଫ, ଡ. ଶକ୍ତିପ୍ରସାଦ ସାମନ୍ତରାୟ, ସୁବାସ ଚନ୍ଦ୍ର ମହାପାତ୍ର, ଡା. ଗୋକୁଳାନନ୍ଦ ସାହୁ, ହରିହର ନାୟକ, ସୁରେନ୍ଦ୍ର କୁମାର ପଣ୍ଡା, କୈଳାସ ଚନ୍ଦ୍ର ସାମଲ, ହାରିଚରଣ ସାହୁ, ଧ୍ରୁବ ଚରଣ ନାୟକ, ରାଧାମୋହନ ନାୟକ, ରମେଶ ଚନ୍ଦ୍ର ସିଂହ, ରବିନାରାୟଣ ସିଂହ, ରବୀନ୍ଦ୍ର ନାଥ ସାହୁ, ଜି.କେ. ରାୟ, ବିବେକାନନ୍ଦ ଜେନା, ରମାକାନ୍ତ ଷଡ଼ଙ୍ଗୀ, ବିଜୟ ଚନ୍ଦ୍ର ଦାସ, ତ୍ରିଲୋଚନ ମିଶ୍ର, ଦେବରାଜ ଗୌଡ଼, ସୌରୀ ମହାନ୍ତି, ପ୍ରଭାକର ସାହୁ, ମୃତ୍ୟୁଞ୍ଜୟ ବାରିକ, ନିମାଇଁ ପ୍ରସାଦ ରାଉତ, କିଶୋରୀ ମୋହନ କର, ଜଗବନ୍ଧୁ ଜେନା, ବିବେକାନନ୍ଦ ଜେନା, ରାଘବ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

ରାଉରକେଲା ସାହିତ୍ୟ ସଂସଦ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଆଲୋଚନା

ରାଉରକେଲା, ୨୮ ।୬(ସମିସ): ନବଗଠିତ ରାଉରକେଲା ସାହିତ୍ୟ ସଂସଦ ପକ୍ଷରୁ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର, ସାହିତ୍ୟ ସଂସ୍କୃତି ପ୍ରଚାର ପ୍ରସାରକୁ ଆଧାର କରି ରିଜର୍ଭ କଲୋନୀସ୍ଥିତ ସରକାରୀ ପୁଲିସ ହାଇସ୍କୁଲରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଅନୁଷ୍ଠାନର ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଯୋଗଦେଇ ରାଉରକେଲା ସାହିତ୍ୟ ସଂସଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବାରିକ ଯୋଗଦେଇ ଆମ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ବିଭିନ୍ନ କବିତାର ଉଦାହରଣ ଦେଇ ସାରଗର୍ଭକ ଭାଷଣ ରଖିଥିଲେ । ସଭାପତି ସାହୁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଜଗନ୍ନାଥ ସଂସ୍କୃତି ଜଗତର ଶ୍ରେଷ୍ଠ ସଂସ୍କୃତି ବୋଲି ଉଲ୍ଲେଖ କରି ବିଭିନ୍ନ ଐତିହାସିକ ଓ କିମ୍ବଦନ୍ତୀରୁ ତଥ୍ୟ ଉପସ୍ଥାପନ କରିଥିଲେ । ସଂସଦର ଆବାହକ ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ଉପରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଶେଷରେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ଦମୟନ୍ତି ନାୟକ, କବିତା ଦାଶ, ଶିକ୍ଷକ ଅଶୋକ ମହାନ୍ତି, ବିଜୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାର ସହଯୋଗ କରିଥିଲେ ।

ଅଧିକାରୀମାନଙ୍କୁ ଭେଟିଲେ ଚାମ୍ବର ଅଫ୍ କମର୍ସ ସଦସ୍ୟ

ରାଉରକେଲା, ୨୮ ।୬(ସମିସ): ରାଉରକେଲା ଚାମ୍ବର ଅଫ କମର୍ସର କର୍ମକର୍ତ୍ତାମାନେ ରାଉରକେଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ଭେଟି ସହରର ବିକାଶ ଦିଗରେ ସୁଚିନ୍ତିତ ଆଲୋଚନା କରିଛନ୍ତି । ରାଉରକେଲା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ସଭାପତି ପ୍ରଭାତ ଟିବ୍ରିୱାଲଙ୍କ ନେତୃତ୍ୱରେ ଉପସଭାପତି ସନ୍ତୋଷ ଅଗ୍ରୱାଲ, ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ କପୁର, ସମ୍ପାଦକ ସେଲ ପୱନ ବାଗଡ଼ିଆ, ସମ୍ପାଦକ (ସିଭିଲ ଆମିନିଟି) ଗୁରିନ୍ଦର ସିଂ, ସମ୍ପାଦକ (ପରିବହନ) ଆର. ଅମ୍ବୁଜାକସନ୍ ନାୟାର ପ୍ରମୁଖ ରାଉରକେଲା ଏସପି ଦାୟିତ୍ୱରେ ଥିବା ଡିଆଇଜି ବ୍ରିଜେଶ କୁମାର ରାୟ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଆରଟିଓ ବିଭାରଞ୍ଜନ ସାମନ୍ତସିଂହର, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ ପ୍ରମୁଖଙ୍କୁ ସେମାନଙ୍କ କାର୍ଯ୍ୟାଳୟରେ ଭେଟି ସହରରେ ଶିଳ୍ପ ଅଭିବୃଦ୍ଧିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

ବିଦ୍ୟାଳୟରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୨୮ ।୬(ସମିସ): ବୀରମିତ୍ରପୁର ସରକାରୀ ବିଦ୍ୟାଳୟରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ସମ୍ପ୍ରତି ପାଳନ କରାଯାଉଥିବା ବିଶ୍ୱ ତମାଖୁ ବର୍ଜନ ମାସ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦନ୍ତ ବିଭାଗ ଡାକ୍ତର ପ୍ରିୟଦର୍ଶିନୀ ଏବଂ ଡା. ତପସ୍ୱିନୀ ସାହୁ ଯୋଗଦେଇ ତମାଖୁ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ତମାଖୁ ଦ୍ରବ୍ୟ, ତା'ର ବ୍ୟବହାର ଦ୍ୱାରା ମଣିଷ ଜୀବନ ପ୍ରତି ରହିଥିବା ବିପଦ ବିଷୟରେ ଛାତ୍ରଛାତ୍ରୀଙ୍କୁ ଡା. ପ୍ରିୟଦର୍ଶିନୀ ଓ ଡା. ସାହୁ ବୁଝାଇ ତମାଖୁ ସେବନଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ । ଏ ଦିବସର ବାର୍ତ୍ତା 'ପିଲାମାନଙ୍କୁ ତମାଖୁ ସେବନ ହସ୍ତକ୍ଷେପରୁ ରକ୍ଷା କରିବା' ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯୁବପିଢ଼ିଙ୍କୁ ତମାଖୁ ସେବନ ଏବଂ ବିକ୍ରୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନେ ତମାଖୁଠାରୁ ଦୂରେଇ ରହିବା ଲାଗି ଶପଥ ନେଇଥିଲେ ।

ଗୋଚର ଜମି ଜବରଦଖଲ ଅଭିଯୋଗ

ରାଜଗାଙ୍ଗପୁର, ୨୮ ।୬(ସମିସ): ସରକାରୀ ଗୋଚର ଜମି ଅଣ ଆଦିବାସୀମାନେ ଜବରଦଖଲ କରି ଘର ନିର୍ମାଣ କରୁଥିବା ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ମାଲିଡିହି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଅଭିଯୋଗ କରିଛନ୍ତି । ମାଲିଡିହି ମୌଜାର ଖାତା ନମ୍ବର ୧୦୦ ପ୍ଲଟ ନମ୍ବର ୯୭୪ ଗୋଚର କିସମ ୬ ଏକର ରାକ୍ଷିତ ଜମି ଖାତା ନମ୍ବର ୧୦୨ ଅବଦ୍ୟ ଯୋଗ୍ୟ ଅନାବାଦୀ ଜଙ୍ଗଲ କିସମ ୩୨ ଏକର ୧୬ ଡିସିମିଲ ଯାହା ଓଡ଼ିଶା ଯବାନମାନଙ୍କ ପାଇଁ ସଂରକ୍ଷିତ ରହିଛି । ଉକ୍ତ ଜମିକୁ ମାଲିଡିହି ମୌଜା ରାଣୀପିଆ ଗ୍ରାମର ସତୀଶ ନନ୍ଦ ଜବରଦଖଲ କରି ଘର ନିର୍ମାଣ କରୁଥିବା ତହସିଲଦାରଙ୍କୁ ଅଭିଯୋଗ କରାଯାଇଛି । ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ । ଅନ୍ୟପଟେ ରାଜଗାଙ୍ଗପୁର ତହସିଲ ଅନ୍ତର୍ଗତ ସରକାରୀ ଜମି ଜବରଦଖଲ କରି ବିକ୍ରି କରାଯାଉଥିବା ବହୁବାର ଅଭିଯୋଗ ହେଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଯଥାଶୀଘ୍ର ଏହାର ତଦନ୍ତ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି ।

ବସ୍ତି ଅଞ୍ଚଳରେ ବିପର୍ଯ୍ୟସ୍ତ ବିଦ୍ୟୁତ୍ ବ୍ୟବସ୍ଥା

ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିଲେ ବିଧାୟକ

ରାଉରକେଲା, ୨୮ ।୬(ସମିସ)

ରାଉରକେଲା ସହରରେ ରହିଥିବା ବିଭିନ୍ନ ବସ୍ତି ଅଞ୍ଚଳରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ବିପର୍ଯ୍ୟସ୍ତ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ନେଇ ବସ୍ତି ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା

ଆଚରଣବିଧି ଯୋଗୁଁ ସମାଧାନ ହୋଇପାରି ନ ଥିଲା: ଟିପିଡବ୍ଲ୍ୟୁଓଡିଏଲ

ପରେ ଟିପିଡବ୍ଲ୍ୟୁଓଡିଏଲର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଏହାର ଜବାବ ମାଗିଛନ୍ତି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ । ତେବେ ନିର୍ବାଚନ ଆଚରଣବିଧି ଲାଗୁ ରହିଥିବାରୁ ଏହି ସମସ୍ୟା ସମାଧାନ ହୋଇପାରି ନ ଥିଲା ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି । ଯଥାଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି ।

ସ୍ମାର୍ଟସିଟି ରାଉରକେଲାର ବିଭିନ୍ନ ବସ୍ତି ଅଞ୍ଚଳରେ ଏବେ ବି ବିଦ୍ୟୁତ ଯୋଗାଣ ଅତ୍ୟନ୍ତ ବିପଜ୍ଜନକ ତଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେଉଁଠି ବର୍ଷ ବର୍ଷ ଧରି ବିଦ୍ୟୁତ ତାର ରାସ୍ତା କଡ଼ରେ କିମ୍ବା ବସ୍ତିର ଜନବସତି ଅଞ୍ଚଳରେ ଝୁଲୁଛି ତ ଆଉ କେଉଁଠି ବିପଜ୍ଜନକ ଅବସ୍ଥାରେ ଟ୍ରାନ୍ସଫର୍ମର ରହିଛି । ବିଶେଷ କରି ଅଘୋଷିତ ବିଦ୍ୟୁତ କାଟ ନେଇ ଅସନ୍ତୋଷ ଦେଖାଦେଇଛି । ନୂଆବଜାର ଲେପର୍ସ କଲୋନୀ, ଗିରିଧାରୀ ବସ୍ତି, ଭବାନୀପୁର ବସ୍ତି, ଗୋପବନ୍ଧୁପାଲ୍ଲୀ, ଟିମ୍ବର କଲୋନୀ, ମଧୁସୂଦନପଲ୍ଲୀ, ରେଲୱେ କଲୋନୀ ହରିଜନ ବସ୍ତି, ରାଜୀବ ବସ୍ତି, ଚର୍ଚ୍ଚ ଫିଲ୍ଡ ବସ୍ତି, ରିମିଝିମ ବସ୍ତି, ବିବେକାନନ୍ଦ ପଲ୍ଲି, ମାଲଗୋଦାମ ବସ୍ତି ଆଦି ଅଞ୍ଚଳରେ ଟିପିଡବ୍

ଆର୍‌ଜିଏଚ୍‌ରୁ ନକଲି ଡାକ୍ତର ଗିରଫ ଘଟଣା

ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ରାଉରକେଲା, ୨୮ ।୬(ସମିସ)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରୁ ନକଲି ଡାକ୍ତର ଗିରଫ ଘଟଣାରେ ପୂରା ତଥ୍ୟ ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୁନ୍ଦରଗଡ଼ ଜିଲ୍ଲାପାଳ ଡକ୍ଟର ହର୍ଷଦ ପରାଗ ଗାଭାଲିଙ୍କୁ ପତ୍ର ଲେଖିଛନ୍ତି। ରାଜ୍ୟର କୌଣସି ସରକାରୀ ଡାକ୍ତରଖାନାରେ ଯେପରି ଏହି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ଏକ ଏସଓପି ତିଆରିହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଡାକ୍ତର ରମେଶ ଚନ୍ଦ୍ର ଝା ବୋଲି ନିଜକୁ ପରିଚୟଦେଇ ସେକ୍ଟର-୧୫ ଥାନା ଅନ୍ତର୍ଗତ ଇ/୩/୭୪ ନିବାସୀ ପଦ୍ମନାଭ ମୁଖୀ ଓରଫ କାରୁଆ (୫୪) ରାହିଲ କେୟାର ପ୍ରାଇଭେଟ ଲିମିଟେଡ ନାମକ ଏକ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ଆର୍‌ଜିଏଚ୍‌ର ଡାଏଲିସିସ ବିଭାଗରେ ଦୀର୍ଘ ୬ ମାସ ଧରି ଚାକିରି କରିଥିଲେ ବି ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା କୌଣସି ଡାକ୍ତର ଓ କର୍ମଚାରୀ ଏ ବିଷୟରେ କିଛି ଜାଣିପାରି ନ ଥିଲେ। ତେବେ ପଦ୍ମନାଭ ଡା. ରମେଶ ଚନ୍ଦ୍ର ଝାଙ୍କ ନାମରେ ବଜାଜ ଫାଇନାନ୍ସ କମ୍ପାନୀରୁ ୧୬ ଲକ୍ଷ ୫୩ ହଜାର ଟଙ୍କା ବ୍ୟକ୍ତିଗତ ଋଣ ନେବା ପାଇଁ ଡା. ଝାଙ୍କ ସମସ୍ତ ସାର୍ଟିଫିକେଟ ପ୍ରଦାନ କରିଥିଲେ। କିନ୍ତୁ ଫଟୋ ସ୍ଥାନରେ ଡା. ଝାଙ୍କ ଫଟୋ ପରିବର୍ତ୍ତେ ନିଜ ଫଟୋ ଦେଇଥିଲେ। ଋଣ ଅର୍ଥ ମଧ୍ୟ ପଦ୍ମନାଭଙ୍କ ଦେଇଥିବା ବ୍ୟାଙ୍କ ଆକାଉଣ୍ଟରେ କ୍ରେଡିଟ ହୋଇଯାଇଥିଲା। ମାତ୍ର ଆଧାର କାର୍ଡ, ପାନ କାର୍ଡ ଏବଂ ଫଟୋ ଭେରିଫିକେସନ୍ ବେଳେ ବଜାଜ ଫାଇନାନ୍ସ କମ୍ପାନୀର ମ୍ୟାନେଜର ତାଙ୍କ ଫଟୋ ଦେଖି ସନ୍ଦେହ କରିଥିଲେ। ପରେ ପାନ ଓ ଆଧାର କାର୍ଡରେ ଥିବା ଡା. ରମେଶ ଚନ୍ଦ୍ର ଝାଙ୍କୁ ଫୋନ କରିବାରୁ ସେ କୌଣସି ଋଣ ନେଇ ନ ଥିବା କହିଥିଲେ। ପରେ ଏନେଇ କମ୍ପାନୀ ପକ୍ଷରୁ ଅଧିକ ଯାଞ୍ଚ ବେଳେ ଅନ୍ୟ ଜଣେ ଡାକ୍ତରଙ୍କ ପରିଚୟ ତଥା ସାର୍ଟିଫିକେଟ ଦେଇ ନିଜ ଫଟୋ ଲଗାଇଥିବା ଜଣାପଡ଼ିଥିଲା। ଏ ନେଇ କମ୍ପାନୀ ପକ୍ଷରୁ ରଘୁନାଥପାଲୀ ଥାନାରେ ଏତାଲା ଦିଆଯିବା ପରେ ପଦ୍ମନାଭଙ୍କ କାରାନାମା ପଦାରେ ପଡ଼ିଯାଇଥିଲା। ପୁଲିସ ଗତ ବୁଧବାର ପଦ୍ମନାଭଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ତାଙ୍କଠାରୁ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ପଦ୍ମନାଭ ଯେଉଁ ଡାକ୍ତରଙ୍କ ସାର୍ଟିଫିକେଟ ଦେଇ ଚାକିରି କରୁଥିଲେ ସେହି ଡାକ୍ତରଙ୍କ ସହ ତାଙ୍କର କିଛି ସମ୍ପର୍କ ଅଛି ନା ସାର୍ଟିଫିକେଟ ନକଲ କରିଥିଲେ, ଏଭଳି ଅନେକ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ଆଗକୁ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ତିଆରିହେବ ଏସ୍‌ଓପି

ପ୍ରଣବ ପ୍ରକାଶଙ୍କ ଜନ୍ମଦିନରେ ବିଜେଡିର ରକ୍ତଦାନ ଶିବିର

ସୁନ୍ଦରଗଡ଼, ୨୮ ।୬(ସମିସ): ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମଦିନ ଉପଲକ୍ଷେ ଶୁକ୍ରବାର ସୁନ୍ଦରଗଡ଼ ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଓଡ଼ିଶା ରକ୍ତଭଣ୍ଡାରରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଯୁବନେତା ରିତେଶ କୁମାର ସିଂହ ଉଦଘାଟନ କରିଥିଲେ। ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ଜିଲ୍ଲା ଛାତ୍ର ସଭାପତି ସୟଦ ସେହବାଜ ହୁସେନ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଛାତ୍ରନେତା ଅନିରୁଦ୍ଧ ସାହୁ, ଋତୁରାଜ ପୁରୋହିତ, ଅମନ୍ ହୁସେନ, ଜାଗ୍ରତ ଯୋଶୀ, ବଣ୍ଟି ପଟେଲ, ନିଲୁ ପଟେଲ, ସୁଶାନ୍ତ କୁମାର ଦେବ, ନିଖିଲ ସାହୁ, ବିଶ୍ୱ ରାଉତ, ବିକାଶ ରାଉତରାୟ, ମଙ୍ଗଳ ପ୍ରଜାପତି, ସୌମ୍ୟ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଭଣ୍ଡାର ପରାମର୍ଶଦାତ୍ରୀ ରତ୍ନପ୍ରଭା ନାୟକଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନମାନେ ରକ୍ତ ସଂଗ୍ରହ କରିଥିଲେ।

୨୦ ୟୁନିଟ୍ ସଂଗ୍ରହ



ଟ୍ରାକ୍ଟର-ସ୍କୁଟି ମୁହାଁମୁହିଁ ଧକ୍କା; ୨ ମହିଳା ମୃତ

ସୁନ୍ଦରଗଡ଼, ୨୮ ।୬(ସମିସ): ଶୁକ୍ରବାର ଅପରାହ୍ନରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଡୁମେରବାହାଲ ବୁଲାଣି ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ସ୍କୁଟି ଆରୋହୀ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁବଳୟା ଗ୍ରାମର ଆରତୀ ନାଏକ (୪୦) ଓ ସୁକଲମା ପଟେଲ (୩୫)। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଆରତୀ ଓ ସୁକଲମା ସ୍କୁଟି ଯୋଗେ ନିଜ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ସହ ମୁହାମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଦୁଇ ମୃତଦେହ ଜବତ କରି ଡାକ୍ତରଖାନା ଶବାଗାରରେ ସଂରକ୍ଷିତ ରଖାଇଛି। ଶନିବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

ସାପ କାମୁଡ଼ାରେ ମହିଳା ମୃତ

ବାଲିଶଙ୍କରା, ୨୮ ।୬(ସମିସ): କିଞ୍ଜିରକେଲା ଥାନା ବେହେରାଡିହି ପଞ୍ଚାୟତ ଗୀତପାହାଡ଼ି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗ୍ରାମର ସୁଶୀଳା ଏକ୍କା (୪୫)। ଗୁରୁବାର ରାତିରେ ସେ ଶୋଇଥିବା ସମୟରେ ଏକ ସାପ କାମୁଡ଼ି ଦେଇଥିଲା। ପ୍ରଥମେ ତାଙ୍କୁ କିଞ୍ଜିରକେଲା ଡାକ୍ତରଖାନା ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବେଦାନ୍ତ ପକ୍ଷରୁ ମେଗା ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୨୮ ।୬(ସମିସ): ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ପକ୍ଷରୁ ଏମସିଏଲ୍, ୟୁନାଇଟେଡ କୋଲ ଟ୍ରକ ଆସୋସିଏସନ ଓ ମା' କାଳିକା ଟ୍ରାନ୍ସପୋର୍ଟର ମିଳିତ ସହଯୋଗରେ ଗର୍ଜନବାହାଲଠାରେ ଶୁକ୍ରବାର ମେଗା ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗର୍ଜନବାହାଲ ଖୋଇଲା ଖଣିର ନୂତନ ଟ୍ରକ ପାର୍କିଂ ୟାର୍ଡ ନିକଟରେ ୫ ଶହରୁ ଊର୍ଦ୍ଧ୍ୱ ଭାରୀଯାନ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷିଣ ଦିଆଯାଇଥିଲା। ଏଥିରେ ଏମସିଏଲ ବସୁନ୍ଧରା ଗର୍ଜନବାହାଲ ପ୍ରକଳ୍ପ ପ୍ରବନ୍ଧକ ପିବି ରେଡ୍ଡୀ ମୁଖ୍ୟଅତିଥି, ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ, ଝାରସୁଗୁଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ସୁନ୍ଧି, ସୁରକ୍ଷା ଅଧିକାରୀ ରବି ପ୍ରତାପ ସାହି, ପଙ୍କଜ ସୁରେଖା, ଏର୍ନେଷ୍ଟୋ ମାଟେଲା, ସୁମିତ ବର୍ମନ, ମା' କାଳିକା ଟ୍ରାନ୍ସପୋର୍ଟ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସୁନ୍ୟାନି, ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ ସଭାପତି ରିତେଶ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁଡ଼କ ସୁରକ୍ଷା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ସଞ୍ଚିତା ପାଲ ମଞ୍ଚ ପରିଚାଳନା କରିଥିଲେ। ସେହିପରି ପଥପ୍ରାନ୍ତ ନାଟକ ଓ ପାଲା ମାଧ୍ୟମରେ ଭାରୀଯାନ ଚାଳକଙ୍କୁ ସଚେତନ କରାଯିବା ସହ ୮ଟି ପରିବହନ ନିୟମର ଅନୁପାଳନ ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ନିୟମଗୁଡ଼ିକ ନିଷ୍ଠାର ସହ ପାଳନ କଲେ ଚାଳକ ଭାଇମାନେ ନିଜ ଜୀବନକୁ ସୁରକ୍ଷିତ ରଖିବା ସହ ନିଜ ପରିବାରକୁ ମଧ୍ୟ ସୁରକ୍ଷିତ ରଖିପାରିବେ। ଏହାଦ୍ୱାରା ନିଜର ଆର୍ôଥିକ ମାନଦଣ୍ଡ ଓ ଭବିଷ୍ୟତ ମଧ୍ୟ ସୁରକ୍ଷିତ ରହିବ ବୋଲି ବୁଝାଯାଇଥିଲା। ସଡ଼କ ସୁରକ୍ଷା ନିୟମର ବ୍ୟତିକ୍ରମ କଲେ ଫଳାଫଳ କରୁଣ ହେବ ବୋଲି ଯମରାଜଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ସାରଥିମାନଙ୍କୁ ସଚେତନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ମୁଖ୍ୟ ଜନସମ୍ପର୍କ ଅଧିକାରୀ ଅଶ୍ୱିନୀ ଚାନ୍ଦ ଓ ବରଦା ପ୍ରସନ୍ନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

ପ୍ରାଣୀବିଜ୍ଞାନ ବିଭାଗରେ ପକ୍ଷୀ ସଂରକ୍ଷଣ ସମ୍ପର୍କିତ ଆଲୋଚନାଚକ୍ର

ସୁନ୍ଦରଗଡ଼, ୨୮ ।୬(ସମିସ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳର ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପକ୍ଷୀ ସଂରକ୍ଷଣ ବିଷୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ଉଦଘାଟନ କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ପକ୍ଷୀ ସଂରକ୍ଷଣ ବିଶେଷଜ୍ଞ ସୁବ୍ରତ କୁମାର ନାଥ ଯୋଗଦେଇ ଲୁପ୍ତପ୍ରାୟ ଚଢ଼େଇମାନଙ୍କ ସଂରକ୍ଷଣ ତଥା ଘରଚଟିଆ ଲୋପ ପାଇବାର କାରଣ ଓ ନିକାରଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଜିତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଶିବପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ, ସହକାରୀ ପ୍ରଫେସର ସରୋଜ କୁମାର ପୂଜାରୀ, ସହକାରୀ ପ୍ରଫେସର ଡେଜି ଏକ୍କା, ଅନିତା କୁମାରୀ ପରଜା, ଜିଜ୍ଞାସା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଅଙ୍କିତା ଗଡ଼ିଆ, ପ୍ରୀତିରଞ୍ଜନ ଧଳ, ନିକିତା ରକ୍ସା, ଶୁଭମ ଚୌଧୁରୀ, ରଞ୍ଜନ କୁମାର ସାହୁ, ସ୍ମୃତି ଶତାବ୍ଦୀ ବେହେରା, ଶିବ ନାରାୟଣ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ଘରଚଟିଆ ବସା ସ୍ଥାପନ କରାଯାଇଥିଲା।

ବନ ବିଭାଗ ଦ୍ୱାରା ମୃତ ହରିଣ ଉଦ୍ଧାର

ବଣାଇଁ, ୨୮ ।୬(ସମିସ): ବଣାଇଁ ରେଞ୍ଜ ଟିକାୟତପାଲି ସେକ୍ସନ ତିଲେଇସରା ବିଟ୍ ଅନ୍ତର୍ଗତ ପଶ୍ଚିମ ଦଣ୍ଡପାଟ ସଂରକ୍ଷିତ ଜଙ୍ଗଲ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମୃତ ହରିଣ ଉଦ୍ଧାର କରାଯାଇଛିଛି। ସବୁଦିନ ଭଳି ବୁଧବାର ସନ୍ଧ୍ୟାରେ ଫରେଷ୍ଟର ଗଗନ ତ୍ରିପାଠୀ ବନରକ୍ଷୀଙ୍କ ଓ ଅନ୍ୟ ସହକର୍ମୀଙ୍କ ସହ ରାତି ପାଟ୍ରୋଲିଂ କରୁଥିବା ବେଳେ ପଶ୍ଚିମ ଦଣ୍ଡପାଟ ସଂରକ୍ଷିତ ଜଙ୍ଗଲ ରାସ୍ତା କଡ଼ରେ ଥିବା ଏକ ଖାଲୁଆ ସ୍ଥାନରେ ଏକ ମୃତ ହରିଣ ପଡ଼ିଥିବା ଦେଖିଥିଲେ। ମୃତ ହରିଣକୁ ଉଦ୍ଧାର କରି ଟିକାୟତପାଲିସ୍ଥିତ ନିଜ କାର୍ଯ୍ୟାଳୟକୁ ଆଣିଥିଲେ। ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ କାର୍ଯ୍ୟାଳୟରେ ପହଞ୍ଚିବା ସହ ବଣାଇଁ ପ୍ରାଣୀଧନ ନିରୀକ୍ଷକଙ୍କୁ ଡାକି ବ୍ୟବଚ୍ଛେଦ କରିଥିଲେ। ପରେ ମୃତ ହରିଣକୁ ଫରେଷ୍ଟରଙ୍କ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ଡିହାଇଡ୍ରେସନ ଯୋଗୁଁ ହରିଣର ମୃତ୍ୟୁ ହୋଇଥିବା କୁହାଯାଇଛି। ରେଞ୍ଜ ଅଧିକାରୀ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

ଟ୍ରେଲରକୁ ପଛରୁ ପିଟିଲା ବୁଲେଟ୍

ଆରୋହୀ ମୃତ, ଜଣେ ଗୁରୁତର

ସୁନ୍ଦରଗଡ଼, ୨୮ ।୬(ସମିସ): ଗୁରୁବାର ବିଳମ୍ବିତ ରାତିରେ ୧୦ ନମ୍ବର ରାଜ୍ୟ ରାଜପଥର ଭଣ୍ଡା ଥାନା ଅନ୍ତର୍ଗତ ଦେଉଳି ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରୁ ଝାରସଗୁଡ଼ା ଅଭିମୁଖେ ଯାଉଥିବା ଟ୍ରେଲରକୁ ଏକ ବୁଲେଟ ପଛପଟୁ ଧକ୍କାଦେବା ଫଳରେ ବୁଲେଟ ଚାଳକ ଝାରଗୁସୁଡ଼ା ବାଲିଯୋରୀ ଗ୍ରାମର ସୁବାଶିଷ ନାଏକ (୨୪)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗ ରୋହନ ପଟେଲ (୨୩) ଗୁରୁତର ଆହତ ହୋଇଛନ୍ତି। ଉଭୟ ବୁଲେଟରେ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧ଟାରେ ଦେଉଳି ନିକଟରେ ତାଙ୍କ ଗାଡ଼ି ଆଗରେ ଯାଉଥିବା ଟ୍ରେଲର ହଠାତ ବ୍ରେକ ଦେଇଥିଲା। ଫଳରେ ଦ୍ରୁତଗତିରେ ଯାଉଥିବା ବୁଲେଟ ଟ୍ରେଲର ପଛରେ ଧକ୍କା ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରୋହନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ସୁବାଶିଷଙ୍କ ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

ସାମାନ୍ୟ ବର୍ଷାରେ ଡିଆଇପିଆର୍‌ଓ କାର୍ଯ୍ୟାଳୟ ରାସ୍ତା ଜଳମଗ୍ନ

ରାଉରକେଲା, ୨୮ ।୬(ସମିସ): ସାମାନ୍ୟ ବର୍ଷାରେ ରାଉରକେଲା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ)ଙ୍କ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ହନୁମାନ ବାଟିକାରୁ ପାନପୋଷ ହକି ଛକ ମଧ୍ୟରେ କୃଷି କାର୍ଯ୍ୟାଳୟକୁ ଲାଗି ରହିଥିବା ଏହି କାର୍ଯ୍ୟାଳୟ ମୁଖ୍ୟ ରାସ୍ତାଠାରୁ ନିମ୍ନ ଅଞ୍ଚଳରେ ରହିଥିବାରୁ ଏପରି ପାଣି ଜମୁଥିବା କୁହାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

ସ୍କୁଲ ପରିଚାଳନା ଉନ୍ନୟନ କମିଟି ବୈଠକ

ସୁନ୍ଦରଗଡ଼, ୨୮ ।୬(ସମିସ): ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା ଉନ୍ନୟନ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ କମିଟି ଅଧ୍ୟକ୍ଷା ଡ. ଇନ୍ଦିରା ପଟ୍ଟନାୟକ ଅଧ୍ୟକ୍ଷତା କରି ସ୍କୁଲ ଅଭିଯାନ ଫଣ୍ଡ-୧ର ସୁପରିଚାଳନା ଉପରେ ଆଲୋକପାତ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ପ୍ରସ୍ତୁତ ତାଲିକା ଉପରେ କମିଟିରେ ଆଲୋଚନା ହୋଇଥିଲା। ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, କାଉନସିଲର ସୁମନ୍ତ ସାହୁ, ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଆରାଧନା ଭୋଇ ବିଦ୍ୟାଳୟକୁ ଆସିଥିବା ଅନୁଦାନର ସୁବିନିଯୋଗ ନେଇ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସଞ୍ଜୟ କୁମାର ବେହେରା ସଭା ପରିଚାଳନା କରିଥିବା ବେଳେ କମିଟି ସଭ୍ୟା ସଲିଳା କୁଜୁର ଧନ୍ୟବାଦ ଦେଇଥିଲେ। କମିଟିର ସମସ୍ତ ସଦସ୍ୟ ଏଥିରେ ଯୋଗଦେଇଥିଲେ।

ନିଅଣ୍ଟିଆ ବର୍ଷା; ଖରିଫ ଚାଷ ବିଳମ୍ବିତ

ସୁନ୍ଦରଗଡ଼, ୨୮ ।୬(ସମିସ)

ଚଳିତ ଖରିଫ ଚାଷ ପ୍ରାରମ୍ଭରୁ ସୁନ୍ଦରଗଡ଼ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଦେଖାଦେଇଛି। ଆଜି ସୁଦ୍ଧା ଜିଲ୍ଲାର ବାଲିଶଙ୍କରା ବ୍ଲକରେ ମାତ୍ର ୩୬ ମି.ମି ବର୍ଷା ହୋଇଛି। ସେହିପରି ବଡ଼ଗାଁ ବ୍ଲକରେ ୨୯ ମି.ମି, ବିଶ୍ରାରେ ୮୭ ମି.ମି, ବଣାଇରେ ୫୯ ମି.ମି, ଗୁରୁଣ୍ଡିଆରେ ୮୪ ମି.ମି, ହେମଗିରିରେ ୧୩୯ ମି.ମି, କୋଇଡ଼ାରେ ୬୦ ମିମି, କୁଆଁରମୁଣ୍ଡାରେ ୧୯୩ ମି.ମି, କୁତ୍ରାରେ ୫୮ ମିମି, ଲହୁଣୀପଡ଼ାରେ ୫୫ ମି.ମି, ଲାଠିକଟାରେ ୨୦୪ ମି.ମି, ଲେଫ୍ରିପଡ଼ାରେ ୧୫୧ ମି.ମି, ନୂଆଗାଁରେ ୮୪ ମି.ମି, ରାଜଗାଙ୍ଗପୁରରେ ୯୯ ମି.ମି, ସବଡେଗାରେ ୧୦୨ ମି.ମି, ସୁନ୍ଦରଗଡ଼ରେ ୧୦୩ ମି.ମି, ଟାଙ୍ଗରପାଲି ବ୍ଲକରେ ୧୨୦ ମି.ମି ଓ ରାଉରକେଲା ମହାନଗର ନିଗମରେ ୫୮ ମି.ମି ବର୍ଷା ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ସମଗ୍ର ଜିଲ୍ଲାରେ ଚାଷ କାର୍ଯ୍ୟ ବିଳମ୍ବିତ ହୋଇଛି। ଚାଷୀ କିଛିଟା ଧାନ ବୁଣାବୁଣି କରିଥିଲେ ହେଁ ଧାନ ପହ୍ଲା ଆଦୌ ପକାଇ ପାରିନାହିଁ। ସରକାର ପ୍ରତି ବ୍ଲକରେ ୩୫ ପ୍ରତିଶତ ଚାଷ ଜମିରେ ଜଳସେଚନ ବ୍ୟ

ଓଷୁଅ ଲାଗି ହେଲେ ମହାପ୍ରଭୁ

ପୁରୀ, ୨୮।୬(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଭିତର ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗୁରୁବାର ଫୁଲରି ତେଲ ଲାଗି ହେବା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି ମହାପ୍ରଭୁ। ତେବେ ଶୁକ୍ରବାର ଦାରୁଦିଅଁଙ୍କୁ ଓଷୁଅ ଲାଗି କରାଯାଇଛି।

ସୂଚନାଥାଉ କି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ। ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ। ଅଣ ଶୁଦ୍ଧସୁଆର ଝୁଣା, ରାଶି ତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି। ଏହାପରେ ଠାକୁରଙ୍କ ପାଖରେ ଚକଟା ଭୋଗ, ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଇଥାଏ।

ରଥରେ ଘୋଡ଼ା ରୁହନ୍ତି କାହିଁକି?

ଆଜ ୮ ଦିନ

ପାଖେଇ ଆସୁଛି ରଥଯାତ୍ରା। ରଥଖଳାରେ ତିଆରି ଚାଲିଛି ତିନିରଥ। ରଥରେ ବସି ଆଡ଼ପମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧା ବିଗ୍ରହ। ମହାପ୍ରଭୁଙ୍କ ରଥରେ ପାର୍ଶ୍ୱ ଦେବଦେବୀଙ୍କ ସହିତ ରୁହନ୍ତି ଘୋଡ଼ା। ରଥ ଗଢ଼ିବା ପୂର୍ବରୁ ଘୋଡ଼ାମାନଙ୍କୁ ସଂଯୋଗ କରାଯାଇଥାଏ। ତେବେ ଏହି ଘୋଡ଼ାମାନଙ୍କ ବିଷୟରେ ଜାଣିବାକୁ ଅନେକଙ୍କ ମନରେ ବିଶେଷ ଆଗ୍ରହ ଥାଏ। ପ୍ରତି ରଥରେ ୪ଟି ଲେଖାଏଁ ଘୋଡ଼ା ରହିଥା'ନ୍ତି। ତିନି ରଥରେ ରହୁଥିବା ଅଶ୍ୱମାନଙ୍କ ଭିନ୍ନଭିନ୍ନ ନାମ ରହିଛି। ନନ୍ଦିଘୋଷ ରଥରେ ଲାଗୁଥିବା ଅଶ୍ୱମାନେ ହେଲେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ। ସେହିପରି ତାଳଧ୍ୱଜ ରଥର ଅଶ୍ୱଗୁଡ଼ିକ ହେଲେ, ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ଦର୍ପଦଳନ ରଥର ଅଶ୍ୱଗୁଡ଼ିକ ହେଲେ, ରୋଚିକା, ମୋଚିକା, ଜିତା ଓ ଅପରାଜିତା। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଘୋଡ଼ା ଅଣ୍ଡିରା ହୋଇଥିବା ବେଳେ ସୁଭଦ୍ରାଙ୍କ ରଥର ଘୋଡ଼ା ମାଈ।

ଘୋଡ଼ାଗୁଡ଼ିକୁ ରଥରେ ସଂଯୋଗ କରିବା ପୂର୍ବରୁ ଏମାନଙ୍କୁ ଚିତ୍ରିତ କରାଯାଏ। ସେହି ଚିତ୍ର ଅନୁଯାୟୀ, ନନ୍ଦିଘୋଷ ରଥ ଘୋଡ଼ାର ରଙ୍ଗ ଧଳା, ବଡ଼ଠାକୁରଙ୍କର କଳା ଏବଂ ସୁଭଦ୍ରାଙ୍କ ରଥର ଘୋଡାର ରଙ୍ଗ ନାଲି। ରଥରୁ ଓହ୍ଲାଇବା ପରେ ଏମାନଙ୍କୁ ସ୍ୱତନ୍ତ୍ର ଭବେ ରଖାଯାଇ ପୂଜା କରିବାର ବିଧି ରହିଛି। ଘୋଡ଼ାଗୁଡ଼ିକୁ ବିସର୍ଜନ କରାଯାଏ ନାହିଁ। ନବକଳେବର ସମୟରେ ଏମାନେ ନିର୍ମିତ ହୋଇ ପ୍ରତିଷ୍ଠା ପାଇଥାନ୍ତି। ପରବର୍ତ୍ତୀ ନବକଳେବର ପର୍ଯ୍ୟନ୍ତ ଏମାନେ ରଥରେ ସଂଯୋଜିତ ହୋଇଥାନ୍ତି। ନବକଳେବର ପଡ଼ିଲେ ଏମାନଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ। ପୁଣି ନୂତନ ଘୋଡ଼ା ନିର୍ମାଣ କରିଥାନ୍ତି ରୂପକାର ସେବକ।

ରଥରେ ଘୋଡ଼ା ସଂଯୋଗ ହେବା ନେଇ ବିଭିନ୍ନ ପ୍ରକାର ଜନଶ୍ରୁତି ରହିଛି। ଏହି ଜନଶ୍ରୁତି ଅନୁଯାୟୀ, ପୂର୍ବରୁ ରଥକୁ ଘୋଡ଼ାମାନେ ଟାଣୁଥିଲେ। ସେହି ସ୍ମୃତିରେ ରଥରେ କାଠ ନିର୍ମିତ ଘୋଡ଼ାଙ୍କୁ ସଂଯୋଗ କରାଯାଉଛି। ଅନ୍ୟପକ୍ଷରେ ଏହି ଅଶ୍ୱଙ୍କୁ ଇନ୍ଦ୍ରୀୟସହିତ ମଧ୍ୟ ତୁଳନା କରାଯାଏ। ଶରୀର ହେଉଛି ରଥ, ଇନ୍ଦ୍ରୀୟ ହେଉଛନ୍ତି ଘୋଡ଼ା। ଅର୍ଥାତ୍ ମହାପ୍ରଭୁଙ୍କ ରଥରେ ଅଶ୍ୱ ସଂଯୋଜିତ ହେବାର ରହସ୍ୟ ହେଉଛି ଶରୀର ରୂପକ ରଥକୁ ଇନ୍ଦ୍ରୀୟମାନେ ଯେପରି ଠିକ୍ ମାର୍ଗରେ ନେଇଯାନ୍ତି, ସେହିଭଳି ଅଶ୍ୱମାନେ ତିନିରଥକୁ ଠିକ୍ ମାର୍ଗରେ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦିଅନ୍ତି। ତେଣୁ ଆମ ସନାତନ ପରମ୍ପରାରେ ଅଶ୍ୱମେଧ ଯଜ୍ଞର ପରିକଳ୍ପନା କରାଯାଇଛି। ଅଶ୍ୱମେଧ ଯଜ୍ଞର ରହସ୍ୟ ହେଉଛି ଇନ୍ଦ୍ରୀୟମାନଙ୍କୁ ନିୟନ୍ତ୍ରଣ କରିବା।

ଅଣସର ଘରେ ଜଳେ ରାଶି ତେଲର ଦୀପ

ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ତେବେ ଏହି ଗୁପ୍ତସେବାରେ ରହିଛି କେତୋଟି ନିଷିଦ୍ଧ ନିୟମ। ଏ ସମ୍ପର୍କରେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ସ୍ନାନ ନୀତି ପରେ ରତ୍ନବେଦୀ ସମ୍ମୁଖରେ ବାଉଁଶ ଟାଟିର ଏକ ଅସ୍ଥାୟୀ ଗୃହ କରାଯାଏ। ସେଠାରେ ଦାରୁବିଗ୍ରହମାନଙ୍କ ଗୁପ୍ତ ସେବା ହୁଏ। ଏହି ଅସ୍ଥାୟୀ ଗୃହକୁ ଅଣସର ଗୃହ ଏବଂ ଗୃହ ଚାରିପଟେ ପରିବେଷ୍ଟିତ ଟାଟିକୁ ଅଣସର ଟାଟି କୁହାଯାଏ। ଟାଟିରେ ଏକ ଦ୍ୱାର ଥାଏ। ଏହି ଦ୍ୱାର ଦେଇ ଦଇତାପତି ସେବକ ପ୍ରବେଶ କରନ୍ତି। ଅଣସର ଘରେ ସମ୍ପାଦିତ ନୀତିକୁ ଅଣସର ନୀତି କୁହାଯାଏ। ଦଇତା ଓ ପତିମହାପାତ୍ର ସେବକମାନେ ଅଣସର ଗୃହକୁ ପ୍ରବେଶ କରିଥାନ୍ତି। ଏଠାକୁ ଅନ୍ୟ କେହି ପ୍ରବେଶ କରିପାରିବେ ନାହିଁ। ଅଣସର ଘରେ ରାଶି ତେଲ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ। ଅଣସର ପିଣ୍ଡିରେ କେବଳ ଧଳାଫୁଲ ବ୍ୟତୀତ ଅନ୍ୟ କୌଣସି ଫୁଲ ପ୍ରବେଶ କରିପାରିବ ନାହିଁ।

ଅଣସରରେ ଲାଗି ହୁଏନି ରନ୍ଧା ଭୋଗ

ଅଣସର ସମୟରେ ବ୍ୟବହାର ହେଉଥିବା ଫଳ ଚୋପା ମଧ୍ୟ ବାହାରକୁ ଆସେ ନାହିଁ। ଏପରିକି, ବ୍ୟବହୃତ ପାତ୍ର ମଧ୍ୟ ପଦାକୁ ଅଣାଯାଏ ନାହିଁ। ଅଣସର ଶେଷ ପର୍ଯ୍ୟନ୍ତ ସମସ୍ତ ଉଗୁରା ଫୁଲ, ଫଳଚୋପା, ବ୍ୟବହୃତ ପାତ୍ର ଆଦି ଗୃହର ଏକ କୋଣରେ ରଖାଯାଇଥାଏ। ଏହି ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି ହୁଏ ନାହିଁ। ଅଣସର ସମୟରେ ପଣା ଓ ଚକଟା ଭୋଗ ଲାଗି କରାଯାଏ। ଏହାସହ ଛେନା, ପଣସ, ଆମ୍ବ, ସପୁରୀ ଆଦି ଠାକୁରଙ୍କୁ ସମର୍ପଣ କରାଯିବାର ବିଧି ରହିଛି। ଅଣସର ସେବାକୁ ଯାଉଥିବା ଦଇତାପତିମାନେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିଥାନ୍ତି। କେବଳ ମହାପ୍ରଭୁଙ୍କ ସମର୍ପିତ ଭୋଗ ଗ୍ରହଣ କରିଥାନ୍ତି। ଏଥିପାଇଁ ଯେଉଁ ପତ୍ର ଓ ପାତ୍ର ବ୍ୟବହାର କରାଯାଏ, ତାହା ମଧ୍ୟ ଅଣସର ଘରୁ ବାହାରକୁ ଆସି ନ ଥାଏ। ଅଣସର ପିଣ୍ଡିରେ ଭୋଗ ସମର୍ପଣ ବେଳେ ବିଶେଷ ନୀତି ନିୟମ ପ୍ରତି ଗୁରୁତ୍ୱ ଦିଆଯାଏ। କୌଣସି ଘଣ୍ଟି ବାଜି ନ ଥାଏ। ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ। ସେବା ସମୟରେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରି ନ ଥାନ୍ତି। ଏହି ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ନିର୍ମାଣ କିମ୍ବା ଶବ୍ଦ ହୋଇ ନ ଥାଏ ବୋଲି ଦଇତାପତି ସେବକ ଦାସମହାପାତ୍ର କହିଛନ୍ତି।

ରଥଯାତ୍ରା ପାଇଁ ପୁରୀକୁ ଗଡ଼ିବ ୩୧୫ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୮।୬(ସମିସ): ରଥଯାତ୍ରା ଉପଲକ୍ଷେ ଆସନ୍ତା ଜୁଲାଇ ୬ରୁ ୧୯ତାରିଖ ପର୍ଯ୍ୟନ୍ତ ପୁରୀକୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଗଡ଼ିବ। ତୀର୍ଥଯାତ୍ରୀମାନଙ୍କ ସୁବିଧା ଉଦ୍ଦେଶ୍ୟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏପରି ଯୋଜନା କରାଯାଇଛି। ଚଳିତବର୍ଷ ଗୁଣ୍ଡିଚା ଯାତ୍ରା ଦୁଇ ଦିନ ଧରି ପାଳନ କରାଯିବ। ପୂର୍ବ ରଥଯାତ୍ରା ଉତ୍ସବର ଅଭିଜ୍ଞତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଓଡ଼ିଶାର ବିଭିନ୍ନ ସ୍ଥାନ ସହ ପଡ଼ୋଶୀ ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ଯୋଜନା କରିଛି।

ଚଳିତ ବର୍ଷ ଜୁନାଗଡ଼ ରୋଡ୍, ସମ୍ବଲପୁର, କେନ୍ଦୁଝରଗଡ଼, ପାରାଦୀପ, ଭଦ୍ରକ, ଅନୁଗୁଳ, ଗୁଣ୍ଡୁପୁର, ବାଙ୍ଗିରିପୋଷି ବ୍ୟତୀତ ନୂତନ ଭାବେ ବାଦାମପାହାଡ଼, ରାଉରକେଲା, ବାଲେଶ୍ୱର, ସୋନପୁର ଏବଂ ଦଶପଲ୍ଲାଠାରୁ ସ୍ୱତନ୍ତ୍ର ଟ୍ରେନ୍ ପୁରୀକୁ ଚଳାଚଳ କରିବ। ଏହାବ୍ୟତୀତ ସାନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ଯୋଜନା କରାଯାଇଛି। ଚଳିତବର୍ଷ ରଥଯାତ୍ରାର ଅଧରପଣା ଉତ୍ସବ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ପୂର୍ବତଟ ରେଳପଥ ଯୋଜନା କରିଛି। ଏତଦବ୍ୟତୀତ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳପଥ ପକ୍ଷରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ମଧ୍ୟ ବ୍ୟବସ୍ଥା କରାଯିବ।

ରଥଯାତ୍ରା ସମୟରେ ଯାତ୍ରୀଙ୍କ ଯାତାୟାତ ସୁବିଧା ବ୍ୟତୀତ ଯାତ୍ରୀ ପରିସେବା ସୁଦୃଢ଼ କରିବା ଉପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିବା ବେଳେ ତୀର୍ଥଯାତ୍ରୀ ତଥା ଭକ୍ତଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇଦେବାକୁ ପୂର୍ବତଟ ରେଳପଥକୁ ପରାମର୍ଶ ଦେଇଛନ୍ତି। ଭକ୍ତମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ରେଳମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଯାତ୍ରୀ ଭିଡ଼ ପରିଚାଳନା, ଟ୍ରେନ୍ ସୂଚନା ପ୍ରଣାଳୀ/ ଅନୁସନ୍ଧାନ କାଉଣ୍ଟର, ଭିଡିଓ ୱାଲ୍ ପ୍ରଦର୍ଶନ, ଅତିରିକ୍ତ ଟିକେଟ୍ ବୁକିଂ କାଉଣ୍ଟର ଏବଂ ମୋବାଇଲ୍ ଟିକେଟ୍ କାଉଣ୍ଟର, ୧୫ହଜାର ତୀର୍ଥଯାତ୍ରୀ ବିଶ୍ରାମ ନେବା ଭଳି ତୀର୍ଥଯାତ୍ରୀ ଅପେକ୍ଷା କ୍ଷେତ୍ର/ ଶେଡ୍ ପାଇଁ ମଧ୍ୟ ପୂର୍ବତଟ ରେଳପଥ ପଦକ୍ଷେପ ନେଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପୁରୀ ରେଳ ଷ୍ଟେସନ୍‌ରେ ରଥଯାତ୍ରା ବ୍ୟବସ୍ଥା ଯାଞ୍ଚ କରି ତୀର୍ଥଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧାଗୁଡ଼ିକ ସମ୍ବନ୍ଧରେ ଅବଗତ ହେବା ସହ ରଥଯାତ୍ରାର କାର୍ଯ୍ୟସୂଚୀର ବହୁ ପୂର୍ବରୁ ଯାତ୍ରୀ ସୁବିଧା ଉପଲବ୍ଧ କରାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୧୫ ହଜାର ଯାତ୍ରୀଙ୍କ ପାଇଁ ଶେଡ୍ ବ୍ୟବସ୍ଥା

ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ରେଳ ମନ୍ତ୍ରୀଙ୍କ ପରାମର୍ଶ

ସର୍ବଭାରତୀୟ ହାକାଥନ୍‌ରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରଥମ

କଟକ, ୨୮।୬(ସମିସ): ସର୍ବଭାରତୀୟ ହାକାଥନ୍‌ରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ଡିପ୍ରପୋଜ୍ ଫାଉଣ୍ଡେସନ୍ ପକ୍ଷରୁ ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଞ୍ଜନିୟରିଂ ଆଣ୍ଡ ଟେକ୍ନୋଲୋଜିର ଇଏନ୍‌ଟିସି ବିଭାଗର ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଇନ୍‌ଟିସି ବିଭାଗର ସହକାରୀ ପ୍ରଫେସର୍ ଶୁଭ୍ରାଂଶୁ କୁମାର ସିଂହ, ଡ. ବଜ୍ରପଞ୍ଜର ମିଶ୍ରଙ୍କ ମାର୍ଗଦର୍ଶନରେ ଛାତ୍ର ଚିତ୍ତରଞ୍ଜନ ବେହେରା (ଟିମ୍ ଲିଡର), ସାଗରିକା ସ୍ୱାଇଁ, ରଶ୍ମିରଞ୍ଜନ ସାହୁ ଏବଂ ସାଜନ୍ କୁମାର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳରେ ସାମିଲ ଥିଲେ। ପୁରସ୍କାର ସ୍ୱରୂପ ଏକ ଲକ୍ଷ ଟଙ୍କାର ଚେକ୍ ଓ ପ୍ରମାଣପତ୍ର ବିଜୟୀ ଦଳକୁ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ୩ଟି ଟିମ୍ ଭାଗ ନେଇଥିଲେ। ଗୋଟିଏ ଟିମ୍ ପ୍ରଥମ ସ୍ଥାନ ଏବଂ ଅନ୍ୟ ଦୁଇଟି ଟିମ୍ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ବିଚାରପତିଙ୍କ ପ୍ରଶଂସାଭାଜନ ହୋଇଥିଲେ।

ପ୍ରକାଶଥାଉକି ଏହିପ୍ରତିଯୋଗିତାରେ ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନରୁ ୮,୫୦୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲା ବେଳେ ୧୦୦ଜଣ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଏଭଳି ଗୌରବମୟ କୃତିତ୍ୱ ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ରେଜିଷ୍ଟ୍ରାର୍ ଡ. ଭକ୍ତଚରଣ ପ୍ରଧାନ, ପ୍ରାଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଙ୍ଗ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଇଏନ୍‌ଟିସି ବିଭାଗର ମୁଖ୍ୟ ପ୍ରଫେସର ଡ. ଜୀବନାନନ୍ଦ ମେହେନା ଏବଂ ବିଭାଗର ଅଧ୍ୟାପକ, ଅଧ୍ୟାପିକା ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳର ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

■ ସାମାନ୍ୟ ବଚସାରୁ ଅଘଟଣ

ଶ୍ରେଣୀଗୃହରେ ସହପାଠୀକୁ ଛୁରି ଭୁସିଦେଲା

ସାନଖେମୁଣ୍ଡି, ୨୮।୬(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ପାଇକ ରାମଚନ୍ଦ୍ରପୁର ପଞ୍ଚାୟତ ରଘୁନାଥ ବିଦ୍ୟାଳୟରେ ଏକ ଅଘଟଣ ଘଟିଛି। ସାମାନ୍ୟ ବଚସାରୁ ଜଣେ ନବମ ଶ୍ରେଣୀ ଛାତ୍ର ସହପାଠୀକୁ ଛୁରି ଭୁସିଛି। ଆହତ ଛାତ୍ରଜଣକ ହେଲେ ଓମ୍ ପ୍ରଧାନ। ତାଙ୍କ ଛାତିରେ ଆଘାତ ଲାଗିଛି।

ଗୁରୁବାର ସନ୍ଧ୍ୟାରେ ଗ୍ରାମର ଘରୋଇ ଟ୍ୟୁସନ୍‌ରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଛାତ୍ରଜଣକ ଓମ୍‌ଙ୍କୁ ଧମକ ଦେଇଥିଲେ। ଶୁକ୍ରବାର ବିଦ୍ୟାଳୟ ଖୋଲିବା ପରେ ଦୁଇଜଣଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଛାତ୍ରଜଣଙ୍କ ସାଙ୍ଗରେ ଆଣିଥିବା ଏକ ଛୁରିରେ ସହପାଠୀ ଓମ୍‌ଙ୍କ ଛାତିକୁ ଭୁଶି ଦେଇଥିଲା। ଖବର ପାଇ ଶିକ୍ଷକମାନେ ଆହତ ଓମ୍‌ଙ୍କୁ ଶେରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇବା ସହ ପରିବାରଲୋକଙ୍କୁ ଖବର ଦେଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ଆଇଆଇସି ଅଜୟ କୁମାର ସ୍ୱାଇଁ ସଦଳବଳେ ସ୍କୁଲରେ ପହଞ୍ଚି ସହକାରୀ ଶିକ୍ଷକଙ୍କ ସହ ଆଲୋଚନା କରିବା ସହ ଆହତ ଛାତ୍ରଙ୍କ ପରିବାରଲୋକଙ୍କୁ ପଚରାଉଚରା କରିଛନ୍ତି। ଆକ୍ରମଣ କରିଥିବା ସମ୍ପୃକ୍ତ ଛାତ୍ରଙ୍କୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି।

ଓଏଭିରେ +୨ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୭।୬(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ +୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ (ଓଏଭିଏସ୍) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆଶାୟୀ ଛାତ୍ରଛାତ୍ରୀମାନେ ଅଫଲାଇନ୍‌ରେ ଜୁଲାଇ ୧୨ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୧୫ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୬ରୁ ୨୧ତାରିଖ ମଧ୍ୟରେ ନାମ ଲେଖାଇବେ। ଏହାପରେ ୨୨ ତାରିଖରେ ୱେଟିଂଲିଷ୍ଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ଓ ୨୩ରୁ ୩୦ତାରିଖ ମଧ୍ୟରେ ନାମଲେଖା ହେବ। ସମସ୍ତ ନାମଲେଖା ପ୍ରକ୍ରିୟା ଜୁଲାଇ ୩୧ ତାରିଖରେ ସରିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ରାଜ୍ୟର ୨୧୪ଟି ଓଏଭିରେ +୨ ରହିଛି। ଏ ସବୁରେ ଉଭୟ ବିଜ୍ଞାନ ଓ ବାଣିଜ୍ୟ ପାଇଁ ୮୦ଟି ଲେଖାଏଁ ସିଟ୍ ରହିଛି। ବିଜ୍ଞାନରେ ଆବେଦନ କରିବାକୁ ହେଲେ, ସାଧାରଣ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଦଶମରେ ସମୁଦାୟ ୫୫ପ୍ରତିଶତ ବା ଅଧିକ ମାର୍କ ରଖିଥିବା ଆବଶ୍ୟକ। ଏହାସହ ବିଜ୍ଞାନ ଓ ଗଣିତରେ ମିଳିତ ଭାବେ ୫୦ପ୍ରତିଶତ ନମ୍ବର ରଖିଥିଲେ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ହେବେ। ଅନୁରୂପ ଭାବେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ସମୁଦାୟ ୫୦ପ୍ରତିଶତ ଏବଂ ଗଣିତ ଓ ବିଜ୍ଞାନରେ ମିଳିତ ଭାବେ ୪୫ପ୍ରତିଶତ ନମ୍ବର ରଖିଥିଲେ ଆବେଦନ କରିପାରିବେ। ବାଣିଜ୍ୟରେ ଆବେଦନ କରିବାକୁ ହେଲେ କେବଳ ଦଶମ ପାସ୍ କରିଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ଛାତ୍ରଛାତ୍ରୀଙ୍କ ଚୟନ କରିବାର ପ୍ରକ୍ରିୟା ମଧ୍ୟ ସମସ୍ତ ଓଏଭିକୁ ଅବଗତ କରାଯାଇଛି। ପ୍ରଥମେ ସେହି ସ୍କୁଲର ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦିଆଯିବ। ପରେ ସେହି ଜିଲ୍ଲା ଓ ତା' ପରେ ଅନ୍ୟ ଜିଲ୍ଲା ଓଏ

ନିଜ ଉପରେ ବିଶ୍ୱାସ ନ ଆସିବା ପର୍ଯ୍ୟନ୍ତ ଈଶ୍ୱରଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରିହେବ ନାହିଁ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

ଦିଲ୍ଲୀ ଜଳାର୍ଣ୍ଣବରୁ ଶିଖିଲେ ହେଲା!

ଆଧୁନିକ ସଭ୍ୟତାର ମନ୍ତ୍ର ହେଉଛି ବିକାଶ। ବିଶ୍ୱ ଦରବାରରେ ଗୋଟିଏ ଦେଶର ମାନ, ମର୍ଯ୍ୟାଦା, ଗରିମାର ମାପଦଣ୍ଡ ତା'ର ବିକାଶରୁ ନିର୍ଣ୍ଣୟ କରାଯାଉଛି। କିନ୍ତୁ ଏହି ଅପରିମାଣଦର୍ଶୀ ବିକାଶର କୁପ୍ରଭାବ ଯେ ମାନବ ସଭ୍ୟତାକୁ ବିନାଶ ମୁହଁକୁ ଟାଣି ନେଉଛି ତାହାର ଉଦାହରଣ ସମୟେ ସମୟେ ଆମକୁ ପ୍ରକୃତି ଦେଖାଇ ଦେଉଛି। କିଛିଦିନ ତଳେ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ଓ ଧନାଢ୍ୟ ଦେଶ ଦୁବାଇରେ ଅଭୂତପୂର୍ବ ଜଳାର୍ଣ୍ଣବ ସାରା ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଭାରତର ରାଜଧାନୀ ଦିଲ୍ଲୀରେ। ଗତ ଚବିଶ ଘଣ୍ଟା ମଧ୍ୟରେ ସେଠାରେ ୨୮୮ ମିଲି ମିଟର ବର୍ଷା ହେବା ଫଳରେ ଜନଜୀବନ ବିପନ୍ନ ହୋଇପଡ଼ିଛି। ରାଜଧାନୀ ଏକ କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଜଳ ଓ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଥିବା ବେଳେ ଅଧିକ ଅଘଟଣ ଟାଳିବା ପାଇଁ ରାଜଧାନୀରେ ବିଦ୍ୟୁତ ସରବରାହ ବନ୍ଦ କରି ଦିଆଯାଇଥିଲା। ବିଗତ ୮୮ ବର୍ଷ ମଧ୍ୟରେ ଏଭଳି ବର୍ଷା ଦିଲ୍ଲୀରେ ଦେଖିବାକୁ ମିଳି ନଥିବା କୁହାଯାଉଛି। ଆଇଏମ୍‌ଡିର ଆକଳନ ଅନୁଯାୟୀ ଦିଲ୍ଲୀରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚିବାକୁ ଆହୁରି ତିନିଚାରିଦିନ ଅଛି। ତା' ପୂର୍ବରୁ ଯଦି ଏଭଳି ଅବସ୍ଥା ସୃଷ୍ଟି ହୋଇଛି ତେବେ ମୌସୁମୀ ଋତୁରେ ରାଜଧାନୀବାସୀ କିଭଳି ଅବସ୍ଥା ଭୋଗିବେ ତାହା ଅନୁମେୟ।

ସବୁଠାରୁ ଉଦ୍‌ବେଗଜନକ ହେଉଛି ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରର ଟର୍ମିନାଲ୍ ୧ର ଏକ ଅଂଶ ଭାଙ୍ଗି ପଡ଼ି ଜଣଙ୍କ ଜୀବନ ଯାଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ରାସ୍ତାରେ ଅଟକି ରହିଛି। ଦିଲ୍ଲୀ ବିମାନବନ୍ଦରରେ ଘଟିଥିବା ଅଘଟଣର ପ୍ରଭାବ ସଂସଦରେ ପ୍ରତିଧ୍ୱନିତ ହୋଇଛି। ଏହି ଟର୍ମିନାଲ ନିକଟରେ ସମ୍ପ୍ରସାରିତ ହୋଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିବାରୁ ନିର୍ମାଣର ଗୁଣବତ୍ତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି ଅଘଟଣ ଯୋଗୁଁ ପ୍ରାୟ ୯୦ ବିମାନର ଉଡ଼ାଣ ବାତିଲ୍ କରାଯାଇଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ଏହା ମଧ୍ୟ କେବେ ସ୍ୱାଭାବିକ ହେବ ତାହା ନିଶ୍ଚିତ ହୋଇ ନଥିବାରୁ ଅନ୍ୟ ଟର୍ମିନାଲ୍‌ଗୁଡ଼ିକରେ ଯାତ୍ରୀ ଭିଡ଼ ଅଧିକ ହେବ ଏବଂ ବିମାନ ଚଳାଚଳର ସ୍ୱାଭାବିକ ସମୟ ନିର୍ଘଣ୍ଟ ବିଳମ୍ବିତ ହେବା ଏକପ୍ରକାର ନିଶ୍ଚିତ। ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ହଜାର ହଜାର ଲୋକ ଦୈନିକ ଯାତାୟାତ କରୁଥିବାରୁ ଭାରତର ନିମ୍ନମାନର ନିର୍ମାଣ ଶୈଳୀ, ଗୁଣ ଓ ମାନ ନିଶ୍ଚୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବ।

ତେବେ ଏଥିପାଇଁ କେବଳ ଅଦୂରଦର୍ଶୀ ବିକାଶ ଯୋଜନାକୁ ହିଁ ଦାୟୀ କରାଯାଇପାରେ। ଭାରତର ଅନ୍ୟତମ ଧନାଢ୍ୟ ମହାନଗରୀ ବାଣିଜ୍ୟ ରାଜଧାନୀ ମୁମ୍ବାଇ, କୋଲକତା ଭଳି ସହର ବର୍ଷାରେ କିଭଳି ସ୍ଥିତିକୁ ଚାଲିଯାଏ ତାହା ଆମେ ସମସ୍ତେ ଦେଖିଆସୁଛୁ। ଆମ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବର୍ଷା ଦିନେ କିପରି କୃତ୍ରିମ ହ୍ରଦମାନ ଓ ଖୋଲା ଡ୍ରେନ୍‌ମାନଙ୍କରେ ନଈବଢ଼ି ଭଳି ସ୍ଥିତି ସୃଷ୍ଟି ହୁଏ ଏବଂ ଏହାପଛର କାରଣ ମଧ୍ୟ ଅଜଣା ନୁହେଁ।

ସମୟ ସହିତ ଜନଜୀବନ ଅଧିକ ଚଳଚଞ୍ଚଳ ହୋଇପଡ଼ିଛି। ତା' ସହିତ ତାଳ ଦେଇ ଟ୍ରାଫିକ୍ ମଧ୍ୟ ବ୍ୟସ୍ତବହୁଳ ହେବାରେ ଲାଗିଛି। ତେଣୁ ଓଭରବ୍ରିଜ୍, ଫ୍ଲାଏଓଭରମାନ ବର୍ତ୍ତମାନ ସମୟର ସହିରୀ ଗମନାଗମନ ଓ ପରିବହନ କ୍ଷେତ୍ରରେ ସବୁଠାରୁ ବଡ଼ ଆବଶ୍ୟକତା ପାଲଟି ଯାଇଛି। କିନ୍ତୁ ଏହିସବୁ ନିର୍ମାଣ ହିଁ ବର୍ଷା ଦିନେ ବର୍ଷାଜଳପ୍ରବାହର ସ୍ୱାଭାବିକତା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି। କେବଳ ସେତିକି ନୁହେଁ, ରାସ୍ତା ଉପରେ ଜଳପ୍ଲାବନ ଯୋଗୁଁ ଖାଲ ଢିପ ନ ଜାଣିପାରି ଅନେକ ଧନଜୀବନ ହାନି ଘଟୁଛି। ଗତ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ପୁଣି ଏଭଳି ଏକ ପରିସ୍ଥିତିରେ ନାଳରେ ଭାସି ଯାଇ ଜଣେ ଶିଶୁର ଜୀବନଦୀପ ଲିଭିଯାଇଛି ଏବଂ ଏଭଳି ଘଟଣାମାନ ପ୍ରାୟ ପ୍ରତିବର୍ଷ ଘଟୁଛି। ଗୋଟିଏ ପଟେ ଅଦୂରଦର୍ଶୀ ନିର୍ମାଣ ଓ ଜବରଦଖଲ ଏବଂ ଅନ୍ୟପକ୍ଷରେ ମୁକୁଳା ନାଳକୁ ବନ୍ଦ କରିବାରେ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ସଭ୍ୟ ସମାଜରେ ଏଭଳି ଦୁଃଖଦ ଘଟଣାମାନ ଘଟିବାରେ ଲାଗିଛି।

ପରିତାପର ବିଷୟ ହେଉଛି ଥରେ ଏଭଳି ଘଟଣା ଘଟିଲେ ଗତାନୁଗତିକ ଢଙ୍ଗରେ ଉଦ୍‌ବେଗ ପ୍ରକାଶ ପାଉଛି, ନାମକୁ ମାତ୍ର ସମୀକ୍ଷା ହେଉଛି ଏବଂ ଲୋକ ଦେଖାଣିଆ ତାଗିଦମାନ ଗଣମାଧ୍ୟମରେ ପ୍ରକାଶ ପାଉଛି। କିନ୍ତୁ ସ୍ଥିତିରେ ତ କିଛି ପରିବର୍ତ୍ତନ ହେଉ ନାହିଁ ବରଂ ଅଧିକରୁ ଅଧିକ ବିଗିଡ଼ିବାରେ ଲାଗିଛି। ଅଘଟଣ ପାଇଁ ଯଦି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୁଅନ୍ତା ତେବେ ବୋଧହୁଏ ସମସ୍ୟାର କିଛି ପରିମାଣରେ ସମାଧାନ ହୋଇପାରନ୍ତା ଏବଂ ସ୍ଥିତିରେ ସୁଧାର ଆସିପାରନ୍ତା। ବିଶେଷକରି ସହରମାନଙ୍କରେ ବର୍ଷା ଜଳ ନିଷ୍କାସନର ମୁଖ୍ୟ ରାସ୍ତା ବଡ଼ ବଡ଼ ଡ୍ରେନ୍‌ଗୁଡ଼ିକର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ବସ୍ତି ଆଉ ଝୁମ୍ପୁଡ଼ି ମାଡ଼ି ବସିଥିବାର ଲକ୍ଷ୍ୟ କରାଯାଏ। ଏଥିରେ ସ୍ଥାନୀୟ କୁଜି ନେତା ତଥା ବାହୁବଳୀମାନଙ୍କର ଖୋଲାଖୋଲି ପ୍ରଭାବ ରହୁଛି। ଫଳରେ ନଳା ନର୍ଦ୍ଦମାଗୁଡ଼ିକ ବର୍ଷା ଜଳରେ ଉଛୁଳିବାରୁ ଜନଜୀବନ ହାନିର ଆଶଙ୍କା ବଢ଼ି ଯାଉଛି। ରାଜଧାନୀ ଭୁବନେଶ୍ୱରର ପ୍ରାୟ ସମସ୍ତ କେନାଲ୍ ଓ ଖୋଲା ଡ୍ରେନ୍ ବର୍ତ୍ତମାନ ବେଆଇନ ଭାବେ ଗଢ଼ି ଉଠିଥିବା ବସ୍ତି ଓ ବଂଲାଦେଶୀ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ରହିଛି। ଦୀର୍ଘବର୍ଷ ଧରି ଏହି ସ୍ଥିତି ଲାଗି ରହିଛି। ଏହାସହିତ ଜଳବାୟୁ ବିପର୍ଯ୍ୟୟ ଓ ବର୍ଷା ବିପ୍ଳାତ ଯୋଗୁଁ ଜଳବନ୍ଦୀ ପରିସ୍ଥିତି ବହୁ ଜାଗାରେ ସୃଷ୍ଟି ହେଉଛି। ଏମ୍‌ଏଲ୍‌ଏ, ଏମ୍‌ପି ଓ ମ୍ୟୁନିସିପାଲିଟି ୱାର୍ଡ ମେମ୍ବରମାନଙ୍କର ଉଭୟ ଅବହେଳା ଓ ସଂରକ୍ଷଣ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି।

ପ୍ରତିବର୍ଷ ମୌସୁମୀ ପୂର୍ବରୁ ରାଜଧାନୀରେ ନାଳନର୍ଦ୍ଦମା ସଫା ପାଇଁ କର୍ତ୍ତୃପକ୍ଷ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରନ୍ତି ଏବଂ ତଦନୁଯାୟୀ ନିର୍ଦ୍ଦେଶ ମଧ୍ୟ ଦିଅନ୍ତି। କିନ୍ତୁ ସେହି ନିର୍ଦ୍ଦେଶର କେତେ ଅନୁପାଳନ ହେଉଛି ତାହା ତଦାରଖ ହେଉ ନଥିବାରୁ ଧର୍ମକୁ ଆଖିଠାର ଭଳି କାଁ ଭାଁ ନାଳ ସଫେଇ ହୁଏ ଏବଂ ସବୁ କାମ କାଗଜପତ୍ରରେ ସମ୍ପୂର୍ଣ୍ଣ ହୁଏ। ଅନେକ ସ୍ଥାନରେ ନାଳରୁ ବାହାର କରାଯାଉଥିବା ମାଟି ଗୋଡ଼ି ଆବର୍ଜନା ଇତ୍ୟାଦି ସ୍ଥାନାନ୍ତର ନ ହୋଇ ସେହି ପାଖରେ ପଡ଼ି ରହୁଥିବାରୁ ବର୍ଷାରେ ଧୋଇ ହୋଇଯାଇ ପୁଣି ସେହି ନାଳକୁ ହିଁ ପୋତି ପକାଏ। ଏହି ପ୍ରହସନର ପରମ୍ପରା ବହୁ ପୁରୁଣା। ଏହା କେବଳ ରାଜଧାନୀ ନୁହେଁ, ବରଂ ରାଜ୍ୟର ସବୁ ବଡ଼ ସହରରେ ଦେଖିବାକୁ ମିଳେ। ଏହାଛଡ଼ା ଏବେ ପ୍ଲାଷ୍ଟିକ୍ ବୋତଲ, ଜରି ମୁଣା ଆଦିର ଗଦା ଗଦା ଆବର୍ଜନା ପାଣି ନିଷ୍କାସନ ଦିଗରେ ବଡ଼ ଅନ୍ତରାୟ ସୃଷ୍ଟି କରିଛି। ପଲିଥିନ୍ ନିଷେଧ କେବଳ କାଗଜକଲମରେ ସୀମିତ ଥିଠିବାରୁ ସହରାଞ୍ଚଳରେ ଏସବୁର ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ଏହା ମଧ୍ୟ ବର୍ଷା ଦିନେ ପରିବେଶ ପ୍ରଦୂଷଣକୁ ଆହୁରି ଉତ୍କଟ କରୁଛି। ତେଣୁ ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ସମାବେଶୀ ଦୂରଦୃଷ୍ଟିପୂର୍ଣ୍ଣ ବିକାଶ ଯୋଜନା ସହିତ ଏକ ପଲିଥିନ୍ ମୁକ୍ତ ପରିବେଶର ପରିକଳ୍ପନା ନିହାତି ଜରୁରୀ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଓଡ଼ିଶାର ପ୍ରାଚୀନ ନାଗ ସଂସ୍କୃତି

ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପ୍ରାଚୀନ ଭାରତରେ ନାଗ ସଂସ୍କୃତିର ପ୍ରାଧାନ୍ୟ ରହିଥିଲା। ସେହି ସମୟର ଭାରତର ଉତ୍ତର-ପଶ୍ଚିମ ଦିଗରେ ତକ୍ଷଶିଳାନଗରୀ ତକ୍ଷକ ବଂଶୀୟ ରାଜାମାନଙ୍କ ରାଜଧାନୀ ରୂପେ ପ୍ରସିଦ୍ଧି ଲାଭ କରିଥିଲା। ଏହି ନଗରୀରେ ଏକ ବିଶ୍ୱପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଥିଲା ଯେଉଁଥିରେ ଦେଶବିଦେଶରୁ ଶହଶହ ଛାତ୍ର ଆସି ଅଧ୍ୟୟନ କରୁଥିଲେ। ତଦନୁରୂପ ଭାରତର ପୂର୍ବ-ଦକ୍ଷିଣ ଦିଗରେ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ 'ନାଗନା' ନଗରୀ ନାଗ ଉପାସନା ନିମିତ୍ତ ପ୍ରସିଦ୍ଧି ଲାଭ କରିଥିଲା। ଏଠାରେ କୁଳିକ ବଂଶର ନାଗରାଜାମାନେ ରାଜତ୍ୱ କରୁଥିଲେ। ଖ୍ରୀଷ୍ଟପୂର୍ବ କାଳରୁ 'ନାଗନା' ଏକ ବିଶାଳ ସାମ୍ରାଜ୍ୟର ମର୍ଯ୍ୟାଦା ବିମଣ୍ଡିତ ଥିଲା। ଏହି ନଗରୀର କିୟତ୍ ଦୂରରେ ରୂପାବଳିଆ ପର୍ବତରେ ନାଗରାଜାମାନଙ୍କ ଦୁର୍ଗ ଥିଲା। ସେହି ପ୍ରାଚୀନ ଗିରିଦୁର୍ଗର ଭଗ୍ନାବଶେଷ ଓ ବାମ୍ଫୀ ପ୍ରଭୃତି ଏବେ ମଧ୍ୟ ପରିଦୃଷ୍ଟ ହୁଏ। କୁଳିକ ବଂଶର ରାଜଧାନୀ ନାଗନାନଗରୀ ଥିଲେ ହେଁ ଶତ୍ରୁ କବଳରୁ ରକ୍ଷା ପାଇବା ନିମିତ୍ତ ସେମାନେ ନିକଟସ୍ଥ ରୂପାବଳିଆ ପର୍ବତରେ ଗିରିଦୁର୍ଗ ନିର୍ମାଣ କରିଥିଲେ।

ନାଗନାନଗରୀର ରାଜାମାନେ 'ନାଗନାଥ' ଓ 'ନାଗନାମୀ'ଙ୍କର ଉପାସନା କରୁଥିଲେ। ନାଗନାଥଙ୍କର ମନ୍ଦିର ଭାଙ୍ଗିଯିବାରୁ ଦ୍ୱାଦଶ ଶତାବ୍ଦୀରେ ତୃତୀୟ ଅନଙ୍ଗ ଭୀମଦେବ ସେଠାରେ ବର୍ତ୍ତମାନର ଭବ୍ୟ ମନ୍ଦିରଟି ନିର୍ମାଣ କରିଛନ୍ତି। ମନ୍ଦିର ସମ୍ମୁଖରେ ଗୋଟିଏ ପ୍ରାଚୀନ ବାମ୍ଫୀ ରହିଛି। ଏହି ବାମ୍ଫୀରେ ଏକାଦଶ ରୁଦ୍ରଙ୍କ ଚିତ୍ର ଖୋଦିତ। ଦେବୀ ନାଗନାମୀ ତ୍ରିଫଣା ବିଶିଷ୍ଟ ନାଗମାତା ମୂର୍ତ୍ତି। ଦେବୀଙ୍କ ମନ୍ଦିରଟି ଭାଙ୍ଗିଯାଇଛି। ସଂପ୍ରତି ଦେବୀ ନାଗନାଇଁ ନାମରେ ଗ୍ରାମଦେବତୀ ଭାବରେ ପୂଜିତ। ବ୍ରାହ୍ମଣୀ ନଦୀ ଗତିପଥ ପରିବର୍ତ୍ତନ କରିଦେବା ଫଳରେ ନାଗସଂସ୍କୃତିର ପ୍ରାଚୀନ ନାଗନାନଗରୀ ଧ୍ୱଂସ ପାଇଗଲା ତଥା ନାଗନାଥଙ୍କ ପ୍ରାଚୀନ ମନ୍ଦିର, ନାଗନାମୀଙ୍କ ପ୍ରାଚୀନ ମନ୍ଦିର ଓ କୁଳିକ ରାଜନ୍ୟବର୍ଗଙ୍କ ରାଜପ୍ରାସାଦ ମଧ୍ୟ ଧ୍ୱଂସ ହୋଇଗଲା। ତାପରେ ନାଗରାଜାମାନେ ରୂପାବଳିଆ ଗିରିଦୁର୍ଗରେ ନିବାସ କଲେ। ପ୍ରାଚୀନ ନଗରୀଟି ବଡ଼ନାଗନା ଓ ସାନନାଗନା ନାମରେ ଦୁଇଟି ଗ୍ରାମରେ ପରିଚିହ୍ନିତ ହେଲା। ସେହି ସ୍ଥାନଠାରୁ ବ୍ରାହ୍ମଣୀନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ପ୍ରାନ୍ତର ଦେଖିଲେ ହୃଦବୋଧ ହୁଏ ଯେ ଏଠାରେ ମାଟିତଳେ ଗୋଟିଏ ସଭ୍ୟତା ଲୁଚି ରହିଛି। ସ୍ୱର୍ଗୀୟ ବିମଳକିଶୋର ମିଶ୍ର ଓଡ଼ିଶା ସରକାରଙ୍କ ସଂସ୍କୃତି ନିର୍ଦ୍ଦେଶକ ଥିବା ବେଳେ ଏହି ପ୍ରାଚୀନ ସ୍ଥଳ ପରିଦର୍ଶନ ପୂର୍ବକ ଭୂଖନନ ଓ ସର୍ବେକ୍ଷଣ ନିମିତ୍ତ ସୁପାରିସ କରିଥିଲେ। ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ।

କୁଳିକବଂଶର ରାଜନ୍ୟବୃନ୍ଦ ବିଶାଳ ନାଗ ସାମ୍ରାଜ୍ୟର ସୁରକ୍ଷା ନିମିତ୍ତ ନାଗନାନଗରୀର ପୂର୍ବ ଦିଗରେ ପ୍ରାୟ ୨୫ କିମି ଦୂରରେ ଗଁଦିଆ ସନ୍ନିକଟ ବଣିଆପଡ଼ା ଗ୍ରାମର ଅନତି ଦୂରରେ ଅନ୍ୟ ଗୋଟିଏ ଗିରିଦୁର୍ଗ ପ୍ରତିଷ୍ଠା କରିଥିଲେ। ଏହି ଗିରିଦୁର୍ଗଟି ଉପରଗଡ଼ ଓ ତଳଗଡ଼ - ଏହିପରି ଦୁଇଭାଗରେ ବିଭକ୍ତ ଥିଲା। ଗିରିଦୁର୍ଗଟି ଧ୍ୱଂସ ପାଇଥିଲେ ହେଁ ଉଭୟଗଡ଼ର ସଙ୍କୁ ସ୍ଥାନରେ ଗୋଟିଏ ସମତଳ ପ୍ରସ୍ତର ପ୍ରାନ୍ତର ରହିଅଛି। ଇତିମଧ୍ୟରେ ଏହି ପ୍ରାଚୀନ ଗିରିଦୁର୍ଗର ବହୁ ପ୍ରସ୍ତର ସ୍ଥାନାନ୍ତରିତ ହୋଇସାରିଛି। ବର୍ତ୍ତମାନ ତଳଗଡ଼ରେ ଗୋଟିଏ ବଡ଼ ପଥର ବାମ୍ଫୀ ଓ ଅନେକ ଛୋଟ କୂଅ ପରିଦୃଷ୍ଟ ହୁଏ। ବାହାର ପ୍ରାଚୀର ସୀମାରେ ଗୋଟିଏ ମଣ୍ଡପରେ ଏକ ଦେବୀମୂର୍ତ୍ତି ଗଡ଼ଚଣ୍ଡୀ ରୂପେ ବିରାଜିତା। ଦେବୀଙ୍କ ଶରୀର ନିମ୍ନଭାଗ ସର୍ପାକୃତି ଏବଂ ଊର୍ଦ୍ଧ୍ୱଦେଶ ନାରୀମୂର୍ତ୍ତି। ମସ୍ତକରେ ସପ୍ତସର୍ପ ଫଣା ଛତ୍ରପ୍ରାୟ ଶୋଭିତ। ବାମ ହସ୍ତରେ କୁମ୍ଭ ଏବଂ ଅନ୍ୟ ହସ୍ତରେ କୁମ୍ଭ ସଦୃଶ ଅନ୍ୟ ଏକ ପାତ୍ର ରହିଅଛି। ଏହା ନାଗମାତା ଇଳାଦେବୀଙ୍କ ମୂର୍ତ୍ତି। ସ୍ଥାନୀୟ ଲୋକେ ଏହି ଦେବୀଙ୍କୁ ଅନନ୍ତେଶ୍ୱରୀ ନାମରେ ପୂଜା କରୁଛନ୍ତି। ଏହି ନାଗମାତା ଥିଲେ ଗିରିଦୁର୍ଗର ଇଷ୍ଟଦେବୀ ଓ ନାଗରାଜାଙ୍କର କୁଳଦେବୀ।

କୁଳିକବଂଶର ନାଗସାମ୍ରାଜ୍ୟ ପଶ୍ଚିମରେ ଅନୁଗୋଳର ତଳମୂଳ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ତଳମୂଳରେ ଗୋଟିଏ ଦଶଖମ୍ବ ମଣ୍ଡପରେ ସପ୍ତଫଣାବିଶିଷ୍ଟ ନାଗଦେବତା ପୂଜା ପାଉଥିଲେ। ପରେ ଏହି ନାଗଦେବତା ହିନ୍ଦୋଳର ଚିତଳପୁର ଗ୍ରାମକୁ ସ୍ଥାନାନ୍ତରିତ ହୋଇଥିଲେ। ଚିତଳପୁରରେ ମଧ୍ୟ ଦଶଖମ୍ବ ମଣ୍ଡପଟିଏ ରହିଛି। ଏହି ଚିତଳପୁରରୁ ପ୍ରତ୍ନତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ କୁଳିକ ବଂଶ ରାଜା ବୀର ପ୍ରଚଣ୍ଡଦେବଙ୍କର ତାମ୍ରପତ୍ର ପାଇଥିଲେ, ଯାହା ବର୍ତ୍ତମାନ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଛି।

ନାଗସାମ୍ରାଜ୍ୟର ପତନ ପରେ ଗଙ୍ଗବଂଶର ତୃତୀୟ ଅନଙ୍ଗଭୀମ ନାଗନାଠାରେ ନାଗନାଥ ମନ୍ଦିର ନିର୍ମାଣ କରିବା ସହିତ ତଳମୂଳ ଓ ଚିତଳପୁରରେ ପୂଜା ପାଉଥିବା ସପ୍ତଫଣା ବିଶିଷ୍ଟ ନାଗ ଦେବତାଙ୍କୁ ବଜ୍ରଲେପ ଦ୍ୱାରା ବଳଦେବ ମୂର୍ତ୍ତିରେ ରୂପାନ୍ତରିତ କରିଥିଲେ। ସେହି ବଳଦେବ ସଂପ୍ରତି ଢେଙ୍କାନାଳର ଇଷ୍ଟ ଦେବ ଭାବରେ ଢେଙ୍କାନାଳ ସହରରେ ଭବ୍ୟ ମନ୍ଦିରରେ ପୂଜିତ। ଢେଙ୍କାନାଳର ବଳଦେବଙ୍କ ମୂର୍ତ୍ତି ଦର୍ଶନ କଲେ ସପ୍ତଫଣା ଢାଞ୍ଚା ସ୍ପଷ୍ଟ ଦୃଶ୍ୟମାନ ହୁଏ। ଅନଙ୍ଗଭୀମ ଦେବ ନାଗନା ରାଜ୍ୟକୁ ଗଙ୍ଗ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ। ତଦୀୟ ପୁତ୍ର ପ୍ରଥମ ନରସିଂହ ଦେବ ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ମନ୍ଦିର ନିର୍ମାଣ କଲେ ଏବଂ ନାଗନା ରାଜ୍ୟକୁ କପିଳାସଠାକୁରଙ୍କ ସେବାରେ ସମର୍ପଣ କଲେ। ଏହା ନରସିଂହ ଦେବଙ୍କ ଦ୍ୱାରା କପିଳାସ ମନ୍ଦିରସ୍ଥିତ ଦଧିନଉତି ଶିଳାଲେଖରେ ଉଦ୍‌ଘୋଷିତ।

ତୃତୀୟ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ନିର୍ମିତ ନାଗନାଥ ମନ୍ଦିରଟି ପଞ୍ଚରଥ ଶୈଳୀର। ଏହାର ଉଚ୍ଚତା ୪୫ ଫୁଟ। ମନ୍ଦିରଟି ଜଗମୋହନ, ଭୋଗମଣ୍ଡପ ଓ ଗର୍ଭଗୃହ, ଏ ଭଳି ତିନିଭାଗରେ ବିଭକ୍ତ। ଗର୍ଭଗୃହରେ ସ୍ୱୟଂଭୂ ଜ୍ୟୋତିର୍ଲିଙ୍ଗ ନାଗନାଥେଶ୍ୱର ବିରାଜିତ। ଜଗମୋହନରେ ଦୁଇଗୋଟି ବୃଷଭ ବିରାଜିତ। ପ୍ରଥମଟି ମନ୍ଦିର ନିର୍ମାଣ ସମୟର ଏବଂ ଦ୍ୱିତୀୟଟି ପରବର୍ତ୍ତୀ କାଳର। ଦ୍ୱିତୀୟ ବୃଷଭର ନିମ୍ନ ଭାଗରେ ପ୍ରାଚୀନ ଓଡ଼ିଆ ଅକ୍ଷରରେ ଗୋଟିଏ ଫକ୍ତି ଶିଳାଲେଖ ଉତ୍କୀର୍ଣ୍ଣ ହୋଇଛି। ଏହାର ପାଠୋଦ୍ଧାର କରିଛନ୍ତି ଲିପିତତ୍ତ୍ୱବିତ୍ ଡ. ସୁବ୍ରତ କୁମାର ଆଚାର୍ଯ୍ୟ। ଏହି ପାଠୋଦ୍ଧାର ହେଲା : '(ନାଗନା) ଥେଶ୍ୱର (ରା)-ୟ ପ୍ରୀତୟେ ନୀଳାମ୍ବର'। ଏହାର ଲିପି ସପ୍ତଦଶ ଶତାବ୍ଦୀର ଓଡ଼ିଆ ଲିପି। ସପ୍ତଦଶ ଶତାବ୍ଦୀରେ ଢେଙ୍କାନାଳର ରାଜା ନୀଳାମ୍ବର ରାୟ ସିଂହ ଭ୍ରମରବର ଏହି ବୃଷଭଟି ସ୍ଥାପନା କରିଥିଲେ। ମୁଖ୍ୟମନ୍ଦିର କାନ୍ଥରେ ଭୈରବ ଓ ଚାମୁଣ୍ଡା ମୂର୍ତ୍ତି ଥିବାରୁ ଏହି ପୀଠ ଏକଦା ତନ୍ତ୍ରପୀଠ ଥିବାର ହୃଦବୋଧ ହୁଏ। ମନ୍ଦିରର ପାର୍ଶ୍ୱଦେବତା ହେଉଛନ୍ତି ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ। ଅନଙ୍ଗଭୀମ ଦେବ ନାଗନାଥେଶ୍ୱରଙ୍କ ତିନି ଧୂପ ଓ ପାଞ୍ଚ ଅବକାଶ ତଥା ବାର୍ଷିକ ପର୍ବପର୍ବାଣି ନିମିତ୍ତ ଭୂସମ୍ପତ୍ତି ଖଞ୍ଜା କରିଯାଇଛନ୍ତି। ମନ୍ଦିରର ବାର୍ଷିକ ଯାନିଯାତ୍ରା ଓ ପର୍ବପର୍ବାଣି ମଧ୍ୟରେ ଶିବରାତ୍ରି, ପଣାସଂକ୍ରାନ୍ତି, ଶିବବିବାହ ଓ ଶୀତଳଷଷ୍ଠୀ, ବଡ଼ଓଷା, କାର୍ତ୍ତିକ ପୂର୍ଣ୍ଣିମା, ପୁଷ୍ୟାଭିଷେକ ଓ ମକର ସଂକ୍ରାନ୍ତି ପ୍ରଧାନ। ଦେବୀ ନାଗନାମୀଙ୍କ ପୀଠରେ ପଣାସଂକ୍ରାନ୍ତିରେ ପିଠିଫୋଡ଼ା ଯାତ୍ରା ଅନୁଷ୍ଠିତ ହୁଏ। ମନ୍ଦିରଟି ବର୍ତ୍ତମାନ ଢେଙ୍କାନାଳର ଦେବୋତ୍ତର ବିଭାଗ ଦ୍

ଅବଶିଷ୍ଟାଂଶ...

ସଂସଦରେ 'ନିଟ୍'...

ମାତ୍ର ତାହାକୁ ବାଚସ୍ପତି ଗ୍ରହଣ କରି ନ ଥିଲେ। ଫଳରେ ବିରୋଧୀ ଦଳ ପାଟିତୁଣ୍ଡ କରିଥିଲେ ଓ ମଧ୍ୟାହ୍ନ ୧୨ଟାରେ ଗୃହକୁ ବାଚସ୍ପତି ସ୍ଥଗିତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ରାହୁଲ ଯେତେବେଳେ ପୁନର୍ବାର ଏହି ପ୍ରସଙ୍ଗରେ କହିବାକୁ ଆରମ୍ଭ କଲେ, ସେତେବେଳେ ତାଙ୍କ ମାଇକ୍ ବନ୍ଦ ହୋଇ ଯାଇଥିଲା। ଏହି ପ୍ରସଙ୍ଗରେ ବିରୋଧୀ ବାଚସ୍ପତିଙ୍କ ଉପରେ ମାଇକ୍ ବନ୍ଦ କରିବା ଅଭିଯୋଗ କରି ପୁଣି ପାଟିତୁଣ୍ଡ କରିଥିଲେ । ବାଚସ୍ପତି ଓମ୍ ବିର୍ଲା ତାଙ୍କ ପାଖରେ ମାଇକ୍ ସ୍ୱିଚ୍ ନ ଥିବା କହିଥିଲେ ମଧ୍ୟ ତାହା ବିରୋଧୀଙ୍କ ପାଇଁ ଗ୍ରହଣୀୟ ହୋଇ ନ ଥିଲା। ଫଳରେ ବାଚସ୍ପତି ଶ୍ରୀ ବିର୍ଲା ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା। ନିଟ୍ ବିଭ୍ରାଟ ଚର୍ଚ୍ଚା ପ୍ରସଙ୍ଗକୁ ନେଇ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଓ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ମଧ୍ୟରେ ଶ୍ରୀ ଖଡ଼ଗେ ରାଜ୍ୟସଭା ଅଧ୍ୟକ୍ଷଙ୍କ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ। ଏଥିରେ କ୍ରୋଧିତ ହୋଇ ଅଧ୍ୟକ୍ଷ ଶ୍ରୀ ଧନଖର୍ ଗୃହ କାର୍ଯ୍ୟକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ପୁଣି ଶ୍ରୀ ଧନଖର ସୋମବାର ପର୍ଯ୍ୟନ୍ତ ଗୃହକାର୍ଯ୍ୟକୁ ମୁଲତବୀ ରଖାଯାଇଥିବା ଘୋଷଣା କରିଥିଲେ। ରାଜ୍ୟସଭା ବାହାରେ ଶ୍ରୀ ଖଡ଼ଗେ ଅଧ୍ୟକ୍ଷ ଶ୍ରୀ ଧନଖରଙ୍କ ଉପରେ ପକ୍ଷପାତ ଅଭିଯୋଗ ଆଣିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ଶାସକ ଦଳ ପକ୍ଷରେ ନିର୍ଣ୍ଣୟ ନେଉଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ଖଡ଼ଗେ କହିଛନ୍ତି ଯେ ନିୟମ ଅନୁସାରେ ସେ ବିରୋଧୀ ଦଳକୁ ମଧ୍ୟ ଗୁରୁତ୍ୱ ଦେବା କଥା। ମାତ୍ର ସେ ଜାଣିଶୁଣି ମୋତେ ଅପମାନିତ କରିଛନ୍ତି। ତାଙ୍କର ଧ୍ୟାନ ଆକର୍ଷଣ କରିବାକୁ ବିରୋଧୀ ଓ ତାଙ୍କୁ ବାଧ୍ୟ ହୋଇ ଗୃହର ମଧ୍ୟଭାଗକୁ ଆସିବାକୁ ପଡ଼ିଲା। ଏହା ସତ୍ତ୍ୱେ ବିରୋଧୀଙ୍କ ଉଦ୍‌ବେଗକୁ ରାଜ୍ୟସଭା ଅଧ୍ୟକ୍ଷ ଉପେକ୍ଷା କରିଛନ୍ତି। ନିଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଛି। ପେପର ଲିକ୍ ହୋଇଛି। ଲକ୍ଷଲକ୍ଷ ଛାତ୍ରଛାତ୍ରୀ ଏଥିପାଇଁ ବିବ୍ରତ। ଏହା ଉପରେ ଚର୍ଚ୍ଚା ପାଇଁ ଦାବିକୁ ରାଜ୍ୟସଭା ଅଧ୍ୟକ୍ଷ ଗ୍ରହଣ କରିନାହାନ୍ତି ବୋଲି ଶ୍ରୀ ଖଡ଼ଗେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟସଭାରେ ବିଜେଡି ସାଂସଦମାନେ ମଧ୍ୟ ନିଟ୍ ପ୍ରସଙ୍ଗରେ ଶାଣିତ ମୁଦ୍ରାରେ ସରକାରଙ୍କୁ ଘେରିଥିଲେ। ଏପରିକି ପ୍ରତିବାଦ ଜଣାଇ ଦୁଇଥର ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିବା ଦେଖାଦେଇଥିଲା। ଗୃହର ମଧ୍ୟଭାଗରେ ବିରୋଧ ପ୍ରଦର୍ଶନ କରୁଥିବା କଂଗ୍ରେସ ସାଂସଦ ଫୁଲୋ ଦେବୀ ଏହି ସମୟରେ ଚେତା ହରାଇ ତଳେ ପଡ଼ି ଯାଇଥିଲେ। ଅନ୍ୟ ସାଂସଦ ଓ ସଂସଦ ଭବନର କର୍ମଚାରୀଙ୍କ ସହଯୋଗରେ ତାଙ୍କୁ ତୁରନ୍ତ ଆର୍‌ଏମ୍‌ଏଲ୍ ହସପିଟାଲ ନିଆଯାଇଥିଲା।

ନିଟ୍ ଘୋଟାଲା...

ଅନ୍ୟଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ସ୍କୁଲମଧ୍ୟ ନିଟ୍ ପରୀକ୍ଷା ପାଇଁ କେନ୍ଦ୍ର କରାଯାଇଥିଲା। ତେଣୁ ଏହି ସ୍କୁଲରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ସ୍ୱାଭାବିକ ସନ୍ଦେହ ଘେରକୁ ଆସିଛି । ଗତ ୩ ଦିନ ହେଲା ସ୍କୁଲ ଅଧ୍ୟକ୍ଷ ଏହସାନ ଉଲ ହକ୍‌ଙ୍କୁ ସିବିଆଇ ଜେରା କରିବା ପରେ ଆଜି ଗିରଫ କରିଛି । ଆଜି ଉପାଧ୍ୟକ୍ଷ ତଥା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଇମ୍‌ତିଆଜ ଆଲାମଙ୍କୁ ଗିରଫ ସହ ତାଙ୍କ ମୋବାଇଲ ଓ ଲାପଟପ୍ ବତ କରାଯାଇଛି।

ଶୁକ୍ରବାର ଏହି ପେପର ଲିକ୍ ମାମଲାରେ ସନ୍ଦିଗ୍ଧ ଚିଣ୍ଟୁ, ଆଶୁତୋଷ ଓ ମନୀଷ କୁମାର ନାମକ ୩ ଜଣଙ୍କ ମୋବାଇଲ୍ ଯାଞ୍ଚ କରାଯାଇଛି । ଏହି ସମସ୍ତ ବ୍ୟକ୍ତି ଗତ ୬ ମାସ ହେଲା ପାରସ୍ପରିକ ସମ୍ପର୍କରେ ଥିଲେ । ପ୍ରତ୍ୟେକ ଭିନ୍ନଭିନ୍ନ ଦାୟିତ୍ୱ ନିର୍ବାହ କରୁଥିଲେ। ଏହା ପୂର୍ବରୁ ଗୁରୁବାର ସିବିଆଇ ମନୀଷ ପ୍ରକାଶ ଓ ଆଶୁତୋଷ ନାମକ ଦୁଇଜଣଙ୍କୁ ପାଟନାରୁ ଗିରଫ କରିଥିଲା। ଉଭୟ ପାଟଣା କେ ପ୍ଲେ ଏଣ୍ଡ ଲର୍ଣ୍ଣ ସ୍କୁଲକୁ ସାରା ରାତି ସଂରକ୍ଷିତ କରି ରଖିଥିଲେ ଓ ଏହି ସ୍କୁଲରେ ୨୦ରୁ ୨୫ ପରୀକ୍ଷାର୍ଥୀଙ୍କୁ ଏକାଠି କରି ପ୍ରଶ୍ନର ଉତ୍ତର ପ୍ରଦାନ କରାଯାଇଥିଲା। ଏହି ସ୍କୁଲରୁ ସିବିଆଇ ପୋଡ଼ା ଯାଇଥିବା ପ୍ରଶ୍ନପତ୍ର ଓ ଉତ୍ତର ଜବତ କରିଛି ।

ସିବିଆଇ ବିହାର ପୁଲିସର ଆର୍ଥିକ ଅପରାଧ ଶାଖା (ଇଓୟୁ) ହାତରୁ ଏହି ମାମଲାକୁ ତଦନ୍ତ ନିମନ୍ତେ ନେବା ପରେ ୫ ରାଜ୍ୟରେ ୨୬ ଜଣଙ୍କୁ ଗିରଫ କରାଯାଇଛି ।

ମନୋଜ ଆହୁଜା...

ଥିଲେ। ସେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଥିଲେ। ମନୋଜଙ୍କୁ ଓଡ଼ିଶା ଫେରାଇବା ପାଇଁ ରାଜ୍ୟର ପ୍ରଥମ ବିଜେପି ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଶ୍ରୀ ଆହୁଜାଙ୍କ ଗୃହ କ୍ୟାଡରକୁ ଫେରିଯିବାକୁ ଅନୁମତି ଦେଇଥିଲେ। ଶ୍ରୀ ଆହୁଜା ଚଳିତବର୍ଷ ଡିସେମ୍ବରରେ ସରକାରୀ ଚାକିରିରୁ ଅବସର ନେବେ। ଅବଶ୍ୟ ରାଜ୍ୟ ସରକାର ଚାହିଁଲେ, ତାଙ୍କର କାର୍ଯ୍ୟକାଳକୁ ପରବର୍ତ୍ତୀ ସମୟରେ ବୃଦ୍ଧି କରିପାରିବେ। ସୂଚନାଥାଉ କି, ୧୯୮୯ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ୨୦୨୩ ମାର୍ଚ୍ଚ ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତବର୍ଷ ଡିସେମ୍ବରରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲେ ମଧ୍ୟ ତତ୍‌କାଳୀନ ବିଜେଡି ସରକାର ତାଙ୍କର କାର୍ଯ୍ୟକାଳ ଆଉ ୬ ମାସ ବୃଦ୍ଧି କରିଥିଲେ। ଯାହାର ସମୟ ଜୁନ୍ ୩୦ରେ ଶେଷ ହେଉଛି।

ଆଖି ବୁଜିଲେ...

ତଣ୍ଟି ଫୁଲିବା ଆରମ୍ଭ କରିଥିଲା। ତା' ପରେ ପିଲାଟି ଗୁରୁତର ହୋଇପଡିଥିଲା। ସେପଟେ କଳାହାଣ୍ଡିରେ ବି ଡିପଥେରିଆ ସଂକ୍ରମଣ ଆରମ୍ଭ ହୋଇଥିବା ଅଭିଯୋଗ ଆସିଛି। ରାୟଗଡ଼ାରେ ଡିପଥେରିଆଙ୍କୁ ନେଇ ଏବେବି ଆତଙ୍କ ଲାଗି ରହିଛି। କାଶିପୁରକୁ କଣ୍ଟେନମେଣ୍ଟ ଘୋଷଣା କରାଇଛି। ଉପରୋକ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ସେହିପରି କୋରାପୁଟ ଜିଲ୍ଲା ଦେବୀଘାଟ ପଞ୍ଚାୟତ ପଡେଇଗୁଡା ଗ୍ରାମରେ ଦୁଇ ଜଣ ବ୍ୟକ୍ତି ଆନ୍ଥ୍ରାକ୍ସରେ ପ୍ରାଣ ହରାଇଥିବା ଜଣାପଡିଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିଳକଣ୍ଠ ମିଶ୍ର କହିଛନ୍ତି, ସଦ୍ୟତମ ମୃତ୍ୟୁ ଡିପଥେରିଆ ପାଇଁ ହୋଇଛି କି ନାହିଁ ତାହା ପରୀକ୍ଷା ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇପାରିବ। ସମ୍ପୃକ୍ତ ଶିଶୁର ତୁରନ୍ତ ଚିକିତ୍ସା ଆରମ୍ଭ ହୋଇଥିଲା। କିନ୍ତୁ ଶିଶୁ ବହୁ ବିଳମ୍ବରେ ଆସିଥିବାରୁ ତାଙ୍କର ଜୀବନ ରକ୍ଷା ସମ୍ଭବ ହୋଇନଥିଲା। ସମ୍ପୃକ୍ତ ଶିଶୁ ନିମୋନିଆରେ ସଂକ୍ରମିତ ଥିବା ବେଳେ ଅନ୍ୟ ଜଣେ ରକ୍ତ ଶିକୁଳୀ ପୀଡିତ ଥିଲେ। ସଂକ୍ରମିତ ଅଞ୍ଚଳରେ ଯାହା ବ୍ୟବସ୍ଥା କରିବା କଥା ତାହା କରାଯାଇଛି।

ଓଡିଶାରେ ସ୍ୱାସ୍ଥ୍ୟ ସଂକଟକୁ ଦୃଷ୍ଟିରେ ରଖି ଆଜି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ୫ ଜଣିଆ ଟିମ୍ ରାୟଗଡ଼ାରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ସେମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶେଷଜ୍ଞଙ୍କ ସହ ମିଶି ଡିପଥେରିଆର କାରଣ ଖୋଜିବା ସହିତ ସ୍ଥିତିର ସମୀକ୍ଷା କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ରିପୋର୍ଟ ପ୍ରଦାନ କରିବେ। ରାୟଗଡ଼ା ସିଡିଏମ୍‌ଓ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି, ଆମେ କେନ୍ଦ୍ରୀୟ ଟିମ୍‌କୁ ସହାୟତା କରୁଛୁ। ସେମାନେ ସ୍ଥିତି ଯାଞ୍ଚ କରିବା ସହିତ ରିପୋର୍ଟ ପ୍ରସ୍ତୁତ କରିବେ। ଆସନ୍ତାକାଲି ଏହି ଟିମ୍ ମନୁଷପଦର ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ଡିପଥେରିଆ ଓଡିଶାର ଏକ ନୂଆ ରୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗତବର୍ଷ ମହାରାଷ୍ଟ୍ରରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଏବେ କିନ୍ତୁ ଚାରି ଜିଲ୍ଲାରେ ଡିପଥେରିଆ ମାରାତ୍ମକ ସ୍ଥିତିରେ ରହିଛି।

ଭାଙ୍ଗିଲା ୪୪ ବର୍ଷର...

ସାଧାରଣତଃ ରାଜ୍ୟ ମୁଖ୍ୟ ଶାସନ ସଚିବ ପଦବୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ଯଦିଓ ଭାରତୀୟ ପ୍ରଶାସନିକ ସେବାର କ୍ୟାଡ଼ର ଏବଂ ଏଥିରେ ବରିଷ୍ଠତାକୁ ଗୁରୁତ୍ୱ ଦିଆଯାଇଥାଏ; ତଥାପି ନିଜ ରାଜ୍ୟର ଅଧିକାରୀଙ୍କୁ ଏଥିପାଇଁ ପ୍ରାଥମିକତା ଦିଆଯାଇଥାଏ। ବିଭିନ୍ନ ରାଜ୍ୟରେ ଏହା ଏକ ଅଲିଖିତ ପରମ୍ପରା ଭାବରେ ପ୍ରଚଳିତ। ଓଡ଼ିଶାରେ ଏହି ଧାରା ୧୯୮୦ ମସିହାରେ ଆରମ୍ଭ ହୋଇଥିଲା ଏବଂ ଓଡ଼ିଶାର ମୁଖ୍ୟ ସଚିବ ଭାବରେ ଜଣେ ଓଡ଼ିଆ ଆଇଏଏସ ସୁଧାଂଶୁ ମୋହନ ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଥିଲା। ଏହା ପରେ ଜନତା ଦଳ, କଂଗ୍ରେସ ଓ ବିଜେଡି ସରକାରରେ ମୁଖ୍ୟ ସଚିବ ପଦରେ ଓଡ଼ିଆ ଆଇଏଏସ୍‌ମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ୧୩ ଜଣ ଓଡ଼ିଆ ଆଇଏଏସ୍ ଅଧିକାରୀ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ଏମିତି କି ଅନେକ ସମୟରେ ଓଡ଼ିଆ ଅଧିକାରୀଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି ହୋଇଛି। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ୬ ମାସ ପାଇଁ ବୃଦ୍ଧି କରାଯାଇଥିବା ବେଳେ ତାଙ୍କ ପୂର୍ବରୁ ମୁଖ୍ୟ ସଚିବ ଥିବା ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ୨ ଥର ବୃଦ୍ଧି କରାଯାଇଥିବା ନଜିର ରହିଛି। ମନୋଜ ଆହୁଜାଙ୍କ ଏହି ନିଯୁକ୍ତି ପରେ ରାଜ୍ୟ ପ୍ରଶାସନର ଏହି ମୁଖ୍ୟ ପଦକୁ ନେଇ ବର୍ତ୍ତମାନ ଭିନ୍ନ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଜୁନ୍ ୩୦ରେ ପ୍ରଦୀପ ଜେନାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ ହେଉ ଥିବାରୁ ପରବର୍ତ୍ତୀ ମୁଖ୍ୟ ସଚିବ ପଦ ପାଇଁ ଦୁଇ ବରିଷ୍ଠ ଆଇଏଏସ୍ ସତ୍ୟବ୍ରତ ସାହୁ ଓ ନିକୁଞ୍ଜ ବିହାରୀ ଧଳଙ୍କ ନାମ ଚର୍ଚ୍ଚାର ପରିଧିରେ ରହିଥିଲା। ଏହି ସମୟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରାଇ ଆଣି ମନୋଜ ଆହୁଜାଙ୍କୁ ଏହି ପଦରେ ବିଜେପି ସରକାର ଅଭିଷିକ୍ତ କରିଛନ୍ତି ।

ଶ୍ରୀ ଆହୁଜାଙ୍କ ବ୍ୟତୀତ ନୀତିନ ଚନ୍ଦ୍ରା, ସଞ୍ଜୀବ ଚୋପ୍ରା ଓ ଜି. ଶ୍ରୀନିବାସ ମଧ୍ୟ ୧୯୯୦ବ୍ୟାଚ୍ ଓଡ଼ିଶା କ୍ୟାଡ଼ର ଆଇଏଏସ୍। ଏମାନେ ମଧ୍ୟ ସମସ୍ତେ କେନ୍ଦ୍ରୀୟ ଡ଼େପୁଟେସନରେ ଅଛନ୍ତି। ମନୋଜ ଆହୁଜା ଦୀର୍ଘକାଳ ଓଡ଼ିଶାରେ କାର୍ଯ୍ୟ କରିଛନ୍ତି। ଜଣେ ନିର୍ବିବାଦୀୟ ଅଧିକାରୀ ଭାବରେ ତାଙ୍କର ପରିଚିତି ରହିଛି । କେଇବର୍ଷ ତଳେ ଆହୁଜା ଦମ୍ପତି ମନୋଜ ଆହୁଜା ଓ ଆରତୀ ଆହୁଜା କେନ୍ଦ୍ରୀୟ ଡ଼େପୁଟେସନରେ ଯାଇଥିଲେ। ଆରତୀ ଆହୁଜା ଇତିମଧ୍ୟରେ ଅବସର ନେଇଛନ୍ତି ଓ ଆସନ୍ତା ଡ଼ିସେମ୍ବର ୩୧ ତାରିଖରେ ମନୋଜ ଆହୁଜା ଅବସର ଗ୍ରହଣ କରିବେ। ଓଡ଼ିଶାରେ କାର୍ଯ୍ୟ କରିବା ସମୟରେ ଶ୍ରୀ ଆହୁଜା ଓଡ଼ିଶାରେ ଇସ୍ପାତ ଓ ଖଣି , କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ସଚିବ ଏବଂ ବାଣିଜ୍ୟକର କମିଶନର, କେନ୍ଦ୍ରରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ, ଶିକ୍ଷା ମନ୍ତ୍ରଣାଳୟର ଅଧ୍ୟକ୍ଷ ଏବଂ କୃଷି ଓ କୃଷକ କଲ୍ୟାଣ ସଚିବ ଭାବରେ କାର୍ଯ୍ୟ କରିଛନ୍ତି। ଓଡ଼ିଶା ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ମିଳିବା ପରେ ସେ ଖୁସି ବ୍ୟକ୍ତ କରିବା ସହ ଗୋଟିଏ ସପ୍ତାହ ମଧ୍ୟରେ ଓଡ଼ିଶା ଫେରି କାର୍ଯ୍ୟରେ ଯୋଗ ଦେବେ ବୋଲି କହିଛନ୍ତି।

ମହଙ୍ଗା ବିସ୍ଫୋରଣ...

ମସୁର ଡାଲି ଖାଉଟିଙ୍କୁ ବ୍ୟତିବ୍ୟସ୍ତ କରିଛି। ହରଡ ଡାଲି କିଲୋ ପିଛା ୧୮୦ରୁ ୧୯୦ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଅଟା କିଲୋ ପିଛା ୫୦ ଟଙ୍କା ଛୁଇଁଲାଣି। ସେହିପରି ଉଷୁନା ଚାଉଳ କିଲୋ ପିଛା ୪୦ ରୁ ୪୮ ଟଙ୍କା ସ୍ତରକୁ ବୃଦ୍ଧି ପାଇଛି। ପନିପରିବା ବଜାରରେ ତ ଅବସ୍ଥା ସଙ୍ଗୀନ। ଆଳୁ ଓ ପିଆଜ ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇଛି। ଆଳୁ କିଲୋ ପିଛା ୩୫ ଟଙ୍କା ଏବଂ ପିଆଜ ୪୫-୫୦ ଟଙ୍କା ଛୁଇଁଛି। ସବୁ ପନିପରିବା ଦର କିଲୋ ପିଛା ହାରାହାରି ୮୦ ଟଙ୍କା ଉପରେ ରହିଛି। ଟମାଟୋ ଦର ଶହେ ଛୁଇଁବାକୁ ବସିଲାଣି। ବର୍ଷା ଆରମ୍ଭରୁ ଏହି ସ୍ଥିତି ଉପୁଜିଥିବାବେଳେ ଆଗକୁ ପରିସ୍ଥିତି ଅଣାୟତ୍ତ ହୋଇପାରେ ବୋଲି ଖାଉଟି ଆଶଙ୍କା କଲେଣି।

ଏପରି ସ୍ଥିତିରେ ଟେଲିକମ୍ ଅପରେଟରଙ୍କ ଟାରିଫ୍ ବୃଦ୍ଧି ଖାଉଟିଙ୍କ ବୋଝ ଉପରେ ନଳିତାବିଡ଼ା ହୋଇଛି। ଗୁରୁବାର ରିଲାଏନ୍ସ ଜିଓ ଟାରିଫ୍ ୧୫-୨୫% ଯାଏ ବୃଦ୍ଧି କରିଛି। ଜିଓର ୮୪ ଦିନିଆ ୬୬୬ ଟଙ୍କିଆ ପ୍ଲାନ୍ ଏବେ ୭୯୯ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଶୁକ୍ରବାର ଏୟାରଟେଲ୍ ମଧ୍ୟ ଟାରିଫ୍ ମୂଲ୍ୟ ୧୦-୨୧% ଯାଏ ବଢ଼ାଇଦେଇଛି। ଏୟାରଟେଲ୍‌ର ୮୪ ଦିନିଆ ୭୧୯ ଟଙ୍କିଆ ପ୍ଲାନ୍ ଏବେ ୮୫୯ ଟଙ୍କା ହୋଇଛି।

ମାଗଣା ଚିକିତ୍ସା ଶିବିର ଖାଉଟି ସୁରକ୍ଷା ପରିସରଭୁକ୍ତ ନୁହେଁ

କଟକ, ୨୮ ।୬(ସମିସ): ମାଗଣା ଚିକିତ୍ସା ଶିବିର ଖାଉଟି ସୁରକ୍ଷା ଆଇନ ପରିସରଭୁକ୍ତ ନୁହେଁ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ଅସ୍ତ୍ରୋପଚାର ପରେ ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ସପକ୍ଷରେ ଦେବଗଡ଼ ଜିଲ୍ଲା

କ୍ଷତିପୂରଣ ପ୍ରସଂଗରେ ଖାଉଟି ଅଦାଲତ ନିର୍ଦ୍ଦେଶ ହାଇକୋର୍ଟରେ ରଦ୍ଦ

ଖାଉଟି ଅଦାଲତ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିବା ସହ ଏହା କହିଛନ୍ତି। କଳିଙ୍ଗ ଆଇ ହସ୍ପିଟାଲ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସାରେ ଅବହେଳା ଲାଗି ଅଭିଯୋଗକାରୀଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଓ ମକଦ୍ଦମା ଖର୍ଚ୍ଚ ବାବଦରେ ୨ ହଜାର ଟଙ୍କା ପ୍ରଦାନ ପାଇଁ କଳିଙ୍ଗ ଆଇ ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରକୁ ଦେବଗଡ଼ ଜିଲ୍ଲା ଖାଉଟି ଅଦାଲତ ଗତ ୨୦୧୨, ଜୁଲାଇ ୪ରେ ନିର୍ଦ୍ଦେଶ ଦେଇଥିଲେ।

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
CAD-368
No.-CHEP/TW-92 (Vol.-II)/2663 Date: 27.06.2024
TENDER CALL NOTICE NO.-CHEP-05/2024-25
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

Description	Cost of Tender Paper (Non-Refundable)	EMD (Refundable)
Supply of V-Belts for LP & HP Compressors, Unit-3 LP Compressor and Blower-I & II Plant of Chiplima Power House	Rs.472/- (Rs.400/- + GST @18%)	Rs.400/-

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.01.07.2024 up to 12:30 PM of dtd.15.07.2024.
OIPR-04006/11/0006/2425 Sd/- C & P Head, CHEP, Chiplima

NOTIFIED AREA COUNCIL, PATNAGARH
Ph. No.- 06658-222247 e-mail:- yahoo.co.in
web-site- www.nacpatnagarh.in
Letter No. 1262 / date 27.06.2024
1st corrigendum
Vide Quotation call Notice No-1206/Dt.18.06.2024 for hiring of Seven seated Vehicle the quotation Paper will be available in the NAC website www.nacpatnagarh.in from 19.06.2024 to 01.07.2024 at 12.00 Noon, and it will be opened on same day at 04.00 PM.
Sd/- Executive Officer
NAC Patnagarh
OIPR-13102/11/0002/2425 C-114

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
C-91
e-mail: - eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA- 02/2024-25 DT.24.06.2024

Sl No.	Name of the work	Bid identification No.	Estimated Cost (Rs. In Lakh)	Class of Contractor	Period of Completion	Availability of Bid Document for Online Bidding	
						From	To
1.	Construction of 10Kl Terrace Tank at Old Academic Building, UGMIT, Rayagada.	EEPHDRAYAGADA-02/2024-25 Dtd.24.06.2024	9.99	"D" And "C" Class	02 (Two Months)	03.07.2024 (11.00 Hr)	12.07.2024 (17.00 Hr)

Name & Address of Officer Inviting Bid: Executive Engineer
P.H. Division, Rayagada.
Email: eephd.rgda.od@nic.in, eephdrgda@gmail.com
❖ Further details can be seen from the e-Procurement portal "https://www.tendersorissa.gov.in".
❖ All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
OIPR-13052/11/0003/2425
EXECUTIVE ENGINEER,
P.H. DIVISION, RAYAGADA

OFFICE OF THE NOTIFIED AREA COUNCIL: BOUDHGARH
"e" Procurement Notice
Bid Identification No: ORULB/BUD/3/2024-25
Tender call Notice No.1493/ dtd. 26.06.2024
1. Name of work -Civil works as mentioned in website
2. No of works: 06 No. of Civil works
3. Bid value : Rs 4,21,524/- to Rs. 16,76,687/-
4. Date and time of availability, received of the bid documents in the portal: From 10.00 AMof dt 28.06.2024 to dt 03.07.2024 up to 5.00 P.M only.
5. Bids received online shall be opened on Dt 04.07.2024 at 11.00 AM
6. Submission of original documents on or before 10.30AM of Dt.04.07.2024
7. Name

ନଦୀ ପାର୍ ହୋଇ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ନୂଆପଡ଼ା/ସିନାପାଲି, ୨୮।୬(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବହୁଦୁର୍ଗମ ଅଞ୍ଚଳରେ ଥିବା ଗାଁମାନଙ୍କରେ ଏବେବି ପାନୀୟ ଜଳ, ବିଜୁଳି, ବାସଗୃହ ଭଳି ମୌଳିକ ସମସ୍ୟା ଲାଗି ରହିଛି । ଏହାକୁ ଶୁଣିବାକୁ କୌଣସି ଅଧିକାରୀ, ନେତା ଗାଁରେ ପାଦ ମାଡୁନଥିବାବେଳେ ଖଡ଼ିଆଳ ବିଧାୟକ

ଉପାନ୍ତ ଅଞ୍ଚଳରେ ପହଞ୍ଚିଲେ ବିଧାୟକ

ସାଧାରଣଲୋକଙ୍କ ସହ ଯୋଡ଼ିହୋଇ ରହିବେ

ଅଧିରାଜ ମୋହନ ପାଣିଗ୍ରାହୀ ନିଜେ ନଦୀ ପାଣି ପାରି ହୋଇ ଚାଲି ଚାଲି ଦୁର୍ଗମ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନର ସୂତ୍ରର ବାହାର କରିଛନ୍ତି । ସେ ସବୁବେଳେ ସାଧାରଣ ଲୋକଙ୍କ ସହ ଯୋଡିହୋଇ ରହିବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ସିନାପାଲି ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୨୫ କିମି ଦୂର ଘାଟମାଲ ପଞ୍ଚାୟତର ଜଙ୍ଗଲ ଇଲାକାରେ ଥିବା ଚିତାରମା ଗାଁ ଅଞ୍ଚଳରେ ବହୁ ଆଦିମ ଆଦିବାସୀ ଶ୍ରେଣୀର ଲୋକ ବସବାସ କରୁଛନ୍ତି । ସେମାନଙ୍କୁ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ କୌଣସି ଅଧିକାରୀ କି ନେତା ଯାଉନଥିବାବେଳେ ବିଧାୟକ ପାଣିଗ୍ରାହୀ ନିଜେ ଉଦ୍ୟମ କରିଛନ୍ତି । ଏହି ଲୋକମାନେ ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ଭୋଟ ଦେଇଛନ୍ତି । ସେମାନଙ୍କ ସମସ୍ୟା ସମାଧାନ କରିବାକୁ ବଡ ବଡ ନେତା ବହୁ ବାହାସ୍ଫୋଟ ମାରିଛନ୍ତି । ହେଲେ ସମାଧାନ କରିନାହାନ୍ତି ।। ଏଣିକି ସେ ଖରା ବର୍ଷା ନଦୀ ପାରି ହୋଇ ସେମାନଙ୍କ ସହ ଯୋଡି ହୋଇ ସମସ୍ୟା ଗୁଡିକର ସମାଧାନ କରିବେ ବୋଲି ନିଶ୍ଚିତ କରି ଶୁକ୍ରବାର ମଧ୍ୟାହ୍ନରେ ଘାଟମାଲ ନିକଟରେ ଥିବା ଉଦନ୍ତୀ ନଦୀର ପାଣିକୁ ପାରି କରିଥିଲେ । ସେ ଗାଁରେ ଜନ୍ମ ଗ୍ରହଣ କରିଛନ୍ତି । ସବୁବେଳେ ଗାଁଲୋକଙ୍କ ବନ୍ଧୁ ହୋଇ ରହିବେ ବୋଲି କହି ଚିତାରମା ଗାଁରେ ଯାଇ ପହଞ୍ଚିଥିଲେ । ସେଠାରେ ଦୀର୍ଘ ସମୟ ଧରି ଗାଁ ପିଣ୍ଡାରେ ବସି ଗ୍ରାମବାସୀଙ୍କର ଗୋଟି ଗୋଟି କରି ସମସ୍ୟା କଥା ବୁଝିଥିଲେ । ଗାଁରେ କିଛି ଦିନତଳେ ବିଧାୟକଙ୍କ ଉଦ୍ୟମକ୍ରମେ ବିଜୁଳି ସଂଯୋଗ ହୋଇଥିବାବେଳେ ପାନୀୟ ଜଳ ଏବଂ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାକୁ ପ୍ରୟାସ କରିବେ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଆଦିବାସୀ ବହୁଳ ଗାଁରେ ସବୁ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ । ସ୍କୁଲକୁ ପାଠ ପଢ଼ିଯିବା ସମସ୍ୟା ରହିଥାଏ । ରାସନ କାର୍ଡ କି ଭତା ମିଳିବାରେ ବିଭିନ୍ନ ସମସ୍ୟା ରହିଥିବା ଲୋକ ବିଧାୟକଙ୍କୁ କହିଥିଲେ । ଦୀର୍ଘ ଦୁଇ ଘଣ୍ଟା ଧରି ଗାଁରେ ରହିବା ପରେ ଫେରିଆସିଥିଲେ । ତାଙ୍କ ସହ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଗିରିରାଜ ମାଝୀ, ଜୟପାଲ ନାଗ, ବରିଷ୍ଠ ନେତା ଗୋଦାବରିଶ ନାଏକଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ସାମିଲ ଥିଲେ ।

ଦାଦନ ଯାଇ ନାବାଳକ ମୃତ

ଘଟଣା ଚାପିଦେବାକୁ ଉଦ୍ୟମ

ତୁରେକେଲା, ୨୮।୬ (ସମିସ): ଯେଉଁ ବୟସରେ ସେ ପାଠ ପଢ଼ି ଗାଁ ପିଲାଙ୍କ ସହ ସାଙ୍ଗସାଥୀ ହେବା କଥା ସେହି ବୟସରେ ବାପା ପରଲୋକ ଚାଲି ଯାଇଛନ୍ତି । କୋମଳ ବୟସରୁ ନାବାଳକ ଉପରେ ପଡ଼ିଥିଲା ପରିବାରର ବୋଝ । ନିଜ ମାଁ ଓ ୨ ଭାଇଙ୍କ ପେଟ ରେ ଦାନା ଦେବା ପାଇଁ ନାବାଳକ ଜଣକ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିଯାଇଥିଲା ବେଳେ ସେଠାରେ ଶୁକ୍ରବାର ତାଙ୍କ ମୃତ୍ୟୁ ସୂଚନା ମିଳିଛି । ତେବେ, ଏହି ଖବରଟି ପ୍ରଶାସନିକ ସ୍ତରରେ ପୁଷ୍ଟି କରାଯାଇ ନାହିଁ । ବଲାଙ୍ଗିର ଜିଲ୍ଲାର ଉପାନ୍ତ ତଥା ଦାଦନ ପ୍ରବଣ ତୁରେକେଲା ଥାନା ଅନ୍ତର୍ଗତ କୁଶପାଳି ଗାଁର ନାବାଳକ କୁଶଧର ବହରିଆ (୧୬) ୭ ଦିନ ତଳେ ସ୍ଥାନୀୟ ଏକ ଦାଦନ ସର୍ଦ୍ଦାର ମାଧ୍ୟମରେ ଇଟାଭାଟିକୁ କାମ କରିବାକୁ ଯାଇଥିଲା । ସେଠାରେ ଅତ୍ୟଧିକ ନିର୍ଯାତନା ସହି ନ ପାରି ତା'ର ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି । ଶନିବାର ନାବାଳକ ଶ୍ରମିକର ମୃତ ଶରୀର ଗାଁକୁ ଫେରୁଥିବା ବେଳେ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ବିଶେଷ ସୂତ୍ର ଜଣାପଡ଼ିଛି । ମୃତ ନାବାଳକ ଜଣକ ବିନା ଲାଇସେନ୍ସଧାରୀ ଦାଦନ ସର୍ଦ୍ଦାର ଜରିଆରେ ଯାଇଥିବା ବେଳେ ଗୋଟିଏ ଲାଇସେନ୍ସ ସର୍ଦ୍ଦାରଙ୍କ ଜରିଆରେ ଆସିଥିବା ଦର୍ଶାଇ ସେହି ସର୍ଦ୍ଦାର ବଞ୍ଚାଇବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି । ତେବେ ଏହି ଘଟଣାକୁ ଗୁରୁତର ଭାବେ ଜିଲ୍ଲା ପ୍ରଶାସନ ତଦନ୍ତ କରିବାକୁ ସାଧାରଣ ଦାବି ହେଉଛି ।

ଖପ୍ରାଖୋଲରେ ବର୍ଷାରେ କୃତ୍ରିମ ବନ୍ୟା

ଖପ୍ରାଖୋଲ, ୨୮।୬ (ସମିସ): ଖପ୍ରାଖୋଲ ବ୍ଲକ ସଦର ମହକୁମାର ଚାରି ଛକରୁ ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ରହିଛି । ରାସ୍ତାଟି ସମ୍ପୂର୍ଣ୍ଣ ଭଲ ଥିବ ବେଳେ ବସ୍ତି ଭିତର ପ୍ରହରୀ ମଣ୍ଡପ ନିକଟ ଆନୁମାନିକ ଶହେ ମିଟର ରାସ୍ତା ଦବି ଯାଇ କଂକ୍ରିଟ ଖରାପ ହୋଇଥିବା ଅଭିଯୋଗ ହୋଇଥିଲା । ଉକ୍ତ କଂକ୍ରିଟ ସମ୍ପୂର୍ଣ୍ଣ ଫାଟିଥିବା ସ୍ଥାନ ମରାମତି ପାଇଁ ଦୀର୍ଘ ଦିନ ହେବ ଦାବି ହୋଇଆସୁଥିଲା । ଏବେ ଖପ୍ରାଖୋଲ ପିଡବୁଡି ରାସ୍ତାରୁ କପସିପାଲି ଗ୍ରାମ ରାସ୍ତାକୁ ସରକାରଙ୍କ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ସାମିଲ ହୋଇ କାମ ହେବା ପାଇଁ ୪୫ କୋଟି ୬୧ ଲକ୍ଷ ୭୨୩୫ ଟଙ୍କା ମଞ୍ଜୁର ହୋଇ କାମ ଚାଲିଛି । ଏହି କାମରେ ଖପ୍ରାଖୋଲ ଚାରି ଛକରୁ ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ସିମେଣ୍ଟ କଂକ୍ରିଟ କାମ ୪ ଇଞ୍ଚର ପଡ଼ି ମରାମତି ହେବା ପାଇଁ ଅର୍ଥ ମଞ୍ଜୁର ହୋଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥାରୁ ମରାମତି କାର୍ଯ୍ୟ ୧୫ ଦିନ ହେବ ସରିଛି । ରାସ୍ତା ମରାମତି ଆବଶ୍ୟକତା ନଥାଇ ଚାରି ଛକରୁ ୪ ଇଞ୍ଚ ସିମେଣ୍ଟ କଂକ୍ରିଟ ପଡ଼ି ବସ୍ତି ଭିତରମରାମତି ହେବା ଫଳରେ ଏବେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ପୁରାତନ କଂକ୍ରିଟ ରାସ୍ତାଟି ବସ୍ତିରେ ଭିତରେ ଥିବା ଘରୁ ବହୁତ ଉଚ୍ଚରେ ରହିଥିଲା । ଉକ୍ତ ରାସ୍ତାରେ ଛୋଟ ଛୋଟ ଦୁଇଟି ଡ୍ରେନ ରହିଥିଲା । ବର୍ଷା ଦିନ ପ୍ରବଳ ବର୍ଷା ହେଲେ ଉକ୍ତ ଡ୍ରେନ ଓ କଂକ୍ରିଟ ରାସ୍ତା ମଝିରେ ଲୋକଙ୍କ ଘର ଓ ବସ୍ତି ପାଣି ବୋହି ବର୍ଷା ଜଳ ନିଷ୍କାସିତ ହେଉଥିଲା । ହେଲେ ଏବେ ରାସ୍ତା ରେ ୪ ଇଞ୍ଚରୁ ଅଧିକ ସିମେଣ୍ଟ କଂକ୍ରିଟ କାମ ହେବ ଫଳରେ ପାଣି ନିଷ୍କାସନ ହେବ ପାଇଁ ଅସୁବିଧା ହୋଇ ପ୍ରହରୀ ମଣ୍ଡପ ନିକଟ କିଛି ଘରେ କୃତ୍ରିମ ବନ୍ୟା ହୋଇ ଘରେ ଘରେ ପାଣି ପସୁଥିବା ଅଭିଯୋଗ ହେବା ସହ ରାସ୍ତାଟି ଅଣଓସାରିଆ ହୋଇ ପଡ଼ିଥିବାରୁ ବସ୍ତିରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ରାସ୍ତାଟି ଭଲ ଥିବାରୁ ରାସ୍ତା ମରାମତି ସମୟରେ ଗ୍ରାମର ବୁଦ୍ଧିଜୀବୀମାନେ ଠିକାଦାରଙ୍କୁ ରାସ୍ତା ଭଲ ଥିବା ସ୍ଥାନ ମରାମତି କାର୍ଯ୍ୟ କରିବା ପାଇଁ ବାରାଣ କରିବାରୁ ଠିକାଦାର ନିଜ ବାହୁ ବଳ ଦେଖାଇ ରାସ୍ତା ନିର୍ମାଣ କରିଥିବା ଅଭିଯୋଗ ହେଉଛି । ଫଳରେ ଏବେ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି ।

ରେଳ ଲାଇନରେ ଅଜଣା ଯୁବତୀଙ୍କ ମୃତଦେହ

ସଇଁତଳା, ୨୮।୬ (ସମିସ): ସଇଁତଳା ଦେଇ ଯାଇଥିବା ସମ୍ବଲପୁର- ଟିଟିଲାଗଡ଼ ରେଳପଥରୁ ଶୁକ୍ରବାର ଜିଆରପି ପୁଲିସ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି । ପ୍ରକାଶ ଯେ ସଇଁତଳା ରେଲ ଷ୍ଟେସନ ନିକଟରେ ଥିବା ଖୁଣ୍ଟି ନମ୍ବର ୨୮୭ ନିକଟରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ଯୁବତୀ ଜଣକ ଅପରାହ୍ନ ସମୟରେ କୌଣସି ଏକ ଟ୍ରେନରେ କଟି ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି । ଏନେଇ ଜିଆରପି ପୁଲିସ ୨୫ /୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି ।

ଟ୍ରକ୍‌ରେ ପିଟି ହୋଇ ଯୁବକଙ୍କ ମୃତ୍ୟୁ

ଖରିଆରରୋଡ୍, ୨୮।୬(ସମିସ): ସ୍ଥାନୀୟ ସିଲଦା ଗାଁ ନିକଟରେ ଛିଡ଼ା ହୋଇ ରହିଥିବା ଏକ ଟ୍ରକ୍ ପଛପଟେ ବାଇକ୍‌ରେ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ସ୍ଥାନୀୟ ମହୁଲଭଟା ଗାଁର ପ୍ରକାଶ ରଣା(୩୨) । ଗୁରୁବାର ରାତିରେ କୌଣସି ଏକ କାମରେ ବାଇକ୍‌ରେ ନୂଆପଡ଼ାରୁ ସିଲଦା ଅଭିମୁଖେ ବାହାରିଥିଲେ । ସିଲଦା ନିକଟରେ ଖରାପ ହୋଇ ଅଟକି ରହିଥିବା ଏକ ଟ୍ରକ ପଛ ପଟେ ପିଟି ହେବା ଫଳରେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ । ତାଙ୍କୁ ଟ୍ରକ୍ କର୍ମଚାରୀ ଉଦ୍ଧାର କରି ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି ।

ବାଇକ୍ ଉପରକୁ ଚଢ଼ିଗଲା କାର୍; ୪ ଆହତ, ଦୁଇ ଗୁରୁତର

କଣ୍ଟାବାଞ୍ଜି, ୨୮।୬(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ସର୍ଗିଗୁଡ଼ା ଛକଠାରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆଉ ଦୁଇ

ଜଣ ସାମାନ୍ୟ ଆହତ ହୋଇ ପ୍ରାଥମିକ ଚିକିତ୍ସା ପରେ ସ୍ୱାଭାବିକ ଥିବା ଜଣାପଡ଼ିଛି । ଗୁରୁତର ଆହତଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ କଣ୍ଟାବାଞ୍ଜିରୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ସୂଚନା ଅନୁସାରେ, ମୁରିବାହାଲ ଥାନା ଡଙ୍ଗରପଡ଼ା ଗାଁର ଶଙ୍କର ତାଣ୍ଡି ଓ କଣ୍ଟାବାଞ୍ଜି ଥାନା ଅଣ୍ଡାଳପୁରୀ ଗାଁର ଗୀତା ମାଝୀ ତାଙ୍କ ଶିଶୁପୁତ୍ରକୁ ଧରି ଦୋକାନ ସାମଗ୍ରୀ କିଣୁଥିଲେ । ହଠାତ ବଙ୍ଗୋମୁଣ୍ଡା ପଟୁ ଏକ କାର ଦ୍ରୁତଗତିରେ ଆସି ଶଙ୍କର, ଗୀତା ଏବଂ ଅନ୍ୟମାନଙ୍କୁ ଧକ୍କା ଦେଇଥିଲା । ୨ଟି ବାଇକ ଉପକୁ ଚଢ଼ିଯାଇ କାରଟି ମଧ୍ୟ ଓଲଟି ଯାଇଥିଲା । ଯାହାଫଳରେ ଶଙ୍କର ତାଣ୍ଡି ଓ ଗୀତା ମାଝୀ ଗୁରୁତର ହୋଇଥିବା ବେଳେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ପାଇଁ କଣ୍ଟାବାଞ୍ଜିକୁ ଅଣାଯାଇଥିଲା । ଅନ୍ୟପକ୍ଷରେ, କାରରେ ଥିବା ୪ ଜଣ ଯୁବକ ମଧ୍ୟ ଆହତ ହୋଇଛନ୍ତି । କଣ୍ଟାବାଞ୍ଜି ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଛି । ପୁଲିସ ସେମାନଙ୍କୁ ପଚରାଉଚରା କରିବାରୁ କାର୍‌ରେ ଆଲିସାନ ହଲ୍‌କୁ ସିନେମା ଦେଖିବାକୁ ଆସିଥିବା କହିଥିଲେ । ପ୍ରକାଶ ଥାଉ କି, ଏହି ଦୁର୍ଘଟଣା ଯୋଗୁଁ ସର୍ଗିଗୁଡ଼ା ଛକରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ରାସ୍ତାଟି ସଂକୀର୍ଣ୍ଣ ଥିବା ମଧ୍ୟ ଅଭିଯୋଗ ହେଉଛି । ଏହାଦ୍ୱାରା ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ହେବା ସହ ପ୍ରତିଦିନ ସାଧାରଣ ଯାତ୍ରୀ ଏନେଇ ଆଶଙ୍କା ମଧ୍ୟରେ ରହୁଛନ୍ତି । ଶୁକ୍ରବାର ସଂଘଟିତ ଏହି ଦୁର୍ଘଟଣା ଘଟାଇଥିବା ଗାଡ଼ିର ଚାଳକ ଫେରାର ମାରିଥିବା ଜଣାପଡ଼ିଛି ।

ଫାୟାର ଅଫିସ ରାସ୍ତାରେ ଜମାହୋଇ ରହୁଛି ବର୍ଷାପାଣି

ପାଇକମାଳ, ୨୮।୬ (ସମିସ) : ପାଇକମାଳରେ ଥିବା ଫାୟାର ଅଫିସ ଜର୍ଜଗଡ଼ ଗ୍ରାମରେ ଅବସ୍ଥିତ । ତହସିଲ ଅଫିସରୁ ମାତ୍ର ୪୦୦ ମିଟର ଦୂରରେ ରହିଛି ଏହି କାର୍ଯ୍ୟାଳୟ । ଏହାକୁ ଲାଗି ଆଉ ଗୋଟିଏ କୃଷି କାର୍ଯ୍ୟାଳୟ ମଧ୍ୟ ଏଠାରେ ଅଛି । ଦୈନନ୍ଦିନ ଏହି ଅଫିସ ମାନଙ୍କୁ ଅନେକ ଲୋକ ଯିବା ଆସିବା କରନ୍ତି । ଏଠାକୁ ଯିବା ରାସ୍ତାଟି ଅଣଓସାରିଆ ହୋଇ ଥିବା ବେଳେ ବାଟରେ ଥିବା ଗୋଟିଏ ଟିଉବୱେଲ ଥିବା ସ୍ଥାନରେ ବୁଲି କରି ଯିବାକୁ ପଡ଼େ । ଏହି ରାସ୍ତାରେ ସବୁବେଳେ ପାଣି ଜମି ରହିଥାଏ । ତେଣୁ ଗାଡ଼ି ମଟର ଯିବା ଆସିବାରେ ବହୁ ଅସୁବିଧା ହୋଇଥାଏ । ଅଣଓସାରିଆ ରାସ୍ତାରେ ପାଣି ଜମା ହୋଇ ରହୁଥିବାରୁ ଯାତାୟତରେ ନାହିଁନଥିବା ସମସ୍ୟା ସୃଷ୍ଟି ହେଉଛି । ପ୍ରଶାସନ ଶୀଘ୍ର ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସୁବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

ଭବାନୀପାଟଣା ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଭବାନୀପାଟଣା, ୨୮।୬ (ସମିସ): ଭବାନୀପାଟଣା ପୌରପାଳିକାରେ ବିନା କାଉନ୍‌ସିଲରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ତଥା ଜନସାଧାରଣଙ୍କୁ ଉପେକ୍ଷା କରାଯିବା ସହ ଅଧ୍ୟକ୍ଷାଙ୍କ ମନମାନି ନେଇ ଅସନ୍ତୁଷ୍ଟ କାଉନ୍‌ସିଲରମାନେ ଆଜି ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କ ବିରୋଧରେ ଅନାସ୍ଥ ପ୍ରସ୍ତାବ ଆଣିଛନ୍ତି । ପୌରପାଳିକା ଅଧିନିୟମ ୫୪(୨)(କ) ଅନୁଯାୟୀ ଆଜି ଉପନଗରପାଳ ବିଷ୍ଣୁ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା । ସମସ୍ତ କାଉନ୍‌ସିଲର ଜିଲ୍ଲାପାଳଙ୍କୁ ଭେଟି ପାରିତ ହୋଇଥିବା ରେଜୁଲେସନ ଅନୁଯାଇ ସବୁ ବିଷୟ ସ୍ପଷ୍ଟ ଭାବେ ଅବଗତ କରାଇଥିଲେ । କଳାହାଣ୍ଡି ଜିଲ୍ଲାର ସହରାଞ୍ଚଳ ବିକାଶ, ମହିଳା ସଶକ୍ତିକରଣ ଓ ଦିନ ମଜୁରିଆଙ୍କୁ ରୋଜଗାର ଯୋଗାଇବାର ଲକ୍ଷ୍ୟନେଇ ସହରାଞ୍ଚଳରେ ମୁକ୍ତା ଯୋଜନା ବା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା ପ୍ରଣୟନ କରାଯାଇଥିଲା । ରାଜ୍ୟ ସରକାରଙ୍କ କୋଟିକୋଟି ଅନୁଦାନ ଅର୍ଥକୁ ସଠିକ୍ ବ୍ୟବହାର ହୋଇନଥିବାରୁ ଅସନ୍ତୋଷର ନିଆଁ କୁହୁଳୁ ଥିଲା । ଆଜି ତାହା ଅନସ୍ଥା ପ୍ରସ୍ତାବ ଜରିଆରେ ବିସ୍ଫୋରଣ ହୋଇଥିବା ଦେଖିବାକୁ ମିଳିଛି । ଅନସ୍ଥାପ୍ରସ୍ତାବ ସମ୍ପର୍କରେ ଜିଲ୍ଲାପାଳ ଏବଂ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଆକାରରେ କାଉନସିଲର ମାନେ ପ୍ରଦାନ କରିଛନ୍ତି ।

ମାସେ ହେଲା ଜଳୁନାହିଁ ଷ୍ଟ୍ରିଟ୍ ଲାଇଟ

ଗାଈଗାଁ, ୨୮।୬(ସମିସ): କେସିଙ୍ଗା ବ୍ଲକ ପଥର୍ଲା ପଞ୍ଚାୟତର ପଥର୍ଲା ଗ୍ରାମ ମାଝୀପଡ଼ାର ପଥର୍ଲାରୁ ବହାଦୁର ପଦରକୁ ସଂଯୋଗ କରୁଥିବା ମୁଖ୍ୟ ଛକ ପାଖରେ ଥିବା ଦୁଇଟି ଷ୍ଟ୍ରିଟ ଲାଇଟ ମାସେ ହେଲା ଅଚଳ ରହିଛି । ଏହି ଷ୍ଟ୍ରିଟ ଲାଇଟ୍ ମରାମତି ପାଇଁ ପଥର୍ଲା ପଞ୍ଚାୟତ ପ୍ରଶାସନକୁ ଅଞ୍ଚଳବାସୀ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳଇନାହିଁ ।

ସୁକତେଲ ବିସ୍ଥାପିତଙ୍କ କଲୋନୀରେ ପିଇବା ପାଣି ସମସ୍ୟା

ବଲାଙ୍ଗିର, ୨୮।୬(ସମିସ): ଆଗାମୀ ଦିନରେ ଲୋୟର ସୁକତେଲ ବନ୍ଧରୁ ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ହଜାର ହଜାର ହେକ୍ଟର ଜମି ଜଳସେଚିତ ହେବ । ବଲାଙ୍ଗିର ସହରକୁ ପିଇବା ପାଣି ଯୋଗାଇ ଦିଆଯିବ । ଏଥିପାଇଁ ବିସ୍ଥାପିତ ହୋଇଛନ୍ତି ହଜାର ହଜାର ପରିବାର । ଖୁଣ୍ଟପାଲି ଗ୍ରାମବାସୀଙ୍କୁ ବଲାଙ୍ଗିର ସହର ଉପକଣ୍ଠ ସଦାଇପାଲି ଲର୍କିପାଲି ପଞ୍ଚାୟତ ଅଞ୍ଚଳରେ ଥଇଥାନ କରାଯାଇଛି । ଏହି ଥଇଥାନ କଲୋନୀର ବ୍ଲକ-ଡି'ରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି । ଫଳରେ ଖୁଣ୍ଟପାଲି ଗ୍ରାମବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦିନେ ପାଣି ଆସିଲେ ଆଉ ଦିନରେ ପାଣି ଆସୁନାହିଁ । କଲୋନୀରେ ପର୍ଯ୍ୟାପ୍ତ ସଂଖ୍ୟକ ବୋରୱେଲ ନ ଥିବାରୁ ସେମାନଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ପାନୀୟ ଜଳର ସ୍ଥାୟୀ ପ୍ରତିକାର ପାଇଁ ବ୍ଲକ ଡି କଲୋନୀର ନୀଳମଣି ମେହେର, କାଶୀନାଥ ପଶାୟତ, ରକ୍ଷକ ସାହୁ, ଗୋଲେକ ପଧାନ, ହାଡୁ କୁମରା, ଶିବ ପଟେଲ, ସୁନିଲ ସାହୁ, ରଘୁନାଥ ସାହୁ, ବନମାଳି ସାହୁ, ବିଶ୍ୱନାଥ ସାହୁ ପ୍ରମୁଖ ଗ୍ରାମବାସୀ ବଲାଙ୍ଗିର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲ୍ଲାର ଜଳାଭାବକୁ ଦୂର କରିବା ପାଇଁ ବିସ୍ଥାପିତ ହୋଇଥିବା ଲୋକେ ଜଳାଭାବର ସମ୍ମୁଖୀନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ରାଜ୍ୟର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା କହିଛନ୍ତି । ଆଇନଜିବୀ ରତନ ମହାରଣା, ପରିବେଶ କର୍ମୀ ସତ୍ୟରଞ୍ଜନ ମିଶ୍ର, ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ ।

ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଆନ୍ଦୋଳନ

ବଲାଙ୍ଗିର, ୨୮।୬(ସମିସ)

ପୃଥିବୀର ପ୍ରଥମ ଆଦିବାସୀ ଆବାସିକ ବିଶ୍ୱବିଦ୍ୟାଳୟ କିସ ବିରୋଧରେ ରାଜନୈତିକ ଅଭିଶନ୍ଧିମୂଳକ ଷଡ଼ଯନ୍ତ୍ର ଏବଂ ମିଥ୍ୟା ଆରୋପ ଲଗାଇ ଅପଦସ୍ତ କରୁଥିବା ପ୍ରତିବାଦରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଆନ୍ଦୋଳନ କରିଛି । ଏହାସହ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ କୁଶ ପୁତ୍ତଳିକା ଦାହ କରିଛି ଆଦିବାସୀ ସଂଘ । ଆଦିବାସୀ ବିରୋଧୀ ମନ୍ତ୍ରୀ ଶ୍ରୀ

ବିଜେପିରେ ବିବାଦ ତୀବ୍ର

ଗିରୀଶଙ୍କ ପ୍ରକୋଷ୍ଠକୁ ଅକ୍ତିଆର କଲେ ଜୟଙ୍କ ଝିଅ ଶୁଭଶ୍ରୀ

ସମ୍ବଲପୁର, ୨୮।୬(ସମିସ)

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ସମ୍ପର୍କ ଦିନେ ଅତି ଘନିଷ୍ଠ ଥିଲା। ହେଲେ ନିର୍ବାଚନ ଆସିବା

- ନିର୍ବାଚନ ପୂର୍ବରୁ ଚାଲିଥିଲା ତିକ୍ତତା
- ଗିରିଶ ଦଳ ବିରୋଧୀ, ଶୁଭଶ୍ରୀ ବିଶୃଙ୍ଖଳିତ

କିଛି ମାସ ପୂର୍ବରୁ ଉଭୟଙ୍କ ସମ୍ପର୍କରେ ଫାଟ ଆସିଯାଇଥିଲା। କୁହାଯାଏ ଗିରିଶ ସମ୍ବଲପୁର ବିଧାନସଭା ପାଇଁ ଆଶାୟୀ ଥିବାରୁ ଏଭଳି ହୋଇଛି। ଏହି ଘଟଣା ରାଜ୍ୟ ଓ କେନ୍ଦ୍ର ନେତୃତ୍ୱ ମଧ୍ୟ ଭଲ ଭାବେ ଜାଣିଛନ୍ତି। ବିଧାୟକ ଜୟ ସିଧାସଳଖ ଗିରିଶଙ୍କୁ ଆକ୍ଷେପ ନକରି ଝିଅ ଶୁଭଶ୍ରୀଙ୍କୁ ସୁଯୋଗ ଦେଇଛନ୍ତି। ଝିଅ ଶୁଭଶ୍ରୀଙ୍କୁ ରାଜନୀତିରେ ପ୍ରବେଶ କରାଇବା ସହ ନିଜର ଉତ୍ତରାଧିକାରୀଭାବେ ଏକ ପ୍ରକାର ସ୍ପଷ୍ଟ କରି ଦେଇଛନ୍ତି। ଯାହାକୁ ନେଇ ଦଳ ପାଇଁ କାମ କରି ଆସୁଥିବା ବରିଷ୍ଠ, ଯୁବ, ମହିଳା କର୍ମକର୍ତ୍ତା ମଧ୍ୟ ଅସନ୍ତୋଷ ପ୍ରକାଶ କରୁଥିବା ଦେଖା ଦେଇଛି। ପରିବାରବାଦ ବିଜେପିରେ ଚାଲେ ନାହିଁ ବୋଲି ଖୋଲମଖୋଲା ଜୟନାରାୟଣଙ୍କୁ ବିରୋଧ କରୁଛନ୍ତି। ଏଥିପାଇଁ ଗିରିଶଙ୍କୁ ଦାୟୀ ମଧ୍ୟ କରାଯାଇ ଜୟଗୋଷ୍ଠୀ ଭିତରେ ବିବାଦ ଲାଗି ରହିଛି। ଆଜି ଉଭୟଗୋଷ୍ଠୀଙ୍କ ବିବାଦ ଚରମ ସୀମା ଟପି ଯାଇଥିଲା। କଚେରି ରୋଡ୍ ବିଜେପି କାର୍ଯ୍ୟାଳୟ ପରିସରରେ ଥିବା ସଭାପତି ଗିରିଶଙ୍କ ପ୍ରକୋଷ୍ଠଙ୍କୁ ନିଜ ଅକ୍ତିଆରକୁ ନେଇଛନ୍ତି ବିଧାୟକ ଜୟନାରାୟରଙ୍କ ଝିଅ ଶୁଭଶ୍ରୀ। ବିଜେପି କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟକ୍ରମ ରହିଥିଲା।

ଏହା ସରିବା ପରେ ସଭାପତି ଗିରିଶ ନିଜ ପ୍ରକୋଷ୍ଠକୁ ତାଲାମାରି ଚାଲିଯାଇଥିଲେ। ଅଫିସର ଅନ୍ୟ ଏକ କୋଠରୀରେ ବିଧାୟକ ମିଶ୍ର ବସିଥିଲେ। କିଛି ସମୟ ପରେ ବିଧାୟକଙ୍କ ଝିଅ ଶୁଭଶ୍ରୀ ନିଜ ସମର୍ଥକଙ୍କ ସହ ଆସି ସଭାପତିଙ୍କ ପ୍ରକୋଷ୍ଠରେ ଲାଗିଥିବା ତାଲା ଭାଙ୍ଗି ପ୍ରାକୋଷ୍ଠ ଭିତରକୁ ପ୍ରବେଶ କରିଥିଲେ ଓ ବୈଠକ କରିଥିଲେ। ଶେଷରେ ଅନ୍ୟ ଏକ ତାଲା ମାରି ଚାବି ନେଇ ଯାଇଥିବା କୁହଯାଉଛି। ଆଜିଠାରୁ ଅଫିସ ମୋର ବୋଲି ସେ କୁଆଡ଼େ କହିଥିଲେ। ଫଳରେ ସମର୍ଥକ ମାନେ ଖୁସୀ ମନାଇଥିଲେ। ଏହି ଘଟଣାକୁ ନେଇ ସଭାପତି ଗିରିଶ ରାଜ୍ୟ ସଭାପତିଙ୍କୁ ଜଣାଇ ଦେଇଛନ୍ତି। ସେ କହିଛନ୍ତିଯେ, ଏହା ମୋର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହା ଦଳୀୟ କାର୍ଯ୍ୟାଳୟ। ସଭାପତିଙ୍କ ପାଇଁ ସ୍ୱତନ୍ତ୍ର ଚେମ୍ବର ରହିଥିଲା। ହେଲେ ମୋର ଅନୁପସ୍ଥିତିରେ ବିଧାୟକଙ୍କ ଝିଅ ଶୁଭଶ୍ରୀ ତାଲା ଭାଙ୍ଗି ଦେଇ ନିଜେ ତାଲା ମାରିଦେଇଥିବା ଜାଣିବାକୁ ପାଇଲି। ଦଳ ପାଇଁ ଏତେ ବର୍ଷ କାମ କରିବା ପରେ ନିର୍ବାଚନରେ ଦଳୀୟ ଟିକେଟ ଆଶା କରିବା ସ୍ୱାଭାବିକ ଘଟଣା। ଆହୁରି ଅନେକ ଆଶାୟୀ ଅଛନ୍ତି। ଏହା ସହ ବିଧାୟକ ଜୟଦାଦାଙ୍କୁ ସବୁବେଳେ ସମ୍ମାନ ଦେଇ ଆସୁଛି। ହେଲେ ଦଳ ତାଙ୍କୁ କାହାକିଁ ଗୁରୁତ୍ୱ ଦେଲା ନାହିଁ ମନ୍ତ୍ରୀ କଲେ ନାହିଁ ସେଥିରେ ମୋତେ ଦାୟୀ କରୁଛନ୍ତି। ଯାହା ଭୁଲ ବୁଝାମଣାରେ ହୋଇଛି ବୋଲି ସେ କହିଥିଲେ। ଅନ୍ୟପଟେ ଗତ ସାଧାରଣ ନିର୍ବାଚନ ସମୟରେ ସଭାପତି ଗିରିଶ ଦଳ ବିରୋଧୀକାମ କରିଥିଲେ, ଅନ୍ୟଦଳ ପାଇଁ ଭୋଟପ୍ରଚାର କରୁଥିବା ପ୍ରମାଣ ସହିତ ରାଜ୍ୟସଭାପତିଙ୍କୁ ବିଧାୟକ ଜୟ ଅଭିଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପଟେ ସଭାପତି ଗିରିଶଙ୍କୁ ଟିକେଟ ନମିଳିବା ପରେ ସେ ଅସନ୍ତୋଷ ଥାଇ ମଧ୍ୟ ଜାହିର କରିନଥିଲେ। ତାଙ୍କ ସମର୍ଥକମାନେ ଖୁଲମଖୋଲା ଭାବେ ଜୟଙ୍କ ବିରୋଧରେ କାମ କରୁଥିଲେ। ଲୋକସଭାରେ ବିଜେପି ପାଇଁ ଓ ବିଧାନସଭାରେ ଜୟନାରାୟଣଙ୍କ ବିରୋଧରେ କାମ କରି ବହୁ ବ୍ୟବଧାନରେ ପରାଜୟ ହେବେ ବୋଲି ଚର୍ଚ୍ଚା କରୁଥିଲେ। ହେଲେ ଜୟନାରାୟଣ ବିଜୟୀ ହୋଇଥିଲେ। ଗିରିଶଙ୍କ ବିରୋଧିକାମ ପଦାରେ ପଡ଼ିଯାଇଥିଲା କିଛି ଲାଭ ଦେଲା ନାହିଁ ବୋଲି ଜୟଙ୍କ ସମର୍ଥକ ମାନେ କହୁଛନ୍ତି।

ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ବୌଦ୍ଧ, ୨୮।୬(ସମିସ): ବୌଦ୍ଧ ସହର ଅଧୀନ ମର୍ଯ୍ୟାକୁଦର ତୁଳସୀକୋଣ ନିକଟ ମହାନଦୀକୂଳରୁ ଝୁଲନ୍ତା ଅବସ୍ଥାରେ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ବୌଦ୍ଧ ପୁଲିସ ଉଦ୍ଧାର କରିଛି। ଶୁକ୍ରବାର ସକାଳେ ମର୍ଯ୍ୟାକୁଦର ତୁଳସୀକୋଣ ନିକଟରେ ଏକ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଖବରପାଇ ବୌଦ୍ଧ ଥାନା ଆଇଆଇସି ରଞ୍ଜୀତ କୁମାର ମୁନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଥିଲେ। ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ପାଖାପାଖି ୩୫ ହେବ ଓ ପ୍ରାୟ ୪ ଦିନ ତଳେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ବୀରମହାରାଜପୁର ବିଧାୟକଙ୍କ ସମୀକ୍ଷା ବୈଠକ

ସୁବଳୟା, ୨୮।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବୁଧବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ବିଧାୟକ ଙ୍କ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମୀକ୍ଷା ବୈଠକରେ ତହସିଲଦାର ପୁନମ୍ ମହାପାତ୍ର, ବିଡିଓ ପ୍ରୀୟଦର୍ଶିନୀ ମିର୍ଦ୍ଧା, ଏବିଡିଓ ପୁରୁଷୋତ୍ତମ ଧରୁଆ, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲୋ, ଜିଲ୍ଲା ବିଜେପି ସଙ୍ଗଠନ ମହାମନ୍ତ୍ରୀ ବେଣୁଧର ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲ୍ଲା ବିଜେପି ଉପସଭାନେତୀ ନଳିନୀ ପଣ୍ଡା, ସୁମନ୍ତ ଜଗଦଲା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରଥମେ ବିଧାୟକଙ୍କୁ ସ୍ୱାଗତ କରିଥିଲେ।

ଆଇନସେବା ସମ୍ପର୍କିତ ସଚେତନତା

ଜହ୍ନାପଙ୍କ, ୨୮।୬(ସମିସ): ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ହାଇସ୍କୁଲଠାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମୌଳିକ କର୍ତ୍ତବ୍ୟ ଓ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶାଶ୍ୱତି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଜ୍ୟୋତିପ୍ରକାଶ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଧୀରେନ ପ୍ରଧାନ, ସହକାରୀ ଶିକ୍ଷକ ରାଧେଶ୍ୟାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଭାରତୀୟ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଓ ପ୍ରବାସୀ ଶ୍ରମିକଙ୍କ ବିବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

କେନଝିରିଆପାଲିରେ ମା' ପାଇଁ ଗଛ ଟିଏ'

ସୁବଳୟା, ୨୮।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ଗୃହ ସଂଘ କାର୍ଯ୍ୟାଳୟରେ ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ପୂଜାହାରୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମପଞ୍ଚାୟତସ୍ତରୀୟ ସଂଘ କାର୍ଯ୍ୟାଳୟରେ ଏମବିକେ ଗୀତାଞ୍ଜଳି ଜେନା ସଂଘର ସଭନେତ୍ରୀ ଅଞ୍ଜଳି କର୍ଣ୍ଣ, ସମ୍ପାଦିକା କୌଶଲ୍ୟା ଓ ଆଡ଼ ଜୁଆଳି ଓ ହାଇସ୍କୁଲ କର୍ମଚାରୀ ଚିତ୍ତରଞ୍ଜନ ପଧାନ, କାର୍ଯ୍ୟକାରୀ କମିଟିର ଉପସ୍ଥିତିରେ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ସଂଘର ସମସ୍ତ ସିଆରପି ଓ କାର୍ଯ୍ୟକାରୀ କମିଟିର ସଦସ୍ୟା ସାମିଲ ଥିଲେ।

ଗଞ୍ଜେଇ ଜବତ; ଜଣେ କୋର୍ଟ ଚାଲାଣ

ବାଉଁଶୁଣି, ୨୮।୬(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ପକ୍ଷରୁ ଚଢଉ କରି ୩୨ କେଜି ଗଞ୍ଜେଇ ସହ ଜଣକୁ ଗିରଫ କରାଯାଇଛି। ଥାନାଧିକାରୀ ଅଞ୍ଜଳି ବିଶ୍ୱାଳଙ୍କ ନେତୃତ୍ୱରେ ବାଉଁଶୁଣି ଥାନାର ଏକ ଟିମ୍ ଟିକିରାପଡ଼ାରେ ଚଢ଼ଉ କରିଥିଲେ। ଚାଲାଣକାରୀ ଗଞ୍ଜେଇ ସହ ଅପେକ୍ଷା କରିଥିବା ବେଳେ ବାଉଁଶୁଣି ପୁଲିସ ପହଞ୍ଚି ଗଞ୍ଜେଇକୁ ଜବତ କରିଥିଲା। ଅଭିଯୁକ୍ତ ଜୀବର୍ଦ୍ଧନ ତାଣ୍ଡିଆ (୩୩)କୁ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରି ଗଞ୍ଜେଇ ସବୁ ୩୨ କେଜି ହୋଇଥିବା ଜଣାପଡ଼ିଛି।

- ତହସିଲଦାରଙ୍କ ଆଦେଶକୁ ବି ମାନିଲେନି ଧଳପୁର ଆର୍‌ଆଇ

ଜମି ଚିହ୍ନଟ ପାଇଁ ହିତାଧିକାରୀ ହନ୍ତସନ୍ତ

ହରଭଙ୍ଗା, ୨୮।୬(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଧଳପୁର ସର୍କଲ ସମ୍ବରକଟା ମୌଜାର ରମେଶ ଦେହୁରୀଙ୍କ ଘର ଖଣ୍ଡିକ ଏଯାଏ ହୋଇପାରିଲା ନାହିଁ। ଆବାସ ଗୃହ ଯୋଜନାରେ ମିଳିଥିବା ତାଙ୍କ ଘର ନିର୍ମାଣ ଅଟକି ଯାଇଛି। ରାଜସ୍ୱ ବିଭାଗରେ ଅବହେଳା ପାଇଁ ସେ ଏବେ ବି ମୁଣ୍ଡ ଗୁଞ୍ଜିବାକୁ ହନ୍ତସନ୍ତ ହେଉଛନ୍ତି। ହରଭଙ୍ଗା ତହସିଲଦାର ତୁରନ୍ତ ଜମି ଚିହ୍ନଟ ପାଇଁ ଆର୍‌ଆଇଙ୍କୁ ଚିଠି ଜାରୀ କରିବା ସତ୍ତ୍ୱେ ଏହାକୁ ଅବମାନନା କରାଯାଇଥିବାରୁ ଘର ନିର୍ମାଣ ଆଗେଇପାରୁ ନାହିଁ। ଜମି ଚିହ୍ନଟ

ହୋଇପାରି ନଥିବାରୁ ଆବାସ ଯୋଜନାରେ ରମେଶଙ୍କ ଘର ନିର୍ମାଣ ହୋଇପାରି ନାହିଁ। ରମେଶ ଏନେଇ ଧଳପୁର ରାଜସ୍ୱ କାର୍ଯ୍ୟାଳୟ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟାଳୟରେ ବାହାର ଲୋକଙ୍କ ପ୍ରଭାବ ରହୁଥିବା ବେଳେ ତାଙ୍କ ଭଳି ଗରିବ ଜନସାଧାରଣଙ୍କୁ ହଇରାଣ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ତିନି ହଜାର ଟଙ୍କା ପୈଠ କଲେ ଜମି ମାପ କରିଦେବୁ ବୋଲି କାର୍ଯ୍ୟାଳୟରେ କର୍ମଚାରୀମାନେ କହୁଥିବା ରମଶେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଧଳପୁର ଆରଆଇ ପଙ୍କଜ କହଁରଙ୍କ କୌଣସି ପ୍ରତିକ୍ରିୟା ମିଳି ପାରି ନଥିବା ବେଳେ ହରଭଙ୍ଗା ତହସିଲଦାର ବିଭୂପ୍ରସାଦ ସିଂ ଘଟଣା ସମ୍ପର୍କରେ ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଧାୟକଙ୍କ ପରିଦର୍ଶନ

ଶଗଡ଼ା, ୨୮।୬(ସମିସ): କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଆଜି କଣ୍ଟାମାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସହ ବିଭିନ୍ନ ସ୍ଥାନରେ ଉନ୍ନୟନ କାର୍ଯ୍ୟର ତଦାରଖ କରିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକ ଶ୍ରୀ ଡାଙ୍ଗ କଣ୍ଟାମାଳ ଡାକ୍ତରଖାନା ପରିସର ସମସ୍ତ ବିଭାଗ ବୁଲି ଦେଖିବା ସହ ଚିକିତ୍ସାଧୀନ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଡାକ୍ତରଖାନାର ବିଭାଗୀୟ ଅଧିକାରୀଙ୍କୁ ସମସ୍ତ ପ୍ରକାର ଅବ୍ୟବସ୍ଥାର ତୁରନ୍ତ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ପରେ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ଜଗଦୀଶ ସେଠାଙ୍କ ସହ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଯୁବନେତା

ଓମପ୍ରକାଶ ମିଶ୍ର, ଆଦିବାସୀ ନେତା ଡମ୍ବରୁଧର କହଁର ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ଡ. ଧୀରେନ୍ଦ୍ର ନାୟକ ସିଣ୍ଡିକେଟ ସଦସ୍ୟ ନିର୍ବାଚିତ

ବିନିକା, ୨୮।୬(ସମିସ): ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ

ସଭା ଅନୁଷ୍ଠିତ ହୋଇଥିଲା। ନିୟମ ଅନୁଯାୟୀ ଏକାଡେମୀ କାଉନସିଲରେ ୨ ଜଣ ସଦସ୍ୟ ରହିବା କଥା କିନ୍ତୁ ଚଳିତ ବର୍ଷ ଅନେକ ଆଶାୟୀ ବାହାରିବାରୁ ଶେଷରେ ନିର୍ବାଚନ ହୋଇଥିଲା। ଏଥିରେ ବିନିକା ସିଦ୍ଧାର୍ଥ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ଡ଼ ଧୀରେନ୍ଦ୍ର ନାୟକ ନିର୍ବାଚିତ ହୋଇଥିବା ବେଳେ ଆଉ ଜଣେ ସଦସ୍ୟ ଅବସରପ୍ରାପ୍ତ ପ୍ରଫେସର ଦେବେନ୍ଦ୍ର ମିଶ୍ର ମଧ୍ୟ ନିର୍ବାଚିତ ହୋଇଛନ୍ତି। ଅଧ୍ୟକ୍ଷ ଶ୍ରୀ ନାୟକ ନିର୍ବାଚିତ ପରେ ସିଦ୍ଧାର୍ଥ ପରିବାରରେ ଆନନ୍ଦର ଲହରୀ ସୃଷ୍ଟି କରିଥିବା ବେଳେ ତାଙ୍କର ସଦସ୍ୟ ପଦକୁ ନେଇ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଏବିଭିପିର ଜିଲ୍ଲାସ୍ତରୀୟ ବୈଠକ

ଆଗାମୀ କାର୍ଯ୍ୟପନ୍ଥା ପାଇଁ ଆଲୋଚନା

ସୋନପୁର, ୨୮।୬ (ସମିସ): ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୁବର୍ଣ୍ଣପୁର ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଛଅଟି ବିଷୟରେ ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଜାରି ରହିଥିବା ଏବିଭିପିର ସଦସ୍ୟତା ଅଭିଯାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲା ଏବିଭିପି କିଭଳି ଅଧିକରୁ ଅଧିକ ସଦସ୍ୟତା ଗ୍ରହଣ କରିବ ଏବଂ ସଂଗଠନକୁ ଆହୁରି ମଜବୁତ କରିବ ସେ ବିଷୟରେ ଆଲୋଚନା ହେବା ସହ ଆଗାମୀ ସମୟରେ ହେବାକୁ ଥିବା ଏବିଭିପିର କାର୍ଯ୍ୟକ୍ରମ ସୋନପୁରରେ କରିବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ମଧ୍ୟ ପ୍ରସ୍ତୁତି କରାଯାଇଛି। ଏହି ବୈଠକରେ ସୋନପୁର ଜିଲ୍ଲାର ଅନେକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଜିଲ୍ଲା ସହ ପ୍ରମୁଖ ପ୍ଲାବନ ମହାପାତ୍ର, ଏବିଭିପି ପ୍ରାନ୍ତ ସେବାର୍ଥେ ବିଦ୍ୟାର୍ଥୀର ରାଜ୍ୟ ସଂଯୋଜକ ଶୁଭମ ପ୍ରସାଦ ମିଶ୍ର, ଜିଲ୍ଲା ସଂଯୋଜକ ସୁବ୍ରତ ରଣା, ଜିଲ୍ଲା ସହ ସଂଯୋଜକ ରାଜେଶ ରଣା, ସୋସିଆଲ ମିଡିଆ ସଂଯୋଜକ ସୁମନ୍ତ ଜଗଦଲା, ଆକାଶ ମେହେର, ଅଳିଆ ବଗର୍ତି, ମାମାଲି, ମାନସ, ରିତିକ, ପ୍ରଦୀପ, ବୀରେନ୍ଦ୍ର, ମିଲନ, ସିପୁନ, ଚିନ୍ତାମଣି ପ୍ରମୁଖ ଉପସ୍ଥିତ ଥିଲେ।

କେବେ ହଟିବ ବିଦ୍ୟୁତ ଖୁଣ୍ଟ

ବାଉଁଶୁଣି, ୨୮।୬(ସମିସ: ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତ ଅନ୍ତର୍ଗତ ବାଦିକଟା ଗ୍ରାମରେ ଏକ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଠିଆ ହୋଇରହିଛି। ୨ ବର୍ଷରୁ ଅଧିକ ହେବ ଉକ୍ତ ଲୁହା ବିଦ୍ୟୁତ୍ ଖୁଣ୍ଟର ତଳ ପାର୍ଶ୍ୱରେ କଳଙ୍କି ଲାଗି ଖୁଣ୍ଟିଟି ଦୁର୍ବଳ ଅବସ୍ଥାରେ ରହିଛି। ଫଳରେ ତାହା କୌଣସି ସମୟରେ ବି ଭାଙ୍ଗିଯିବାର ଭୟ ରହୁଛି। ଏହି ଖୁଣ୍ଟରେ ବର୍ତ୍ତମାନ ବିଦ୍ୟୁତ୍ ସଂଯୋଗ ନାହିଁ ତଥାପି ରାସ୍ତାରେ ଯାଉଥିବା ଜନସାଧାରଣଙ୍କୁ କେତେବେଳେ ବିପଦରେ ପକାଇପାରେ। ଏନେଇ ବିଦ୍ୟୁତ୍ ବିଭାଗଙ୍କୁ ଜଣାଇଥିଲେ ମଧ୍ୟ ସମୟ ଗଡ଼ାଇ ଚାଲିଛନ୍ତି। ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁଁ ଜନସାଧାରଣ ଜୀବନ ପ୍ରତି ବିପଦ ଥିବା ନେଇ ବିଦ୍ୟୁତ ଖୁଣ୍ଟ ତୁରନ୍ତ କାଢ଼ିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀ ଏଦିଗରେ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଗାଁ ମଝିରେ ଜମିଛି ବର୍ଷା ପାଣି; ଯାତାୟାତ ବାଧାପ୍ରାପ୍ତ

ସୁବଳୟା, ୨୮।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗାଁ ମଝିରେ ବର୍ଷାଜଳ ଜମି ରହିଛି। ପୂର୍ବରୁ ବର୍ଷାଜଳ ଅପର ପାର୍ଶ୍ୱରେ ଥିବା କୃଷି କ୍ଷେତ୍ର ଆଡ଼କୁ ଯାଉଥିଲା। ଏବେ ସବୁଆଡ଼େ ଘର ତିଆରି ହେବା ଫଳରେ ଏଠାରେ ବର୍ଷା ଜଳ ନିଷ୍କାସନ ନେଇ ସମସ୍ୟା ଦେଖାଦେଇଛି। ଡ୍ରେନ ସବୁ ପୋତି ହୋଇଯାଇଛି। ଫଳରେ ବର୍ଷା ଦିନରେ ଆଣ୍ଠୁଏ ପାଣି ଜମି ରହୁଛି। ସାପ ଆଦି ସରୀସୃପ ଜୀବ ମଧ୍ୟ ପାର୍ଶ୍ୱରେ ଥିବା ଘରଗୁଡ଼ିକ

ସଂସ୍କୃତି ଭବନକୁ ଭିନ୍ନକ୍ଷମଙ୍କ ସୁଗମ ପ୍ରବେଶ ବ୍ୟବସ୍ଥା ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା, , ୨୮।୬(ସମିସ): କେନ୍ଦ୍ରାପଡ଼ା ସହର ସନ୍ନିକଟ ଗୁଆଳସିଂଠାରେ ନିର୍ମିତ ହୋଇଥିବା ଜିଲ୍ଲା ସଂସ୍କୃତି ଭବନ ପ୍ରେକ୍ଷାଳୟକୁ ସୁଗମ ପ୍ରବେଶ ନିମନ୍ତେ ଦାବି କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ଅଧିକାର ଓ ସାମାଜିକ ପୁନଃପ୍ରତିଷ୍ଠା ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁର୍ନବାସ ପକ୍ଷରୁ ଏହି ମର୍ମରେ ଏକ ଅନୁରୋଧପତ୍ର ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ପୁନର୍ବାସ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ

ପରିଷଦର ସଦସ୍ୟମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରକାଶଯୋଗ୍ୟ ଯେ ୨୭ ଡିସେମ୍ବର, ୨୦୧୬ ମସିହାରେ ନୂତନ ଆଇନ୍ ରୂପେ ପ୍ରଣୟନ ହୋଇଥିବା 'ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ'ର ଧାରା ୪୪ରେ ଉଲ୍ଲିଖିତ ସର୍ବସାଧାରଣ ଅନୁଷ୍ଠାନ ନିମନ୍ତେ ଥିବା ବାଧ୍ୟତାମୂଳକ ସୁଗମ ପ୍ରବେଶର ବ୍ୟବସ୍ଥାକୁ ଏହା ଉଲ୍ଲଘନ କରୁଛି । ଯାହାଦ୍ୱାରା ଚଳନ ଶକ୍ତି ବାଧିତ ଗୁରୁତର ଭିନ୍ନକ୍ଷମ ଓ ହୁଇଲ୍ ଚେୟାର ବ୍ୟବହାରକାରୀମାନେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି । ଅନୁଷ୍ଠାନର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ପରାମର୍ଶ କ୍ରମେ ପୁର୍ନବାସ ପକ୍ଷରୁ ପରିଷଦର ପ୍ରତିନିଧି ବଂଶୀଧର ମହାନ୍ତି, ଶିବଚରଣ ସାମଲ, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ପ୍ରସାଦ ଦାସ ଓ ମହମ୍ମଦ ଜାହିଦ୍ ଖାନ୍ ପ୍ରମୁଖ ଏହି ବିଷୟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଉତ୍‌ଥାପିତ କରିଥିଲେ । ତୁରନ୍ତ ଏହି ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦାବିପତ୍ରର ଏକ କିତା ନକଲ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅବଗତି ନିମନ୍ତେ ମଧ୍ୟ ପ୍ରଦାନ କରାଯାଇଛି ।

ବାସ୍ତୁଶାସ୍ତ୍ରୀଙ୍କୁ ଜାତୀୟ ଆଇକନ୍ ସମ୍ମାନ

ଗରଦପୁର, ୨୮।୬(ସମିସ): ରାଜ୍ୟରେ ଏଥର ଜଣେ ଆଦିବାସୀ ବା ଜନଜାତି ସମ୍ପ୍ରଦାୟର ମୁଖ୍ୟମନ୍ତ୍ରୀ ହେବେ ବୋଲି କରିଥିବା ଭବିଷ୍ୟବାଣୀ ସତ ପ୍ରମାଣିତ ହେବା ସହ ବାସ୍ତୁଶାସ୍ତ୍ରରେ ପାଣ୍ଡିତ୍ୟ ଲାଭ କରି ଜାତୀୟ ସ୍ତରରେ ନିଜର ପ୍ରତିଭା କୁ ପ୍ରତିପାଦନ କରିଥିବା ବରିଷ୍ଠ ବାସ୍ତୁଶାସ୍ତ୍ରୀ ଡ଼ଃ ମନୋଜ କୁମାର ଲେଙ୍କା ଙ୍କୁ ଚଳିତ ବର୍ଷ ପାଇଁ ଜାତୀୟ ଆଇକନ୍ ସମ୍ମାନରେ ସମ୍ମାନିତ କରିବା ସହ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି । କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ସହ ଗ୍ରାମ ଉନ୍ନୟନ ମନ୍ତ୍ରାଳୟ ଓ ଭାରତ ଟିଭି ମିଳିତ ସହଯୋଗରେ ଦିଲ୍ଲୀର ଦୂରଦର୍ଶନ ଭବନରେ ଆୟୋଜିତ ଏହି ସମାରୋହରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରୀ ରାମଦାସ ଅଠାଓ୍‌ବାଲେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜାତୀୟ ସ୍ତରର ସମ୍ମାନରେ ସମ୍ମାନୀତ କରିବା ସହ ବ୍ରୋଞ୍ଜ ପଦକ ପ୍ରଦାନ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ରାଜ୍ୟର ବିଧାୟକ ଶ୍ୟାମ ଘନୀ ସମ୍ମାନୀତ ଅତିଥି ଭାବେ ଏହି ସମାରୋହରେ ଯୋଗଦେଇ ଡ଼ଃ ଲେଙ୍କା ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ତେବେ ବାସ୍ତୁଶାସ୍ତ୍ରୀ ଡ଼ଃ ମନୋଜ ଏବେ ହାପି ଲିଭିଂ ଫାଉଣ୍ଡେସନ ର ଅଧକ୍ଷ ସହ ଏସିୟାନ ଆଷ୍ଟୋ ଙ୍ଗ୍ରେସ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି । ଏହି ସମ୍ମାନଜନକ ସମ୍ମାନରେ ସମ୍ମାନୀତ ହେବା ପରେ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଠାରୁ ଶୁଭକାମନା ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

ଏମ୍‌ବିକେ ଓ ସିଆର୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଜିପିଏଲ୍‌ଏଫ୍ ଇସି ମେମ୍ବର

କେନ୍ଦ୍ରାପଡ଼ା, ୨୮।୬(ସମିସ)

ଗ୍ରାମପଞ୍ଚାୟତ ସ୍ତରୀୟ ମିଶନଶକ୍ତି ଫେଡେରେସନ୍ (ଜିପିଏଲଏଫ୍) କାର୍ଯ୍ୟକାରୀ କମିଟି ସଦସ୍ୟ(ଇସି) ମାନଙ୍କୁ ଦୁର୍ବ୍ୟବହାର କରୁଥିବା ଏମବିକେ. ଓ ସିଆରପି. ମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଜିପିଏଲଏଫ୍‌ର କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କୁ ସ୍ଥାୟୀ ସଦସ୍ୟତା ମାନ୍ୟତା ପ୍ରଦାନ ଓ ପାରିଶ୍ରମିକ ବୃଦ୍ଧି ଦାବିରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ଜିପିଏଲଏଫ୍‌ର କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଦୀର୍ଘ ଘଣ୍ଟାଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରଉ କରିଥିଲେ । ଏଥିସହିତ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଗେଟ ନିକଟରେଥିବା ପୁଲିସ ଫୋର୍ସମାନଙ୍କୁ ଠେଲି ଜିଲ୍ଲାପାଳଙ୍କ ଚାମ୍ବର ପର୍ଯ୍ୟନ୍ତ ଧସେଇ ପଶିଯାଇଥିଲେ । ସେମାନଙ୍କ ଦାବି ପୁରଣ ନିମନ୍ତେ ବିଭିନ୍ନ ନାରା ଦେବା ସହିତ ଜିଲ୍ଲା ପ୍ରଶାସନ ତୁରନ୍ତ ସେମାନଙ୍କ ଦାବି ପୂରଣ କରିବାକୁ ଦାବି କରିଥିଲେ । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଡାକରା ପାଇ ସେଠାରେ ପହଞ୍ଚିଥିବା ମିଶନଶକ୍ତିର ଜିଲ୍ଲା ପ୍ରକଳ୍ପ ପରିଚାଳକ କୈଳାସ ସେନାପତି ଏହି ଜିପିଏଲଏଫ.ର ଇସି ସଦସ୍ୟାମାନଙ୍କୁ ବୁଝାଇବାରେ ବିଫଳ ହୋଇଥିଲେ । ପରେ ସେମାନଙ୍କ ମଧ୍ୟରୁ ଏକ ଚାରି ଜଣିଆ ଟିମ୍ ଜିଲ୍ଲାପାଳଙ୍କ ଚାମ୍ବରକୁ ଯାଇ ଜିଲ୍ଲାପାଳ ଶ୍ରୀ ବିକାଶଙ୍କ ସହିତ ଆଲୋଚନା କରିଥିଲେ ।

ଜିଲ୍ଲାପାଳ ସେମାନଙ୍କ ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଘେରଉ ପ୍ରତ୍ୟାହାର କରିନେଇ ଥିଲେ । ଏହି ଆଲୋଚନାରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତିପୁର ଜିପିଏଲଏଫ୍.ର ସଦସ୍ୟା ତଥା ତୁଳସୀକ୍ଷେତ୍ର ଇସି ମହାସଙ୍ଘର ସମ୍ପାଦିକା ସଶ୍ମିତା ସାମଲଙ୍କ ସମେତ ଅନ୍ୟ ୩ଜଣ ଅଂଶଗ୍ରହଣ କରିଥିବା ବେଳେ ହରପ୍ରିୟା ସ୍ୱାଇଁ, ପୂର୍ଣ୍ଣିମା ମଲିକ, କାଦମ୍ବିନି ନାଥ, ପ୍ରୀତିରେଖା ଦାସ, ମୀନତୀ ସାହୁ, ଅହଲ୍ୟା ନାୟକ, ବିଜୟଲକ୍ଷ୍ମୀ ଜେନା, ପ୍ରତିମା ନାୟକ, ଶକୁନ୍ତଳା ଦଳେଇ ପ୍ରମୁଖ ଜିଲ୍ଲାର ୯ଟି ବ୍ଲକର ଜିପିଏଲଏଫ୍.ର ଶତାଧିକ ଇସିମେମ୍ବରମାନେ ଏହି ଘେରଉରେ ସାମିଲ ହୋଇଥିଲେ ।

ମହିଳାଙ୍କୁ ହତ୍ୟା ଘଟଣା; ୩ ଅଭିଯୁକ୍ତ କୋର୍ଟ ଚାଲାଣ

ରାଜକନିକା, ୨୮।୬(ସମିସ): ରାଜକନିକା ଥାନା ଅନ୍ତର୍ଗତ ସଂଗ୍ରାମପୁର (ବ୍ରାହ୍ମଣପୋଖରୀ) ଗାଁ ର ସୁଶୀଳା ନାୟକଙ୍କୁ ଗତ ବୁଧବାର ଅପରାହ୍ନରେ ଅଭିଯୁକ୍ତ ମାନେ ଠେଙ୍ଗାରେ ପିଟି ହତ୍ୟା କରିବା ଘଟଣାରେ ଗତକାଲି ଅଟକ ଥିବା ୩ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଗତକାଲି ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ଶବ ସତ୍କାର ହେବା ସହ ସୁଶୀଳାଙ୍କୁ ଆକ୍ରମଣ କରିଥିବା ୪ଜଣଙ୍କୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଥିଲା । ତେବେ ପୁଲିସର ଖାମଖିଆଲ ମନୋଭାବରୁ ଜୀବନହାନି ଭଳି ଘଟଣା ଘଟିବା ପରେ ରାଜକନିକା ପୁଲିସ ଅଧିକ ସମାଲୋଚିତ ହୋଇଛି । ଆଇନର ଶାସନକୁ ହୁଗୁଳା କରି ଅନେକ ଜମିଜମା ବିବାଦରେ ପୁଲିସ ଉପର ଠାଉରିଆ ଭାବରେ କାମ କରିବାରୁ ବହୁ ବିବାଦୀୟ ଜମିରେ ନିଷେଧାଦେଶ ସତ୍ତ୍ୱେ ବିବାଦୀୟ ଲୋକେ ପୁଲିସର ସମର୍ଥନ ପାଇ ଆଇନକୁ ଫାଙ୍କି ଘର କରିବାର ଧାରା ସହ ପ୍ରାଣହାନି ଭଳି ଘଟଣା ଘଟିବା ପରେ ଅନ୍ତତଃ କେନ୍ଦ୍ରାପଡ଼ା ଏସପିଙ୍କୁ ଏ ସମ୍ପର୍କରେ ଅଧିକ ଚିନ୍ତା କରିବାକୁ ଆହ୍ୱାନ ଆଣିଥିଲା । ରାଜକନିକା ପୁଲିସର ଅପରିଣାମଦର୍ଶୀ ନିଷ୍ପତ୍ତି ପାଇଁ ସଂଗ୍ରାମପୁରର ସୁଶୀଳାଙ୍କୁ ପଡୋଶୀମାନେ ଜମିଜମା ବିବାଦରୁ ଆକ୍ରୋଶମୂଳକ ଭାବରେ କୋଦାଳ ବେଣ୍ଟ, ଠେଙ୍ଗା ରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଦୁଇ ପରିବାର ଭିତରେ ଉପୁଜି ଥିବା ଜମିବାଡ଼ି ବିବାଦ ପାଇଁ ଜଣେ ମହିଳାଙ୍କୁ ଜୀବନ ଦେବାକୁ ପଡ଼ିବା

ଖବର ସବୁଠି ସମ୍ବେଦନ ସ୍ଥିତି ସୃଷ୍ଟି କରିଥିଲା । ସଂଗ୍ରାମପୁର ଗାଁର ରମେଶ ନାୟକ ଓ ସୁନାକର ନାୟକଙ୍କ ପରିବାର ଭିତରେ ଜମିବାଡି ମାମଲାକୁ କେନ୍ଦ୍ର କରି ଦୀର୍ଘ ଦିନ ହେବ ଶତ୍ରୁତା ଲାଗି ରହିବା ପରେ ରମେଶଙ୍କ ସ୍ତ୍ରୀ ସୁମତୀ ଗତ ମଙ୍ଗଳବାର ଦିନ ରାଜକନିକା ଥାନାରେ ଏତଲା ଦେଇ ସୁରକ୍ଷା ଆଶା କରିଥିଲେ । ତେବେ ପୁଲିସ ବିଶେଷ ଭାବରେ ଏହି ଘଟଣାରେ ଗୁରୁତ୍ୱ ନ ଦେବାରୁ ବୁଧବାର ଦିନ ପୁଣି ଦୁଇ ପରିବାର ମୁହାଁମୁହିଁ ହୋଇ ଗଣ୍ଡଗୋଳ ହୋଇଥିଲା । ସୁନାକାର ନାୟକ, ତାଙ୍କ ମାମୁଁ ଏହି ଗାଁର ରଘୁନାଥ ନାୟକ ଓ ଭଣଜା କଣ୍ଟୀପୋଖରୀ ଗାଁର ରୋହିତ ବେହେରାଙ୍କୁ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରେ ମୋଟ ୧୮ ଜଣଙ୍କ ନାମରେ ଏତଲା ହୋଇ ରାଜକନିକା ଥାନା କେଶ ନଂ ୨୮୮ ଓ ଦଫା ୩୦୨, ୩୫୪, ୪୨୭, ୩୨୩, ୩୨୪, ୩୫୪, ୩୭୯ ଓ ୩୪ ଆଇପିସି ରେ ମାମଲା ରୁଜୁ କରାଯାଇଛି । ଅନ୍ୟପକ୍ଷରେ ଶବ ଦାହ ପରେ ଅତ୍ୟନ୍ତ ଗୁରୁତର ଥିବା ମୃତ ସୁଶୀଳାଙ୍କ ପୁତୁରା କଟକରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଗୁରୁତର ପବିତ୍ର ଆଜି ହସ୍ପିଟାଲରୁ ଫେରିଥିବା ପୁଲିସ ପ୍ରକାଶ କରିଛି ।

ମହିଳାଙ୍କ ନାମରେ ଋଣ ଉଠାଇ ଠକିନେଲେ ୩ ଲକ୍ଷ

କେନ୍ଦ୍ରାପଡ଼ା, ୨୮।୬(ସମିସ): କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ନସଡିପୁର ଗ୍ରାମରେ ଜଣେ ମହିଳାଙ୍କୁ ଋଣ କରାଇଦେବାକୁ କହି ତାଙ୍କଠାରୁ ଦସ୍ତଖତ ରଖି ଜଣେ ଠକ ଋଣ ଉଠାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି । ତାଙ୍କ ଦସ୍ତଖତରେ ୩ଲକ୍ଷ ଟଙ୍କା ଋଣ ଉଠାଇ ନେଇଥିବା ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି । ନସଡିପୁର ଗ୍ରାମର ସଲମା ବେଗମ ଅଭିଯୋଗଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଅଞ୍ଚଳର ଜଣେ ମହିଳା ତାଙ୍କୁ ଋଣ କରାଇଦେବେ ବୋଲି କହି ବିଭିନ୍ନ କାଗଜପତ୍ରରେ ଦସ୍ତଖତ ନେଇଥିଲେ । ପ୍ରଥମେ ତାଙ୍କୁ ୪୦ ହଜାର ଟଙ୍କାର ଋଣ କରାଇ ଦେଇଥିଲେ । ଏହାଦ୍ୱାରା ସଲମାଙ୍କର ବିଶ୍ୱାସ ସୃଷ୍ଟି ହୋଇଥିଲା । ତେଣୁ ସେ ଅନ୍ୟ କେତେକ କାଗଜପତ୍ରରେ ଦସ୍ତଖତ ମାରିବା ସହ ତାଙ୍କ ପାନ୍‌କାର୍ଡ, ଆଧାରକାର୍ଡ ଇତ୍ୟାଦି ପ୍ରମାଣପତ୍ର ସମ୍ପୃକ୍ତ ମହିଳାଙ୍କୁ ଦେଇଥିଲେ । ଏହି ଠକ ମହିଳା ଜଣକ ତାଙ୍କର ଅନ୍ୟ ୩ଜଣ ସହଯୋଗୀଙ୍କ ସହ ମିଶି ସଲମାଙ୍କ ନାମରେ ଘରୋଇ ବ୍ୟାଙ୍କରୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଉଠାଇଥିବା ସଲ୍‌ମା ଜାଣିବାକୁ ପାଇବା ପରେ ପୁଲିସର ଆଶ୍ରୟ ନେଇଛନ୍ତି । ଟାଉନ୍ ଥାନାଧିକାରୀ ଦିଲ୍ଲୀପ ସାହୁ ଅଭିଯୋଗ ପାଇବା ପରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ଜିଲ୍ଲା ପ୍ରଶାସନର 'ମା' ପାଇଁ ଗଛଟିଏ' ଅଭିଯାନ

କେନ୍ଦ୍ରାପଡ଼ା, ୨୮।୬(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଭିଯାନ ଆରମ୍ଭ ହୋଇଛି । ଏହି କ୍ରମରେ ଶୁକ୍ରବାର ସକାଳ ୯ ଘଟିକା ସମୟରେ ବାରୋ ତରାଣ୍ଡୋଠାରେ ଥିବା ଜିଲ୍ଲା ମିଶନ ଶକ୍ତି ଭବନ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଶନ ଶକ୍ତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ

(ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ କୈଳାଶ ସେନାପତି, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ମିଶନ ଶକ୍ତିର ମା' ଭଉଣୀ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ବିଧାୟକ ଗଣେଶ୍ୱର ବେହେରା ଏହି ଅବସରରେ କହିଥିଲେ, ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ । ଏଣୁ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ । ସମସ୍ତ ଜିଲ୍ଲାବାସୀଙ୍କୁ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି ।

ସଞ୍ଚୁଲତାଙ୍କ ପାଇଁ ଅପହଞ୍ଚ ଆବାସ ଯୋଜନା

ବିପଦସଂକୁଳ କଚ୍ଚାଘରେ ମୁଣ୍ଡ ଗୁଞ୍ଜିଛନ୍ତି ୫ ପ୍ରାଣୀ

ମାର୍ଶାଘାଇ, ୨୮।୬(ସମିସ): ନଦୀକୂଳିଆ ମୁକୁଳା ଘେରିବନ୍ଧ ମଧ୍ୟରେ ନୂଆଁଣିଆ ଚାଳଘରେ ଅସହାୟ ବିଧବା ମହିଳା ସଞ୍ଚୁଲତା ସେଠୀ(୬୦)ଙ୍କ ସମେତ ମୁଣ୍ଡ ଗୁଞ୍ଜୁଛନ୍ତି ୫ପ୍ରାଣୀ କୁଟୁମ୍ବ । ଚିତ୍ରୋତ୍ପଳା ନଦୀ ମୁକୁଳା ଘେରିବନ୍ଧ ଦେଇ ବାରମ୍ବାର ବନ୍ୟାଜଳ ପ୍ରବେଶ କରି ମାଟିପିଣ୍ଡା, କାନ୍ଥ ଭାଙ୍ଗି ଦିଏ । ଏହାକୁ ଖାତିର ନକରି ବନ୍ୟା ସମୟରେ ଜୀବନକୁ ବାଜି ଲଗାଇ ଘରେ ରହୁଛନ୍ତି । ଅନେକ ସମୟରେ ଝଡବତାସ ନଦୀକୂଳିଅ ନଡାଛପରକୁ ଉଡାଇ ନେଇଥାଏ । ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ସରକାରୀ ବାବୁମାନଙ୍କ କଷଣ ଯେମିତି ଦେହସୁଆ ହୋଇଗଲାଣି । ବାରମ୍ବାର ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ କରି ମଧ୍ୟ ଯୋଜନାରୁ ବଞ୍ଚିତ ହେବାକୁ ପଡୁଛି । ବ୍ଲକ କର୍ମଚାରୀମାନେ ବାରମ୍ବାର ଫଟୋ ଉଠାଇ ନେଉଥିଲେ ମଧ୍ୟ ଯୋଜନା କିନ୍ତୁ ତାଙ୍କ ପାଇଁ ଅପହଞ୍ଚ । ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ନାରାୟଣପୁରରେ । ଏହି ଗ୍ରାମର ଅସହାୟ

ବିଧବା ମହିଳା ସଞ୍ଚୁଲତା ସେଠୀ ଆବାସ ଯୋଜନାରେ ପକ୍କା ଘର ଖଣ୍ଡେ ପାଇଁ ପଞ୍ଚାୟତ ଓ ବ୍ଲକବାବୁଙ୍କ ବହୁ ନେହୁରା ହୋଇଛନ୍ତି । ବାରମ୍ବାର ଆବାସ ଯୋଜନାରେ ସାମିଲ କରିବାକୁ ବାରହ୍ୱାର ହେବାକୁ ପଡ଼ିଛି । ଭୋଟ ସମୟରେ ଯେଉଁ ବାବୁମାନେ ଏଥର ପକ୍କାଘର ଯୋଜନାରେ ସାମିଲ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇ ଭୋଟ ହାତାନ୍ତି ପରେ ପାଶୋରି ଯାଆନ୍ତି ବୋଲି ଅଭିଯୋଗ କରିଛନ୍ତି ସଞ୍ଚୁଲତା । ଜମିବାଡି କିଛି ନଥିବାରୁ ମୂଲମଜୁରୀ ଲାଗି ଚଳନ୍ତି ସଞ୍ଚୁଲତାଙ୍କ ପରିବାର । କୌଣସି ଏକ ସଂସ୍ଥାରେ ଖଲାସି ଭାବେ କାର୍ଯ୍ୟରତ ଅବସ୍ଥାରେ ୨୦୧୧ମସିହାରେ ସ୍ୱାମୀ ପ୍ରଫୁଲ୍ଲ ସେଠୀଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିଲା । ସ୍ୱାମୀ ପ୍ରଫୁଲ୍ଲଙ୍କ ରୋଜଗାରରେ ପରିବାର ଚଳୁଥିଲା । ତାଙ୍କ ଦେହାନ୍ତ ପରରେ ସଂଞ୍ଚୁଲତା ପରିବାର ବୋଝ ମୁଣ୍ଡାଇ ପିଲାଛୁଆଙ୍କ ପେଟକୁ ଦୁଇମୁଠା ଦାନା ଯୋଗାଡ କରିବାକୁ ପରଘରେ ମୂଲ ଲାଗିଲେ । ସ୍ୱାମୀ ପ୍ରଫୁଲ୍ଲ ଜୀବିତ ଥିବାବେଳେ ମହାବାତ୍ୟା ପରବର୍ତ୍ତି ସମୟରେ ଲେଥରାନ୍ ସଂସ୍ଥା ପକ୍ଷରୁ ମାତ୍ର ୧୬ହଜାର ସହାୟତାରେ ଆଜବେଷ୍ଟସ ଘର ପାଇଁ ସହାୟତା ମିଳିଥିବା କୁହନ୍ତି ପ୍ରଫୁଲ୍ଲଙ୍କ ପୁଅ ବିକାଶ । ରାଜନୈତିକ ପେଞ୍ଚ ହେଉ କିମ୍ବା ହାତଗୁଞ୍ଜା ଦେବାକୁ ଅକ୍ଷମତା ହେତୁ ଆମ ଗରିବ ପରିବାର ପାଇଁ ଆବାସ ଯୋଜନା ଅପହଞ୍ଚ ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି । କୋଠାଘର ଲୋକମାନଙ୍କୁ ଯୋଜନାରେ ସାମିଲ କରାଯାଉଥିବାବେଳେ ଆମ ଭଳି ଗରିବ ପରିବାର ଯୋଜନାରୁ ଦୂରେଇ ଯାଉଛନ୍ତି । ସ୍ୱାମୀ ପ୍ରଫୁଲଙ୍କ ଦେହାନ୍ତ ପରେ ସଞ୍ଚୁଲତା ପୁଅ ବିକାଶ ଚନ୍ଦ୍ର ସେଠୀ, ବୋହୂ ଅମୁପମା ସେଠୀ, ଦିବ୍ୟାଙ୍ଗ ଭଉଣୀ ମମତା ସେଠୀ, ନାତି ସ୍ମୃତିରଞ୍ଜନ ବିପଦସଂକୁଳ କଚ୍ଚାଘରେ କର୍ମକୁ ଆଦରି ପଡ଼ିଛନ୍ତି । ବାରମ୍ବାର ଆବାସ ଯୋଜନାରେ ସଞ୍ଚୁଲତାଙ୍କ ନାମ ଅର୍ନ୍ତଭୁକ୍ତ କରାଯାଇ ଶେଷ ମୁହୂର୍ତ୍ତରେ କ'ଣ ପାଇଁ କାଟି ଦିଆଯାଏ ତାହା ତାଙ୍କ ପାଇଁ ଅବୁଝା ବୋଲି କୁହନ୍ତି ସଞ୍ଚୁଲତା । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପକ୍କାଘର ଖଣ୍ଡେ ଆବାସ ଯୋଜନାରେ ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି ।

ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ମହାକାଳପଡ଼ା, ୨୮।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଦେଉଳପଡ

ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୯୫
- ପାଉଣ୍ଡ ୧୦୫.୭୫
- ୟୁରୋ ୮୯.୫୨
- ୟେନ୍ ୦.୫୧

ସୁନା, ରୁପା ଦର

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୩୦୦ (ନୂଆଦିଲ୍ଲୀ)
- ରୁପା : ୯୦,୦୦୦ (କେଜି)

ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୯,୦୩୨.୦୦
- ନିଫ୍ଟି ୨୪,୦୧୦.୦୦

ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

ଇଏସ୍‌ଓପିରେ ଲାଗିବନି ଜିଏସ୍‌ଟି

ନୂଆଦିଲ୍ଲୀ,୨୮।୬(ଏଜେନ୍ସି): ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କରେ କାମ କରୁଥିବା ଭାରତୀୟ କର୍ମଚାରୀମାନଙ୍କ ପାଇଁ ଟିକସ ବିଭାଗ ଏକ ଭଲ ଖବର ଆଣିଛି । ସିବିଆଇସି ସ୍ପଷ୍ଟ କରିଛି ଯେ, ଯଦି କୌଣସି ବହୁରାଷ୍ଟ୍ରୀୟ କମ୍ପାନୀର ଭାରତୀୟ ସହଯୋଗୀ ସଂସ୍ଥା ନିଜ କର୍ମଚାରୀଙ୍କୁ ଇଏସ୍‌ଓପି ସୁବିଧା ପ୍ରଦାନ କରିଥାଏ, ତେବେ ଏହାର ଫାଇଦାରେ ଜିଏସଟି ଦେବାକୁ ପଡିବନାହିଁ ।

ସିବିଆଇସି ଜିଏସଟି ପରିଷଦର ବୈଠକ ପରେ ଏକ ସର୍କୁଲାର ଜାରି କରି ଜିଏସଟିକୁ ନେଇ ସ୍ପଷ୍ଟ କରିଛନ୍ତି । ଜିଏସଟିର ମାମଲାରେ ନିଷ୍ପତ୍ତି ନେବାର ଶ୍ରେଷ୍ଠ ଜିଏସଟି ପରିଷଦର ବୈଠକ ୨୨ ଜୁନରେ ହୋଇଥିଲା, ଯେଉଁଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ଏହାପରେ ସିବିଆଇସି ଦ୍ୱାରା ୧୬ ସର୍କୁଲାର ଜାରି କରାଯାଇଛି । (ଇଏସ୍‌ଓପି) ହେଉଛି ଏକ କର୍ମଚାରୀ ଲାଭ ଯୋଜନା ଯାହାକି ଷ୍ଟକ୍ ସେୟାର ଆକାରରେ କମ୍ପାନୀରେ ଶ୍ରମିକମାନଙ୍କୁ ମାଲିକାନା ସୁଧ ଦେଇଥାଏ । ସିବିଆଇସି ସର୍କୁଲାରରେ ସ୍ପଷ୍ଟ କରିଛି ଯେ, ଅନେକ ବିଦେଶୀ କମ୍ପାନୀ ନିଜ ଭାରତୀୟ ସହଫୋଗୀ ସଂସ୍ଥାଗୁଡିକରେ କାମ କରୁଥିବା କର୍ମଚାରୀମାନଙ୍କୁ ବଜାର ମୂଲ୍ୟ ଉପରେ ଇଏସଓପି ପ୍ରଦାନ କରିଥାନ୍ତି, ତେବେ ଏଭଳି କ୍ଷେତ୍ରରେ ଜିଏସଟି ପ୍ରଯୁଜ୍ୟ ହେବ ନାହିଁ । ଯଦି କୌଣସି ବିଦେଶୀ ହୋଲ୍ଡିଂ କମ୍ପାନୀ ନିଜ ଭାରତୀୟ ସହଯୋଗୀ କମ୍ପାନୀକୁ ସିକ୍ୟୁରିଟିଜ କିମ୍ବା ସେୟାର ମୂଲ୍ୟଠାରୁ ଅଧିକ ଚାର୍ଜ କରେ, ତେବେ ଏଭଳି ପରିସ୍ଥିତିରେ କର୍ମଚାରୀଙ୍କ ଷ୍ଟକ ଅପସନ, କର୍ମଚାରୀଙ୍କ ଷ୍ଟକ ପରଚେଜ ପ୍ଲାନ ବା ରେଷ୍ଟିକ୍ଟେଡ ଷ୍ଟକ ୟୁନିଟ ଆଦିରେ ଜିଏସଟି ଦେବାକୁ ପଡିବ ।

ସିବିଆଇସି କଲା ସ୍ପଷ୍ଟ

ରଏଟର୍ସ ସର୍ଭେ ଧିମା ପଡ଼ିବ ଭାରତର ଅଭିବୃଦ୍ଧି

ନୂଆଦିଲ୍ଲୀ,୨୮।୬(ଏଜେନ୍ସି)

ନିକଟରେ ସାଧାରଣ ନିର୍ବାଚନ ଶେଷ ହେବା ପରେ କେନ୍ଦ୍ରରେ ନୂତନ ସରକାର ଗଠନ ହୋଇଛି । ହେଲେ ଅଭିବୃଦ୍ଧି କ୍ଷେତ୍ରରେ ଦେଶକୁ ଖୁବ୍ ଶୀଘ୍ର ବଡ଼ ଝଟ୍‌କା ଲାଗିବାକୁ ଯାଉଛି । କାରଣ ଚଳିତ ଆର୍ଥିକ ବର୍ଷ ସହ ପରବର୍ତ୍ତୀ ଆର୍ଥିକବର୍ଷରେ ଭାରତର ଅଭିବୃଦ୍ଧି ହାରରେ ମନ୍ଥରତାର ସଙ୍କେତ ମିଳିଥିବା ରଏଟର୍ସ ସର୍ଭେରେ ଦର୍ଶାଯାଇଛି ।

ଗତ ଆର୍ଥିକବର୍ଷରେ ଏସିଆର ଏହି ତୃତୀୟ ବୃହତ୍ତମ ଅର୍ଥନୀତିରେ ଅଭିବୃଦ୍ଧି ୮.୨ ପ୍ରତିଶତ ରହିଥିଲା, ଯାହା ଆର୍ଥିକ ଅଭିବୃଦ୍ଧି ଦଅଷ୍ଟିରୁ ବିଶ୍ୱର ପ୍ରମୁଖ ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ରଗୁଡିକ ମଧ୍ୟରେ ଦ୍ରୁତତମ । ବିଶ୍ୱର ୫୦ରୁ ଅଧିକ ଅର୍ଥନୀତିଜ୍ଞଙ୍କୁ ନେଇ ଜୁନ୍ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ରଏଟର୍ସ ପକ୍ଷରୁ ଏହି ସର୍ଭେ କରାଯାଇଥିଲା । ସର୍ଭେ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ଏବଂ ପରବର୍ତ୍ତୀ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୬.୦ ପ୍ରତିଶତ ଏବଂ ତାପରେ ୬.୭ ପ୍ରତିଶତକୁ ହ୍ରାସ ଘଟିପାରେ । ନିକଟରେ ଅନୁଷ୍ଠିତ ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ସଂସଦରେ ଏକାକୀ ସଂଖ୍ୟାଗରିଷ୍ଠତା ହରାଇବା ପରେ ଅର୍ଥନୀତିଜ୍ଞମାନେ ପ୍ରଥମେ ରଏଟର୍ସ ସର୍ଭେରେ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାରେ ସାମାନ୍ୟ ମନ୍ଥରତା ଆସିବା ନେଇ ପୂର୍ବାନୁମାନ କରିଛନ୍ତି । ଗତ ଆର୍ଥିକବର୍ଷରେ ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତିରେ ଅଭିବୃଦ୍ଧି ୮.୨ ପ୍ରତିଶତ ରହିଥିଲା, ଯାହା ପ୍ରମୁଖ ଅର୍ଥନୀତି ମଧ୍ୟରେ ଦ୍ରୁତତମ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କୁ ନିର୍ବାଚନରେ ସହଜରେ ଜିତିବା ନେଇ କରାଯାଇଥିବା ପୂର୍ବ ପୂର୍ବାନୁମାନ ତୁଳନରେ ନିର୍ବାଚନ ଫଳାଫଳ ପ୍ରାୟତଃ ଭିନ୍ନ ରହିଥିଲା । ଆଞ୍ଚଳିକ ଦଳର ସହଯୋଗରେ ସରକାର ଗଠନ କରି ବିଜେପି ଏହାର ଅଧିକାଂଶ ମନ୍ତ୍ରୀଙ୍କ ପୂର୍ବ ପଦଭାର ବଜାୟ ରଖିଛି । ସରକାର ତାଙ୍କର ନୀତିରେ ଆସୁଥିବା ପରିବର୍ତ୍ତନ ବିଷୟରେ କୌଣସି ସୂଚନା ଦେଇନାହାଁନ୍ତି । ଏହାର ଲକ୍ଷ୍ୟ ହେଉଛି ବର୍ଷ ବର୍ଷ ଧରି ସରକାରୀ ପୁଞ୍ଜି ବ୍ୟୟ ମାଧ୍ୟମରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା । ଚଳିତଥର ସରକାରୀ ନୀତିରେ କୌଣସି ବଡ଼ ପରିବର୍ତ୍ତନ ଆଶା କରାଯାଇ ନ ଥିବାରୁ ଅର୍ଥନୀତିଜ୍ଞମାନେ ଭାର୍ତର ଅଭିବୃଦ୍ଧି ନେଇ ସେମାନଙ୍କର ପୂର୍ବାନୁମାନକୁ ସ୍ଥିର ରଖିଛନ୍ତି ।

୨୦୨୩-୨୪ରେ ଅଭିବୃଦ୍ଧି ୮.୨% ରହିଥିଲା

୨୦୨୪-୨୫ରେ ୬%ରୁ କମ୍ ରହିବ

ଇନ୍ଧନ ସଞ୍ଚୟକାରୀ ବାଣିଜ୍ୟିକ ଯାନ ଟାୟାର ' ମିଶେଲିନ୍ ଏକ୍ସ' ବଜାରରେ

ନୂଆଦିଲ୍ଲୀ,୨୮।୬: ବିଶ୍ୱରେ ଟାୟାର ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଣୀ ମିସେଲିନ୍ ତାହାର ସର୍ବାଧିକ ଇନ୍ଧନ ସଞ୍ଚୟକାରୀ ଟ୍ରକ ଓ ବସ୍ ଟାୟାର ମିଶେଲିନ୍ ଏକ୍ସ ମଲ୍‌ଟି ଏନର୍ଜି ଜେଡ+ ଭାରତୀୟ ବଜାରରେ ପ୍ରବେଶ ସମ୍ପର୍କରେ ଘୋଷଣା କରିଛି । ଭାରତ ନିର୍ମିତ ଏହି ସର୍ବାଧୁନିକ ଟାୟାର ଭାରତୀୟ ସଡ଼କ ଏବଂ ଭାର ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ଭାରତୀୟ ଫ୍ଲିଟ୍ ମାଲିକମାନଙ୍କର ଇନ୍ଧନ ସଞ୍ଚୟକାରୀ ଟାୟାର ନିମନ୍ତେ ବର୍ଦ୍ଧିତ ଦାବିକୁ ମଧ୍ୟ ବିଚାରକୁ ନିଆଯାଇଛି । ମିଶେଲିନ୍ ଏକ୍ସ ମଲ୍‌ଟି ଏନର୍ଜି ଜେଡ+ ଟାୟାର ପ୍ରଯୁକ୍ତିରେ ଏକ ଉଲ୍ଲେଖନୀୟ ଅଗ୍ରଗତିର ପ୍ରତିନିଧିତ୍ୱ କରୁଛି ଯାହା ଶିଳ୍ପର ସର୍ବନିମ୍ନ ରୋଲିଂ ପ୍ରତିରୋଧୀ ସାମର୍ଥ୍ୟ ପ୍ରଦାନ କରୁଛି ଏବଂ ତଦ୍ୱାରା ୧୫% ପର୍ଯ୍ୟନ୍ତ ଇନ୍ଧନ ସଞ୍ଚୟ କରୁଛି । ଏହି ଟ୍ୟୁବଲେସ୍ ଟ୍ରକ ଟାୟାରର ଆକାର ୨୯୫/୮୦ଆର୍ ୨୨.୫ ରହିଛି ମିଶେଲିନ୍ ଏକ୍ସ ମଲ୍‌ଟି ଏନର୍ଜି ଜେଡ ର ଉନ୍ନତ ସଂସ୍କରଣ ହୋଇଛି ଏବଂ ଏହା ଅଙ୍ଗାରକାମ୍ଳ ନିର୍ଗମନକୁ ୮ ଟନ୍‌ଅଞ୍ଚ ପର୍ଯ୍ୟନ୍ତ ହ୍ରାସ କରିବାରେ ସହାୟତା କରିବାକୁ ଡିଜାଇନ କରାଯାଇଥିବା ଶାନ୍ତନୁ ଦେଶପାଣ୍ଡେ, ମ୍ୟାନେଜିଂ ଡାଇରେକ୍ଟର, ମିଶେଲିନ୍ ଇଣ୍ଡିଆ କହିଛନ୍ତି ।

ନୂତନ ୱାନପ୍ଲସ ସିଇ୪ ଲାଇଟ୍ ୫ଜିର ଶୁଭାରମ୍ଭ

ବେଙ୍ଗାଲୁରୁ,୨୮।୬: ଗ୍ଲୋବାଲ୍ ଟେକ୍ନୋଲୋଜି ବ୍ରାଣ୍ଡ ୱାନପ୍ଲସ ଆଜି ଭାରତରେ ନୂଆ ୱାନପ୍ଲସ ନର୍ଡ଼ ସିଇ୪ ଲାଇଟ୍ ୫ଜି କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛି । ୫,୫୦୦ଏମଏଏଚ ଉଚ୍ଚ କ୍ଷମତା ବିଶିଷ୍ଟ ବ୍ୟାଟେରୀ, ୮୦ୱାଟ ସୁପରଭୋକ୍ ଫାଷ୍ଟ ଚାର୍ଜିଂ,୧୨୦ଏଚଜେଡ ସୁପର-ଉଜ୍ଜ୍ୱଳ ୨,୧୦୦ ନିଟ୍ ଆମଲେଡ ଡିସପ୍ଲେ, ଆକ୍ୱା ଟଚ୍ ଏବଂ ଓଆଇଏସ୍ ସହିତ ସୋନି ଲିଟିଆ ୬୦୦ କ୍ୟାମେରା ବିଶିଷ୍ଟ ୱାନପ୍ଲସ୍ ନୋର୍ଡ ନର୍ଡ଼ ସିଇ୪ ଲାଇଟ୍ ୫ଜି ଏକ ଫ୍ଲାଗସିପ୍-ପ୍ରତିଦ୍ୱନ୍ଦ୍ୱୀ ଦୀର୍ଘସ୍ଥାୟୀ ଏବଂ ଉଜ୍ଜ୍ୱଳ ଅନୁଭୂତି ପ୍ରଦାନ କରୁଛି ଯାହା ସମସ୍ତ ଆଶାଠାରୁ ଅଧିକ । ୱାନପ୍ଲସ ର ସଭାପତି ତଥା ସିଓଓ କିଣ୍ଡର ଲିଉ କହିଛନ୍ତି ଯେ ଆମେ ନୂଆ ୱାନପ୍ଲସ ନର୍ଡ଼ ସିଇ୪ ଲାଇଟ୍ ୫ଜି କୁ ଉପସ୍ଥାପନ କରି ଆନନ୍ଦିତ, ଯାହା ଆମର ଫ୍ଲାଗସିପ୍ ସ୍ପେସିଫିକେସନ୍ ଏବଂ ଟେକ୍ନୋଲୋଜିକୁ ଅନ୍ତର୍ଭୁକ୍ତ କରି ଏହାର ମୂଲ୍ୟ ସୀମା ପାଇଁ ବେଞ୍ଚମାର୍କକୁ ପୁନଃନିର୍ଦ୍ଧାରଣ କରିଥାଏ । ୱାନପ୍ଲସ ନର୍ଡ଼ ସିଇ୪ ଲାଇଟ୍ ୫ଜି ଗୁରୁବାର ୨୭ ଜୁନରୁ ଭାରତରେ ବିକ୍ରି ଆରମ୍ଭ ହୋଇଛି । ୱାନପ୍ଲସ ନର୍ଡ଼ ସିଇ୪ ଲାଇଟ୍ ୫ଜି ୱାନପ୍ଲସ.ଇନ ଆମାଜନଡଟ୍‌ଇନ, ରିଲାଏନ୍ସ ଡିଜିଟାଲ୍, କ୍ରୋମା ଏବଂ ଅନ୍ୟାନ୍ୟ ଅଫ୍ଲାଇନ୍ ପାର୍ଟନର ଷ୍ଟୋରରେ ୮ ଜିବି+ ୧୨୮ ଜିବି ଟ.୧୯,୯୯୯ ଟ.୨୨,୯୯୯ ଟଙ୍କାରେ ୮ ଜିବି +୨୫୬ ଜିବି ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ।

ସିଆଇଆଇ 'ଫାର୍ମ ୨ ଫୋର୍କ'ର ୧୦ମ ସଂସ୍କରଣରେ କୃଷି

ରପ୍ତାନିରେ ଉନ୍ନତିର ସମ୍ଭାବନା ଉପରେ ଆଲୋକପାତ

ଭୁବନେଶ୍ୱର,୨୮ ।୬(ସମିସ)

କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ସିଆଇଆଇ ଫାର୍ମ ୨ ଫୋର୍କର ୧୦ମ ସଂସ୍କରଣ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ରାଜ୍ୟର କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ସାମଗ୍ରୀର ରପ୍ତାନି ବୃଦ୍ଧିର ସୁଯୋଗ ଉପରେ ଆଲୋକପାତ କରାଯାଇଛି । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଅଂଶୀଦାରମାନେ ରପ୍ତାନିରେ ସୁଯୋଗର ଫାଇଦା ଉଠାଇପାରିବେ ଏବଂ ଏଥିରେ ଥିବା ସମ୍ଭାବନା ଓ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରିପାରିବେ । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସିଆଇଆଇ ଇଆର ସରକାରୀ ଶିଳ୍ପ, ଏଗ୍ରି ଆଣ୍ଡ ଫୁଡ ପ୍ରୋସେସିଂ ଫୋରମର ଅଧ୍ୟକ୍ଷ ତଥା ଆଇଟିସି ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି ସୁମନ୍ତ ଓଡ଼ିଶାରେ ଧାନ, ଗହମ ଓ ଅର୍ଗାନିକ ମସଲାର ରପ୍ତାନୀକୁ ନେଇ ବ୍ୟାପକ ସମ୍ଭାବନା ଥିବା କହିଛନ୍ତି । ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଧାନ ଚାଷରେ ସାର ବ୍ୟବହାର ପରିମାଣ କମ୍ ରହିଛି । ଏଭଳି ସ୍ଥଳେ ଚାଷୀମାନେ 'ଫୁଡ୍ ସେଫ୍' ଧାନ ଚାଷ କରିବା ଉପରେ ଧ୍ୟାନଦେଲେ ତାହାକୁ ରପ୍ତାନି କରାଯାଇପାରିବ ଯାହାର ଅନ୍ତର୍ଜାତୀୟ ବଜାରରେ ବିପୁଳ ଚାହିଦା ରହିଛି । ସେହିପରି, ଗୁଣାତ୍ମକ ମାନର ଗହମ ଚାଷ କଲେ ତାହାକୁ ଖାଦ୍ୟ ପ୍ରକ୍ରିୟାକରଣ କରୁଥିବା କମ୍ପାନୀଗୁଡ଼ିକ ସିଧାସଳଖ ଚାଷୀଙ୍କଠାରୁ କିଣିପାରିବେ । ରାଜ୍ୟର ପାଣିପାଗ ଅର୍ଗାନିକ୍ ଚାଷକୁ ବେଶ ସୁହାଉଛି । ଅର୍ଗାନିକ ମସଲା ଚାଷ କରି ତାହାକୁ ରପ୍ତାନି କରାଯାଇପାରିବ ଯାହାର ୟୁରୋପର ବିପୁଳ ଚାହିଦା ରହିଛି ବୋଲି ସେ କହିଛନ୍ତି ।

ସିଆଇଆଇ ପୂର୍ବାଞ୍ଚଳର ଅଧ୍ୟକ୍ଷ ତଥା ଆରଏସବି ଟ୍ରାନ୍ସମିସନସ (ଆଇ) ଲିମିଟେଡର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦ୍ର କୁମାର ବେହେରା କହିଛନ୍ତି, ଆମେ ଯେତେବେଳେ ରପ୍ତାନି ପାଇଁ ଚିନ୍ତା କରୁଛୁ, ଆମର ଗୁଣବତ୍ତା ସ୍ତର ଅନ୍ତର୍ଜାତୀୟ ସ୍ତରରେ ଗ୍ରହଣୀୟ ହେବା ଉଚିତ । ନଚେତ୍ ବିଶ୍ୱ ବଜାରରେ କଷ୍ଟି ଉତ୍ପାଦ ରପ୍ତାନି କରିବା କଷ୍ଟକର ହୋଇଯାଏ । ବାଂଲାଦେଶ ଡେପୁଟି ହାଇ କମିସନର ଅନ୍ଦାଲିବ ଇଲିଆସ୍ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଭାରତ ଓ ବାଂଲାଦେଶ ମଧ୍ୟରେ ରେଳ ଓ ଜଳପଥରେ ପରିବହନ ସଂଯୋଗ ସ୍ଥାପନକୁ ନେଇ ରହିଥିବା ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ଏହି ସମାରୋହରେ ମତବ୍ୟକ୍ତ କରି ସିଆଇଆଇ ଓଡ଼ିଶା ପରିଷଦର ଅଧ୍ୟକ୍ଷ ତଥା ସୁରେନ୍ଦ୍ର ମାଇନିଂ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡର ଅଧ୍ୟକ୍ଷ ଡା. ପ୍ରଦୀପ୍ତ ମହାନ୍ତି କହିଛନ୍ତି ଯେ ରାଜ୍ୟର ୬୦ ପ୍ରତିଶତ ଶ୍ରମ ଶକ୍ତି କୃଷି କ୍ଷେତ୍ର ଉପରେ ନିର୍ଭରଶୀଳ ଥିବା ବେଳେ କୃଷକମାନଙ୍କ ଆୟ ବଢ଼ାଇବା ଏକ ଆହ୍ୱାନ ହୋଇରହିଛି । ଓଡ଼ିଶା ହେଉଛି ଦେଶର ଏକ ପ୍ରମୁଖ ଧାନ ଉତ୍ପାଦନ କରୁଥିବା ରାଜ୍ୟ । ଏହା ସହିତ ଏଠାରେ ଫଳ, ପନିବରିବା ଏବଂ ଚିଙ୍ଗୁଡ଼ି ମଧ୍ୟ ବିପୁଳ ପରିମାଣରେ ଉତ୍ପାଦନ ହେଉଛି । ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ତଥା ବେଦାନ୍ତ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ ଗୁପ୍ତା କାର୍ଯ୍ୟକ୍ରମର ସମାପନ କରିଥିଲେ ।

ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ର ସଂସଦ ସମାବର୍ତ୍ତନ ଉତ୍ସବ

କଟକ, ୨୮।୬(ସମିସ): କଟକ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦର ସମାବର୍ତ୍ତନ ଉତ୍ସବ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୁଲିସ କମିଶନର ସ୍ୱସ୍ତିକ ପଣ୍ଡା ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ଏମ୍‌ଡି ପ୍ରଭୁ ଚରଣ ମହାନ୍ତି ଓ ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ସିଇଓ ମୁକେଶ ସରାଫ ଉପସ୍ଥିତ ରହି ଚାରଗୋଟି ହାଉସର ନୂତନ ଦଳପତି ମାନଙ୍କୁ ବିଦ୍ୟାଳୟର ଉନ୍ନତି ପାଇଁ

ସବୁମତେ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରିୟଦର୍ଶୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ମୁଖ୍ୟ ଭାବେ ଆୟୁଷ ବେହେରା,ଛାତ୍ରୀ ମୁଖ୍ୟ ଭାବେ ନନ୍ଦିନୀ ଉପାଧ୍ୟାୟ ଙ୍କ ସମେତ ସେକ୍ରେଟାରୀ ଓ କ୍ୟାପଟେନମାନଙ୍କୁ ବଛାଯାଇ ବ୍ୟାଚ ଓ ସାସ ପ୍ରଦାନ କରାଯାଇଥିଲା । ଚାରିଗୋଟି ଗୃହ ଦଳପତିଙ୍କ ବ୍ୟତିତ ଲିଟେରାରୀ ସେକ୍ରେଟାରୀ,ସ୍ପୋର୍ଟସ ସେକ୍ରେଟାରୀ, ଏଜୁକେଶନ ସେକ୍ରେଟାରୀ, କଲ୍ଚରାଲ ସେକ୍ରେଟାରୀମାନଙ୍କୁ ମଧ୍ୟ ବଛା ଯାଇଥିଲା । ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଆର୍ଟ ଏଣ୍ଡ କ୍ରାଫ୍ଟ କ୍ଲବ,ଏନଭାୟରମେଣ୍ଟ କ୍ଲବ୍, ହେଲଥ କ୍ଲବ୍ ଏବଂ ବିୟୁଟିଫିକେସନ କ୍ଲବର ସେକ୍ରେଟାରୀ ମାନଙ୍କୁ ମଧ୍ୟ ନିର୍ବାଚିତ କରାଯାଇଥିଲା ଓଆସନ୍ତା ଜୁଲାଇ ପହିଲାରୁ ସେମାନେ କାର୍ଯ୍ୟଭାର ସମ୍ଭାଳିବେ ବୋଲି ଜାଭିୟର୍ସ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି ସୁଚନା ଦେଇଛନ୍ତି ।

ରିଲାଏନ୍ସ ନିପ୍ପନ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ୩୪୬ କୋଟିର ବୋନସ୍ ଘୋଷଣା

ମୁମ୍ବଇ,୨୮।୬: ରିଲାଏନ୍ସ ନିପ୍ପନ ଲାଇଫ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଆରଏନଏଲଆଇସି) ଆର୍ଥିକ ବର୍ଷ ୨୪ରେ ଏହାର ଅଂଶ ଗ୍ରହଣକାରୀ ବୀମା ଧାରକ ମାନଙ୍କ ପାଇଁ ୩୪୬ କୋଟି ଟଙ୍କାର ସମୁଦାୟ ବୋନସ ଘୋଷଣା କରିଛି । ଆର୍ଥିକ ବର୍ଷ ୨୪ ପାଇଁ କମ୍ପାନୀ ଏକ ବିରାଟ ଆର୍ଥିକ ସଫଳତାକୁ ନିମ୍ନମତେ ପ୍ରଦର୍ଶିତ କରିଛି- ବ୍ୟକ୍ତିଗତ ନୂତନ ବ୍ୟବସାୟିକ ପ୍ରିମିୟମରେ ୧୦ ପ୍ରତିଶତ ବୃଦ୍ଧି । ଏୟୁଏମରେ ୧୬ ପ୍ରତିଶତ ବୃଦ୍ଧି ଏବଂ ୧୩ତମ ମାସିକ ଦୃଢ଼ ଅଭିବୃଦ୍ଧି ୮୨.୫ ପ୍ରତିଶତ କମ୍ପାନୀ ୧୯୮ କୋଟି ଟଙ୍କାର କର ପୂର୍ବାଂଶ ଲାଭର ଘୋଷଣା କରିଛି ଯାହାକି ଆର୍ଥିକ ବର୍ଷ ୨୩ ଠାରୁ ୮୪ ପ୍ରତିଶତ ବୃଦ୍ଧିକୁ ପ୍ରତିନିଧିତ୍ୱ କରୁଛି । ଏହି ଘୋଷଣା ମୁତାବକ, ମାର୍ଚ୍ଚ ୩୧, ୨୦୨୪ ପର୍ଯ୍ୟନ୍ତ ଯେଉଁମାନେ ଏହି ପଲିସିରେ ଅଂଶଗ୍ରହଣ କରିଥିଲେ ସେମାନେ ସମସ୍ତେ ଘୋଷିତ ଏହି ବୋନଓ ଦ୍ୱାରା ଯୋଗ୍ୟ ପଲିସିଧାରୀ ଭାବେ ଲାଭବାନ ହୋଇପାରିବେ ବୋଲି ଆଶୀଷ ଭୋରା, ଇଡ଼ି ଆଣ୍ଡ ସିଇଓ, ରିଲାଏନ୍ସ ନିପ୍ପନ ଲାଇଫ ଇନସୁରାନ୍ସ କହିଛନ୍ତି ।

ପୂର୍ଣ୍ଣାଙ୍ଗ ବଜେଟ ଆଣିବେ ନିର୍ମଳା

ବଜେଟରେ ଅଣ-ଟିକସ ରାଜସ୍ୱରେ ବୃଦ୍ଧି ବଡ଼ ଆହ୍ୱାନ

ନୂଆଦିଲ୍ଲୀ,୨୮।୬(ଏଜେନ୍ସି)

ଆୟକର ସ୍ଲାବ୍ ଯୁକ୍ତିସଙ୍ଗତ କରିବା କଠିନ ହେବ

ଅର୍ଥନୈତିକ ଏଜେଣ୍ଡା ଉପରେ ରହିବ ଗୁରୁତ୍ୱ

ଆର୍ଥିକ ଅଭିବୃଦ୍ଧିକୁ ଦେବେ ଜୋର

କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନୂତନ ସରକାରରେ ନିର୍ମଳା ସୀତାରମଣ ପୁଣି ଥରେ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଆସନ୍ତା ମାସରେ ନୂତନ ସରକାରର ପ୍ରଥମ ବ

ମହିଳା କ୍ରିକେଟ୍: ଦ.ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟ

ଦିନକରେ ଭାରତର ରେକର୍ଡ ୫୨୫ ରନ୍

ଚେନ୍ନଇ, ୨୮ ।୬ (ଏଜେନ୍ସି)

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାରଠାରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମ ଦିବସରେ ବିଧ୍ୱଂସୀ ବ୍ୟାଟିଂ କରି ଏକାଧିକ ରେକର୍ଡ ସୃଷ୍ଟି କରିଛି। ଦୁଇ ଓପନର୍ ଶେଫାଲି ବର୍ମାଙ୍କ ଦ୍ୱିଶତକ ଓ ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଶତକୀୟ ପାଳି ବଳରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଭାରତ ୯୮ ଓଭରରେ ୪ ୱିକେଟ୍ ହରାଇ ୫୨୫ ରନ ସଂଗ୍ରହ କରିଛି।

ଶେଫାଲି ୧୯୭ ବଲ୍ ଖେଳି ୧୦୪ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ ରେଟ୍‌ରେ ୨୦୫ ରନ କରି ଆଉଟ୍ ହୋଇଛନ୍ତି। ଶେଫାଲି ତାଙ୍କ ଦ୍ୱିଶତକ ୧୯୪ ବଲରେ ପୂରଣ କରିଥିଲେ। ଏଥିସହ ମହିଳା ଟେଷ୍ଟ କ୍ରିକେଟ୍‌ରେ ଦ୍ରୁତତମ ଦ୍ୱିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ସେହିଭଳି ଅନ୍ୟତମ ଓପନର୍ ମନ୍ଧାନା ୧୪୯ ରନ କରି ଦେଢ଼ଶତକରୁ ବଞ୍ଚିତ ହୋଇଛନ୍ତି। ଖେଳ ଶେଷବେଳକୁ ଅଧିନାୟିକା ହରମନପ୍ରୀତ୍ କୌର ୪୨ ଓ ୱିକେଟ୍‌ରକ୍ଷକ ରିଚା ଘୋଷ ୪୩ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୫୫ ଓ ଶୁଭ ସତୀଶ ୧୫ ରନ କରି ଆଉଟ୍ ହୋଇଥିଲେ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳର ଡେଲମୀ ଟକରଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଛି। ଭାରତ ନିକଟରେ ଆହୁରି ୬ ୱିକେଟ୍ ବଳକା ରହିଥିବାରୁ ଏକ ବଡ଼ ସ୍କୋର ଦିଗରେ ଅଗ୍ରସର ହେଉଛି। ସେହିଭଳି ଭାରତ ମହିଳା ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ଦଳଗତ ସ୍କୋର କରିବାର ମଧ୍ୟ ସୁଯୋଗ ସୃଷ୍ଟି ହୋଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆ ମହିଳା ଦଳ ଏକ ପାଳିରେ ୯ ୱିକେଟ୍‌ରେ ୫୭୫ ରନ କରି ଏହି ରେକର୍ଡର ଅଧିକାରୀ ରହିଛି।

୧୯୪ ବଲରେ ଶେଫାଲିଙ୍କ ଦ୍ୱିଶତକ

ଓପନିଂ ଯୋଡ଼ିରେ ୨୯୨ ରନ ଭାଗୀଦାରି

ଭାରତ ପାଇଁ ଓପନିଂ ଯୋଡ଼ିରେ ଶେଫାଲି ଓ ମନ୍ଧାନା ୩୧୨ ବଲରେ ୨୯୨ ରନ ଭାଗୀଦାରି ଗଢ଼ି ଏକ ଦୃଢ଼ ମୂଳଦୁଆ ପକାଇଥିଲେ। ମହିଳା ଟେଷ୍ଟରେ କୌଣସି ୱିକେଟ୍‌ରେ ଏହା ୨ୟ ସର୍ବାଧିକ ଭାଗୀଦାରିର ରେକର୍ଡ ହୋଇଛି। ୧୯୮୭ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ଡେନିସ ଆନ୍ନେଟ୍ସ ଓ ଲିଣ୍ଡସେ ରିଲର୍ ଯୋଡ଼ି ୩ୟ ୱିକେଟରେ ୩୦୯ ରନ ସଂଗ୍ରହ କରିଥିଲେ। ମନ୍ଧାନାଙ୍କୁ ୧୪୯ ରନରେ ଆଉଟ୍ କରି ଦକ୍ଷିଣ ଆଫ୍ରିକାର ଅଫ୍ ସ୍ପିନର ଡେଲମି ଟକର୍ ଏହି ଯୋଡ଼ି ଭାଙ୍ଗିଥିଲେ। ମନ୍ଧାନା ତାଙ୍କ ପାଳିରେ ୨୭ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିଭଳି ଶେଫାଲି ଦ୍ୱିଶତକ ହାସଲ କରିବା ପରେ ୨୦୫ ରନରେ ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇଯାଇଥିଲେ। ଶେଫାଲିଙ୍କ ପାଳିରେ ୨୩ ଚୌକା ଓ ୮ ବିଶାଳ ଛକା ଦେଖିବାକୁ ମିଳିଥିଲା। ମହିଳା ଟେଷ୍ଟର ଗୋଟିଏ ଦିବସରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେବାର ରେକର୍ଡ ହୋଇଛି। ପୂର୍ବରୁ ୧୯୩୪-୩୫ରେ ଇଂଲଣ୍ଡର ଏଇଜାବେଥ୍ ସ୍ନୋବଲ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଟିଏ ଦିନରେ ୧୮୯ ରନ କରିଥିଲେ। ଯାହା ଦୀର୍ଘ ୮୯ ବର୍ଷ ଧରି ମହିଳା କ୍ରିକେଟ୍‌ରେ ଗୋଟିଏ ଦିନରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରର ରେକର୍ଡ ଭାବେ ରହିଥିଲା।

ମହିଳା କ୍ରିକେଟ୍‌ରେ ସର୍ବାଧିକ ଦଳଗତ ସ୍କୋର

ଦଳ	ରନ	ପ୍ରତିପକ୍ଷ	ସିଜନ
ଅଷ୍ଟ୍ରେଲିଆ	୫୭୫/୯ (ଘୋ.)	ଦ.ଆଫ୍ରିକା	୨୦୨୩/୨୪
ଅଷ୍ଟ୍ରେଲିଆ	୫୬୯/୯ (ଘୋ)	ଇଂଲଣ୍ଡ	୧୯୯୮
ଅଷ୍ଟ୍ରେଲିଆ	୫୨୫/୧୦	ଭାରତ	୧୯୮୩/୮୪
ଭାରତ	୫୨୫/୪	ଦ.ଆଫ୍ରିକା	୨୦୨୪
ନ୍ୟୁଜିଲାଣ୍ଡ	୫୧୭/୮ (ଘୋ)	ଇଂଲଣ୍ଡ	୧୯୯୬
ଇଂଲଣ୍ଡ	୫୦୩/୫ (ଘୋ)	ନ୍ୟୁଜିଲାଣ୍ଡ	୧୯୩୪/୩୫

ଗୋଟିଏ ଦିନରେ ସର୍ବାଧିକ ରନ

ରନ	ମ୍ୟାଚ୍	ବର୍ଷ
୫୨୫	ଭାରତ (୫୨୫/୪, ୯୮ ଓଭର) ବନାମ ଦ. ଆଫ୍ରିକା	୨୦୦୪
୪୭୫	ନ୍ୟୁଜିଲାଣ୍ଡ (୪୪ ରନ) ବନାମ ଇଂଲଣ୍ଡ (୪୩୧/୪)	୧୯୩୫
୪୪୯	ଅଷ୍ଟ୍ରେଲିଆ (୨୦୪/୫) ବନାମ ଇଂଲଣ୍ଡ (୨୪୫/୯)	୨୦୨୨
୪୧୦	ଭାରତ (୪୧୦/୭) ବନାମ ଇଂଲଣ୍ଡ	୨୦୨୩

ରେକର୍ଡ ପୃଷ୍ଠାରେ ଚେନ୍ନଇ ଟେଷ୍ଟ

୨ୟ: ଦ୍ୱିତୀୟ ଭାରତୀୟ ଭାବେ ଶେଫାଲି ମହିଳା ଟେଷ୍ଟ କ୍ରିକେଟ୍‌ରେ ଦ୍ୱିଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ୨୦୦୨ରେ ପ୍ରଥମ ଭାରତୀୟ ମହିଳା କ୍ରିକେଟର୍ ଭାବେ ମିତାଲି ରାଜ ଇଂଲଣ୍ଡ ବିପକ୍ଷରେ ୨୧୪ ରନ କରିଥିଲେ।

୧୧୩ ବଲ୍: ଶେଫାଲି ଶତକ ପୂରଣ କରିବାକୁ ୧୧୩ ବଲର ସହାୟତା ନେଇଥିଲେ। ମହିଳା ଟେଷ୍ଟ କ୍ରିକେଟ୍‌ରେ ଏହା ଦ୍ରୁତତମ ଟେଷ୍ଟ ଶତକ ହେବାର ନୂଆ ରେକର୍ଡ ହୋଇଛି। ଇଂଲଣ୍ଡର ସ୍ୱର୍ଗୀୟ କ୍ରିକେଟର୍ ଜେନେଟ ବ୍ରିଟିନ ୧୯୮୪ରେ ୧୩୭ ରନରେ ଶତକ କରି ୪୦ ବର୍ଷ ହେବ ଏହି ରେକର୍ଡର ଅଧିକାରୀ ରହିଥିଲେ।

୧୯୪ ବଲ୍: ଶେଫାଲି ୧୯୪ ବଲରେ ତାଙ୍କ ଦ୍ୱିଶତକ ପୂରଣ କରିଥିଲେ। ଏଥିସହ ସେ ମହିଳା ଟେଷ୍ଟ କ୍ରିକେଟ୍‌ରେ ଦ୍ରୁତତମ ଦ୍ୱିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆର ଆନ୍ନାବେଲ ସଦରଲାଣ୍ଡ ୨୪୮ ବଲରେ ଦ୍ୱିଶତକ ହାସଲ କରି ରେକର୍ଡ କରିଥିଲେ।

୨୦୫ ରନ: ଶେଫାଲି ୨୦୫ ରନ ସହ ମହିଳା ଟେଷ୍ଟରେ ଭାରତୀୟ ଭାବେ ଦ୍ୱିତୀୟ ସର୍ବୋଚ୍ଚ ସ୍କୋର କରିଛନ୍ତି। ୨୦୦୨ରେ ମିତାଲି ଇଂଲଣ୍ଡ ବିପକ୍ଷରେ ୨୧୪ ରନ କରିଥିଲେ।

୨୯୨ ରନ: ଶେଫାଲି ଓ ମନ୍ଧାନା ଓପନିଂ ୱିକେଟ୍ ଯୋଡ଼ିରେ ୨୯୨ ରନ କରିଥିଲେ। ମହିଳା ଟେଷ୍ଟ କ୍ରିକେଟ୍‌ରେ ଏହା ଯେକୌଣସି ୱିକେଟ୍‌ରେ ୨ୟ ସର୍ବୋଚ୍ଚ ଭାଗୀଦାରି। ୧୯୮୭ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ଡେନିସ ଆନ୍ନେଟ୍ସ ଓ ଲିଣ୍ଡସେ ରିଲର୍ ଯୋଡ଼ି ୩ୟ ୱିକେଟରେ ୩୦୯ ରନ କରିଥିଲେ। ଯାହା ବିଶ୍ୱରେକର୍ଡ ହୋଇରହିଛି।

୨୯୨ ରନ: ଭାରତ ପାଇଁ ମଧ୍ୟ ମହିଳା ଟେଷ୍ଟ କ୍ରିକେଟ୍‌ରେ ଏହା ଯେକୌଣସି ୱିକେଟ୍‌ରେ ସର୍ବୋଚ୍ଚ ଭାଗୀଦାରି। ପୂର୍ବରୁ ପୁନମ ରାଉତ ଓ ଥାରଶ କାମିନି ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ୨୭୫ ରନ ଭାଗୀଦାରି ଗଢ଼ି ରେକର୍ଡ କରିଥିଲେ।

୫୦୦ ରନ: ମନ୍ଧାନା ତାଙ୍କ ୧୪୯ ରନର ପାଳିରେ ଟେଷ୍ଟ କ୍ରିକେଟ୍‌ରେ ୫୦୦ ରନ ପୂରଣ କରିଛନ୍ତି। ମିତାଲି ରାଜଙ୍କ ପରେ ୨ୟ ଭାରତୀୟ ଭାବେ ମହିଳା କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୫୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି।

୩ୟ: ମନ୍ଧାନାଙ୍କ ଏହା ୨ୟ ଟେଷ୍ଟ ଶତକ ଥିଲା। ଏଥିସହ ସେ ୩ୟ ଭାରତୀୟ ମହିଳା କ୍ରିକେଟର୍ ଭାବେ ଟେଷ୍ଟରେ ଏକାଧିକ ଶତକ ହାସଲ କରିଛନ୍ତି। ପୂର୍ବରୁ ସନ୍ଧ୍ୟା ଅଗ୍ରୱାଲ ୪ ଓ ହେମଲତା କାଲା ୨ଟି ଶତକ ଟେଷ୍ଟରେ ହାସଲ କରିଥିଲେ।

ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥ୍‌ଲେଟିକ ଚାମ୍ପିଅନସିପ୍

ଅନିମେଶଙ୍କୁ ରୌପ୍ୟ, ଶ୍ରାବଣୀ ୪ର୍ଥ

ଭୁବନେଶ୍ୱର, ୨୮ ।୬ (ସମିସ): ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥ୍‌ଲେଟିକ୍ ଚାମ୍ପିଅନସିପ୍‌ର ୬୩ତମ ସଂସ୍କରଣର ୧୦୦ ମିଟର ରେସ୍‌ରେ ଓଡ଼ିଶାକୁ ମିଶ୍ରିତ ଫଳାଫଳ ମିଳିଛି। ପୁରୁଷ ୧୦୦ ମିଟରରେ ଓଡ଼ିଶାର ଅନିମେଶ କୁଜୁର ୧୦.୪୬ ସେକେଣ୍ଡ ସହ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଏଥିରେ ପଞ୍ଜାବର ଗୁରୀନ୍ଦରବୀର ସିଂହ (୧୦.୩୨) ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ଆସାମର ଅମ୍ଲାନ ବୋରଗୋହେଁ (୧୦.୪୯ ସେକେଣ୍ଡ) ୩ୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଫାଇନାଲରେ ପ୍ରବେଶ କରିଥିବା ଆଉ ୨ ଜଣ ଓଡ଼ିଆ ଧାବକ ଲାଲୁ ପ୍ରସାଦ ଭୋଇ (୧୦.୬୬) ଓ ଦଣ୍ଡପତି ଜୟରାମ (୧୦.୭୩) ଯଥାକ୍ରମେ ୫ମ ଓ ୭ମ ସ୍ଥାନରେ ରହି ନିରାଶ କରିଥିଲେ।

ସେହିଭଳି ମହିଳା ୧୦୦ ମିଟରରେ ଭେଟେରାନ ଶ୍ରାବଣୀ ନନ୍ଦ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି। ଶ୍ରାବଣୀ (୧୧.୭୮୭ ସେକେଣ୍ଡ)ଙ୍କୁ ପଛରେ ପକାଇ ତେଲେଙ୍ଗାନାର ନିତ୍ୟା ଗାନ୍ଧେ (୧୧.୭୮୬ ସେକେଣ୍ଡ) କାଂସ୍ୟ ପଦକ ହାତେଇ ନେଇଥିଲେ। ଏଥିରେ କର୍ଣ୍ଣାଟକର ଏସ୍‌ଏସ୍ ସ୍ନେହା (୧୧.୬୨) ଓ ତାମିଲନାଡୁର ଗିରିଧାରାଣୀ ଭିକୁମାର (୧୧.୭୭ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

ପୁରୁଷ ୧୫୦୦ ମିଟର ଦୌଡ଼ରେ ଓଡ଼ିଶାର ଅଶୋକ ଦଣ୍ଡସେନା ଫାଇନାଲରେ ସର୍ବନିମ୍ନ ୧୦ମ ସ୍ଥାନରେ ରହି ନିରାଶ କରିଛନ୍ତି। ଦଣ୍ଡସେନା ୩ ମିନିଟ୍ ୫୫.୩୪ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ହରିୟାଣାର ପରଭେଜ ଖାନ (୩:୪୨.୯୫) ଏଥିରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ୧୫୦୦ ମିଟରରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଶାନ ୧୨ତମ ସ୍ଥାନ ହାସଲ କରିଥିଲେ। ସେହିଭଳି ଗତକାଲି ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ହରିୟାଣାର ମହିଳା ଧାବିକା କିରଣ ପହଲ ୪୦୦ ମିଟର ରେସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ କିରଣ ୫୦.୯୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ପୁରୁଷ ୪୦୦ ମିଟରରେ ମହମ୍ମଦ ଆନସ (୪୫.୯୨୬ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଆହାନଙ୍କୁ ଯୁଗଳ ଟାଇଟଲ

ଭୁବନେଶ୍ୱର,୨୮ ।୬(ସମିସ): କୋଲକାତାର ସାଉଥ କ୍ଲବରେ ଜୁନ୍ ୨୪ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ଚାମ୍ପିଅନସିପ୍ ସିରିଜ ଟେନିସ ଟୁର୍ଣ୍ଣାମେଣ୍ଟର ଓଡ଼ିଶାର ଆହାନ ମିଶ୍ର ଯୁଗଳ ପ୍ରତିଯୋଗିତାରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ପ୍ରତିଯୋଗିତାରେ ଆହନ ଓ ପଶ୍ଚିମବଙ୍ଗର ସଂକଳ୍ପ ସାହାଣୀ ଫାଇନାଲ ମୁକାବିଲାରେ ଅନ୍ୟତମ ଓଡ଼ିଶା ଯୋଡି ସ୍ୱୟମ ସାହୁ ଓ ଆୟୁଷ ପଟ୍ଟନାୟକଙ୍କୁ ୬-୦, ୬-୨ ସେଟ୍‌ରେ ପରାସ୍ତ କରି ବାଜି ମାରିଛନ୍ତି। ସେହିପରି ସେ ୧୪ ବର୍ଷରୁ କମ୍ ଏକକ ପ୍ରତିଯୋଗିତାରେ ଫାଇନାଲ ମ୍ୟାଚ୍‌ରେ ସଂକଳ୍ପଙ୍କଠାରୁ ୬-୧, ୪-୬, ୪-୬ ସେଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ସେ ୧୬ ବର୍ଷରୁ କମ୍ ବାଳକ ଏକକ ଫାଇନାଲରେ ସଂକଳ୍ପଙ୍କଠାରୁ ୪-୬, ୬-୩ ସେଟ୍‌ରେ ପରାସ୍ତ ହୋଇ ଉପ- ବିଜେତା ବିବେଚିତ ହୋଇଛନ୍ତି।

ୱିମ୍ବଲଡନ୍ ଟେନିସ୍ ଡ୍ର ଘୋଷିତ

ମିଓମୀରଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବେ ନାଗଲ

ଲଣ୍ଡନ,୨୮ ।୬(ଏଜେନ୍ସି): ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟ ଡ୍ର ଘୋଷିତ ହୋଇଛି। ଭାରତର ଶ୍ରେଷ୍ଠ ଏକକ ଖେଳାଳି ସୁମିତ ନାଗଲ ପ୍ରଥମ ରାଉଣ୍ଡରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଏଟିପି ମାନ୍ୟତାର ୭୨ ନଂ ସ୍ଥାନରେ ରହିଥିବା ନାଗଲ ପ୍ରଥମ ରାଉଣ୍ଡରେ ୫୩ ନଂ ଖେଳାଳି ସର୍ବିଆର ମିଓମୀର କେକ୍‌ମାନୋଭିକଙ୍କୁ ଭେଟିବେ। ଯଦି ନାଗଲ ଅଗ୍ରଗତି କରନ୍ତି ତେବେ ତୃତୀୟ ରାଉଣ୍ଡରେ ଟପ୍ ସିଡ୍ ତଥା ବିଶ୍ୱର ୧ ନଂ ଖେଳାଳି ଇଟାଲୀର ଜାନିକ ସିନରଙ୍କୁ ଭେଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁହେଁ ଏହି ଥରେମାତ୍ର ପରସ୍ପରକୁ ଏପର୍ଯ୍ୟନ୍ତ ଭେଟିଛନ୍ତି। ପୂର୍ବରୁ କେକ୍‌ମାନୋଭିକ୍ ୪ ବର୍ଷ ତଳେ ଜର୍ମାନୀର କୋଲୋଙ୍ଗରେ ଅନୁଷ୍ଠିତ ଏଟିପି ୨୫୦ ଇଭେଣ୍ଟରେ ନାଗଲଙ୍କୁ ପରାସ୍ତ କରିଥିଲେ।

ସେହିପରି ସର୍ବିଆର ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଚେକ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କୁ ଭେଟିବେ। ସେହିପରି ଜାନିକ ସିନର ପ୍ରଥମ ରାଉଣ୍ଡରେ ଜର୍ମାନୀ ୟାନିକ ହାଫମ୍ୟାନଙ୍କୁ ଭେଟିବେ। ମହିଳା ଏକକରେ ଟପ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ପ୍ରଥମ ରାଉଣ୍ଡରେ ଆମେରିକରା ସୋଫିଆ କେନିନ୍, ଦ୍ୱିତୀୟ ସିଡ୍ ଆମେରିକାର କୋକୋ ଗଫ୍ ନିଜ ଦେଶର କାରୋଲିନ୍ ଡୋଲେହାଇଡ୍‌ଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବେ।

ବୁଧବାର ବୋପାନ୍ନା-ଏବଡେନଙ୍କ ଅଭିଯାନ

ପୁରୁଷ ଯୁଗଳରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲିଆ ସାଥି ମାଥ୍ୟୁ ଏବଡେନ ବୁଧବାର ୱିମ୍ବଲଡନ ଅଭିଯାନ ଆରମ୍ଭ କରିବେ। ପ୍ରଥମ ରାଉଣ୍ଡରେ ଏହି ଯୋଡି ଫ୍ରାନ୍ସର ଅଣସିଡ୍ ଜିଓଭାନୀ ଏମ୍‌ପେସି ପେରିକାର୍ଡ ଓ ଆଡ୍ରିଆନ ମାନ୍ନାରିନୋଙ୍କୁ ଭେଟିବେ। ଅନ୍ୟତମ ଭରାତୀୟ ଖେଳାଳି ଯୁକି ଭାମ୍ବ୍ରୀ ଓ ଫ୍ରାନ୍ସର ଅଲବାନୋ ଓଲିଭେଟ୍ଟି କାଜାଖସ୍ତାନର ଆଲେକଜାଣ୍ଡର ବଲବିକ୍ ଓ ଆଲେକଜାଣ୍ଡର ଶେଭଚୋଙ୍କୋଙ୍କୁ ଭେଟିବେ। ସେହିପରି ନାଗଲ ଓ ଏନ୍ ଶ୍ରୀରାମ ବାଲଜୀ ମଧ୍ୟ ବୁଧବାର ଯୁଗଳ ଅଭିଯାନ ଆରମ୍ଭ କରିବେ। ନାଗଲ ଓ ସର୍ବିଆର ଡୁସାନ ଲାଜୋଭିକ ପ୍ରଥମ ରାଉଣ୍ଡରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜ ଓ ଜାଉମେ ମୁନାରଙ୍କୁ ଭେଟିବେ। ସେହିପରି ବାଲାଜୀ ଓ ବ୍ରିଟେନର ଲୁକ ଜନସନ ପ୍ରଥମ ରାଉଣ୍ଡରେ ମେଟ୍ ପାଭିକ୍ ଓ ସାଲଭାଡୋରର ମାର୍ସେଲୋ ଆରେଭେଲୋଙ୍କୁ ଭେଟିବେ।

କୋପା ଆମେରିକା ଫୁଟବଲ

ବିଜୟ ସହ କ୍ୱାର୍ଟରର ନିକଟତର ଉରୁଗୁଏ

ନ୍ୟୁ ଜର୍ସି,୨୮ ।୬(ଏଜେନ୍ସି): ଚଳିତ କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ୟତମ ସଫଳତମ ଦେଶ ଉରୁଗୁଏ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୫ଥର ଟାଇଟଲ ହାସଲ କରିଥିବା ଉରୁଗୁଏ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ ସି' ମୁକାବିଲାରେ ୫-୦ ଗୋଲ ବୃହତ୍ ବ୍ୟବଧାନରେ ବଲିଭିଆକୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବା ନିଶ୍ଚିତ କରିଛି। ଉରୁଗୁଏ ଏଥିସହ ୨ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୬ ପଏଣ୍ଟ ହାସଲ କରି ଗ୍ରୁପ ସି' ଶୀର୍ଷରେ ରହିବା ସହ କ୍ୱାର୍ଟରକୁ ଉଠିଛି। ଅନ୍ୟପଟେ ବଲିଭିଆ ୨ଟି ମ୍ୟାଚ୍ ଖେଳି ୨ଟି ପରାଜୟ ସହ ପଏଣ୍ଟ ତାଲିକାରେ ଖାତା ଖୋଲି ନପାରି ଚତୁର୍ଥ ତଥା ନିମ୍ନତମ ସ୍ଥାନରେ ରହି କ୍ୱାର୍ଟର ଦୌଡ଼ରୁ ଏକ ପ୍ରକାର ବାଦ୍ ପଡିଛି। ଏହାପୂର୍ବରୁ ଉରୁଗୁଏ ତା'ର ପ୍ରଥମ ମ୍ୟାଚ୍‌ରେ ୩-୧ ଗୋଲରେ ପାନାମାକୁ ପରାସ୍ତ କରିଥିଲା। ଉରୁଗୁଏ ଏବେ ତା'ର ତୃତୀୟ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ୨ ତାରିଖ ମଙ୍ଗଳବାର ଆମେରିକାକୁ ଭେଟିବ। ସେହିପରି ବଲିଭିଆ ତା'ର ପ୍ରଥମ ମ୍ୟାଚ୍‌ରେ ୦-୨ ଗୋଲରେ ଆମେରିକାଠାରୁ ପରାସ୍ତ ହୋଇଥିଲା। ସେହିପରି ଏହି ଦଳ ଅନ୍ତିମ ତଥା ତୃତୀୟ ଗ୍ରୁପ୍ ମ୍ୟାଚ୍‌ରେ ମଙ୍ଗଳବାର ପାନାମାକୁ ଭେଟିବ।

ସ୍ଥାନୀୟ ମେଟ୍‌ଲାଇଫ୍ ଷ୍ଟାଡିୟମରେ ଖେଳାଯାଇଥିବା ସମ୍ପୂର୍ଣ୍ଣ ଏହି ଏକପାଖିଆ ମୁକାବିଲାରେ ଉରୁଗୁଏ ଖେଳାଳି ବଲିଭିଆର ରକ୍ଷଣଭାଗକୁ ଭେଦ କରି ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲେ। ସଟ୍, ସଟ୍ ଅନ୍ ଟାର୍ଗେଟରେ ଉରୁଗୁଏର ମୁକାବିଲା କରିପାରି ନଥିଲା ବଲିଭିଆ। ୬୦ ପ୍ରତିଶତ ସମୟ ବଲ ଉରୁଗୁଏ ଖେଳାଳି ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲେ। ସେହିପରି ପାସ୍ ଓ ପାସ୍ ଆକ୍ୟୁରେସିରେ ବଲିଭିଆ ଯଥେଷ୍ଟ ପଛରେ ରହିଥିଲା। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ଫାକୁଣ୍ଡୋ ପେଲିଷ୍ଟ୍ରି, ୨୧ତମ ମିନିଟ୍‌ରେ ଡାରୱିନ୍ ନୁନେଜ, ୭୭ତମ ମିନିଟ୍‌ରେ ମାକ୍ସିମିଲିଆନୋ ଆରାଉଜୋ, ୮୧ତମ ମିନିଟ୍

ବଣ ରାଇଜରେ ସଭା

ଦେବେନ୍ଦ୍ର କର

ଦିନେ ଏକ ସଙ୍ଗରେ ଠେକୁଆ, ହରିଣ, ବିଲୁଆ ଆଉ ନେଉଳ ଭେଟ ହେଇଗଲେ । ଠେକୁଆ କହିଲା, ଚାଲ ବନ୍ଧୁମାନେ, ଆମେ ସମସ୍ତେ ଏକାଠି ହୋଇ ସଭା କରିବା । ପରସ୍ପରର ଦୁଃଖ ବୁଝିବା ଆଉ ଆମ ସୁରକ୍ଷା ଦିଗରେ କି କି ଉପାୟମାନ ଆପଣେଇବା ଉଚିତ, ସେ ବିଷୟରେ ଆଲୋଚନା କରିବା । ହରିଣ ଆଉ ନେଉଳ କହିଲ, ହଁ, ତୁମେ ଠିକ୍ କହିଲ, ଆମେ ଏକାଠି ହେଲେ ସମସ୍ତେ ସମସ୍ତଙ୍କୁ ଜାଣିବା ଆଉ ପରସ୍ପରର ସୁବିଧା ଅସୁବିଧା ବିଷୟରେ କଥା ହୋଇପାରିବା । ବିଲୁଆ କହିଲା, ଚାଲ ଆମେ ସମସ୍ତଙ୍କୁ ଏକାଠି କରିବା । ଯେ ଯାହାର ସାଙ୍ଗ ଅଛନ୍ତି ଡାକି ଆଣ, ମୁଁ ଯାଉଛି ସିଂହ ରାଜାକୁ ଡାକିବାକୁ । ଆଉ ସ୍ଥାନ ମୁଁ କହୁଚି ଶୁଣ, ଝରଣା ପାଖ ବୁଢ଼ା ବରଗଛ । ଗୋଟିଏ ନିଷ୍ପତ୍ତି ନେବା ପରେ ସମସ୍ତେ ଚାଲିଲେ ଏଥର ସଭା ଆୟୋଜନ କରିବାକୁ । ଚାରି ସାଙ୍ଗଙ୍କ କଥା ରଖି ସମସ୍ତେ ଆସିଲେ । ମଞ୍ଚ ଉପରେ ବସିଲେ ସିଂହ ଆଉ ବାଘ । ହାତୀ, ଗଣ୍ଡା ଆଉ ବାର୍‌ହାଙ୍କ ଦେଖା ନ ଥିଲା ବିଲୁଆ ଗଲା ପୁଣି ସେମାନଙ୍କୁ ଡାକିବା ପାଇଁ । ପେଚା, କୁଆ, ବଣି, ଶାଗୁଣା ବରଗଛ ଉପରେ ଉପସ୍ଥିତ ରହିଲେ । ଆରମ୍ଭ ହେଲା କାର୍ଯ୍ୟକ୍ରମ । ସମସ୍ତେ ନିଜ ନିଜ ଦୁଃଖ ସମସ୍ୟା ରଖିଲେ । ସିଂହ କହିଲା ଆମେ ମିଳିମିଶି ଚଳିବା । ପରସ୍ପରର ଦୁଃଖସୁଖରେ ସାହା ହେବା । ବାଘ କହିଲା, ଅନ୍ୟ ଜଙ୍ଗଲ ଜୀବଜନ୍ତୁ ଯେମିତି ଆମ ଜଙ୍ଗଲକୁ ଦଖଲ ନ କରନ୍ତି ସେଥିପାଇଁ ଚେଷ୍ଟା କରିବା । ଏଣୁ ଆମର ଏକତା ସଦାସର୍ବଦା ବଜାଇ ରଖିବାକୁ ହେବ, ଅନ୍ୟଥା ଆମ ବଞ୍ଚିବା ମୁସ୍କିଲ ହେଇଯିବ । ଶିକାରୀ ଜଙ୍ଗଲକୁ ପ୍ରବେଶ କରିବା ମାତ୍ରେ ଜଣେ ଅନ୍ୟ ଜଣଙ୍କୁ ଖବର ଦେଇ ସଜାଗ କରିଦେବ । ଏମିତି ଅନେକ କଥା ଆଲୋଚନା ପରେ ସେଦିନର ସଭା ସରିଲା । ଦିନ ପରେ ଦିନ ବିତିଲା, ହେଲେ ବଣ ରାଇଜରେ ଆଉ ସଭା ବସି ପାରିଲା ନାହିଁ । ଯେ ଯାହାର ବାଟରେ ଯିଏ ଖାଇପିଇ ବୁଲିଲେ । ଏକାଠି ହେବା କଥା କାହାରି ମନକୁ ଆସିଲା ନାହିଁ ।

ଦିନେ ଜଙ୍ଗଲ ପାଖ ଗାଁରେ କୌଣସି ପୂଜାର ଆୟୋଜନ ହୋଉଥାଏ । ଅଳ୍ପ ଅଳ୍ପ ଶବ୍ଦ ଜଙ୍ଗଲ ଆଡ଼କୁ ଶୁଭୁଥାଏ । ହରିଣ ନେଉଳକୁ କହିଲା ଦେଖ, ଏ ମଣିଷମାନେ କେମିତି ପୂଜା ଆୟୋଜନ କରିଛନ୍ତି । ନେଉଳ କହିଲା, ସେମାନେ କେତେକେତେ ଦେବାଦେବୀଙ୍କୁ ପୂଜା କରୁଛନ୍ତି ଯେ ତା'ର କଳନା କରିହେବନି । ସେଇବାଟ ଦେଇ ବିଲୁଆ ଯାଉଥିଲା । ଅଟକି ଯାଇ କହିଲା, କ'ଣ ବନ୍ଧୁମାନେ ଗାଁର ପୂଜା ଆୟୋଜନ ବିଷୟରେ କଥା ହେଉଛ । ହରିଣ କହିଲା, ହଁ ବିଲୁଆ ଭାଇ । ହେଲେ ଆମେ କାହାକୁ ପୂଜା କରିବା ଆମର ଭଗବାନ କିଏ । ନେଉଳ କହିଲା, ଚାଲ ସଭା ଡକେଇବା ଆଉ ଏଇ କଥା ଉଠେଇବା । ତିନିଜଣ ଲାଗି ପଡ଼ିଲେ କାମରେ, ଯେତେ ଯିଏ ଯେଉଁଠି ଦେଖା ହେଲେ ସଭାକୁ ଡାକିଲେ । ସିଂହ ମହାରାଜ ଆସି ସଭା ମଞ୍ଚରେ ଆସନ ଗ୍ରହଣ କଲେ, ତାଙ୍କ ପରେ ପରେ ବାଘ ବି ପହଞ୍ଚିଲେ । ସଭା ଆରମ୍ଭରୁ ବିଲୁଆ ପ୍ରଶ୍ନ କଲା ଭାଇମାନେ, ଆଜିର ଏଇ ସଭା ଡକେଇବାର ମୂଳ କାରଣ ଆମେ ଜାଣିବାକୁ ଚାହୁଁଚୁ ଆମ ଈଶ୍ୱର କିଏ ? ଆଉ ଆମେ କାହାକୁ ପୂଜିବା । ହାତୀ କହିଲା, ମୁଁ ଦେଖିଚି ମଣିଷମାନେ ମାଟି ଆଉ ପଥରର ମୂର୍ତ୍ତି ଗଢ଼ି ପୂଜା କରୁଛନ୍ତି । ଗଧ କହିଲା ମୁଁ ବହୁତ ଦିନ ତଳେ ପାଖ ଗାଁର ଜଣେ ମାଲିକ ପାଖରେ ଥିଲି, ସେଇଠି ଦେଖିଚି ସେମାନେ ଠାକୁର ଫଟୋ ପୂଜା କରୁଥିବାର । ଜିରାଫ୍ କହିଲା ତାହା ତ ଠିକ୍ ହେଲେ ବର୍ତ୍ତମାନ ଆମେ କାହାକୁ ପୂଜା କରିବା ଆଉ କିଏ ହେବେ ଆମ ଭଗବାନ । କେହି କିଛି ନିଷ୍କର୍ଷରେ ପହଞ୍ଚି ପାରିଲେ ନାହିଁ । ସିଂହ ମହାରାଜ ବାଘ ସହିତ କଥା ହୋଇ କହିଲେ ଶୁଣ । ଆମେ ସମସ୍ତେ ପିଲାଟି ବେଳରୁ ଏଇଠି ବଢ଼ିଚୁ । ଏଇ ବଣ ଆମ ପାଳନକର୍ତ୍ତା ଆଉ ରକ୍ଷାକର୍ତ୍ତା । ଆମ ପେଟ ପାଇଁ ଖାଦ୍ୟ ଦେଉଚି ଆଉ ମୁଣ୍ଡ ଗୁଞ୍ଜିବାକୁ ବାସସ୍ଥାନ । ଏଣୁ ବଣ ଆମ ଲାଗି ଆଜିଠାରୁ ମନ୍ଦିର । ଗଛଲତା, ଝରଣା, ପାହାଡ଼ ପର୍ବତ, ନଦୀ ପୁଷ୍କରିଣୀ ବଣର ପାର୍ଶ୍ୱ ଦେବାଦେବୀ । ଏବେଠାରୁ ଆମେ ତାଙ୍କୁ ପୂଜିବା ଆଉ ତାଙ୍କର ଯତ୍ନ ନେବା । ହାତୀ ଆଉ ଭାଲୁ ଏକ ସଙ୍ଗରେ କହିଉଠିଲେ ମହାରାଜ, ଯାହା କହିଲେ ତାହା ସମ୍ପୂର୍ଣ୍ଣ ଠିକ୍ । ବଣ ଆମର ଈଶ୍ୱର ଆଉ ଏହାର ଯତ୍ନ ସୁରକ୍ଷା ଦିଗରେ ଆମେ ସଭିଏଁ ଏକମନରେ ଆଗେଇ ଆସିବା । ସମସ୍ତଙ୍କର ସହମତି କ୍ରମେ ଦିନେ ପୂଜା ଆୟୋଜନ ହେଲା ଭୋଜିଭାତର ଆସର ଜମିଲା । ସମସ୍ତେ ଏଥର ବରାବର ସଭା ବସେଇଲେ ଆଉ ବଣର ସୁରକ୍ଷା ଦିଗରେ ନୂଆ ନୂଆ ପଦକ୍ଷେପ ଗ୍ରହଣ କରି ଆନନ୍ଦରେ ରହିଲେ । ■

ମଙ୍ଗଳାବାଗ, କଟକ

କୁନି ତାରକା

ଆରାଧ୍ୟା ଆୟୁଷୀ

ପଢ଼ାରେ କରନା ହେଲା

ଶିଶିର କୁମାର ପଣ୍ଡା

ରଜ ସରିଗଲା ମଉଜ ସରିଲା
ଇସ୍କୁଲ ଗଲା ଖୋଲି
ଏଥର ଆଗୁଆ ଛୁଟି ପଡ଼ିଥିଲା
ଅଧିକ ଗରମ ବୋଲି ।
ମଉସୁମୀ ଆସି କରିଲା ଶୀତଳ
ଆମ ଏ ତପତ ଧରା
ଆକାଶେ ଖେଳିଲା କଳାକଳା ମେଘ
ଲୁଚିଗଲା କାଇଁ ଖରା ।
ମାମୁଘର ଯାଇ କେତେ ମଜାକଲେ
ଖେଳିଲେ ତାଆସ ଲୁଡୁ
ଏବେ ପଢ଼ିବାର ସମୟ ଆସିଲା
ବୁଝେଇ କହୁଛି ଗୁରୁ ।
ଖୁସିବାସି କର ମନାନାହିଁ, ହେଲେ
ପଢ଼ାରେ କରନା ହେଲା
ପଢ଼ିବା ବେଳରେ କେବେ ବି ବୁଲନା
ଯାଇକି ଯାତରା, ମେଳା ।
ଆଜି ପାଠ ଆଜି କରି ଦେଉଥିଲେ
ଆଗକୁ ହୁଏନି ଭାରି
ଠିକଣା ବେଳକୁ ପଢ଼ିବାକୁ ଯିବ
ସବୁ କାମ ଦେଇ ସାରି । ■

କୁଆଁସ, ଯାଜପୁର
ମୋ-୮୮୧୭୩୭୨୨୮

ଶିଶୁ ପ୍ରତିଭା

କୁନି ଝିଅର କମାଲ୍

ପ୍ରତିଭା କେବେ ଲୁଚି ରହେନା । ଆମ ରାଜ୍ୟ ତଥା ଦେଶରେ ଏପରି ଅନେକ ପ୍ରତିଭାଧାରୀ ଅଛନ୍ତି, ଯାହାଙ୍କୁ ଚିହ୍ନି ଆଗକୁ ଆଣିବାର ଆବଶ୍ୟକତା ଅଛି । ଏଭଳି ଜଣେ ପ୍ରତିଭାବାନ୍ ଶିଶୁ କନ୍ୟା ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅଧିନ ହିଞ୍ଜଳ ଗ୍ରାମର ରଶ୍ମିତ୍ ନାୟକ ଓ ଅନିତା ସାମଲଙ୍କ ଝିଅ ଆଶ୍ମିତା ନାୟକ(ପ୍ରିନ୍ସି) । ତୀକ୍ଷ୍ଣ ସ୍ମରଣ ଶକ୍ତି ପାଇଁ ମାତ୍ର ଦୁଇ ବର୍ଷ ବୟସରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ପ୍ରିନ୍ସି

ପ୍ରିନ୍ସିଙ୍କର ଜନ୍ମ ଏପ୍ରିଲ୍ ୧୦, ୨୦୨୨ ମସିହାରେ ହୋଇଥିଲା । ଜନ୍ମ ପରଠାରୁ ସେ ନିଜ ମାମୁଁଘର ବରୀ ବ୍ଲକ୍ ଅଧୀନ ଅଙ୍ଗାଳ ଗ୍ରାମରେ ରହି ଆସୁଛନ୍ତି । ପ୍ରିନ୍ସିଙ୍କ ମା' ଅନିତା ଅଙ୍ଗାଳ କଲେଜରେ ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟରତ । ପ୍ରିନ୍ସି ମାତ୍ର ଦୁଇ ମାସର ହୋଇଥିବାବେଳେ ଆଧ୍ୟାତ୍ମିକ ସଙ୍ଗୀତ ଶୁଣିବାକୁ ଆଗ୍ରହ ପ୍ରକାଶ କରୁଥିଲେ । ବର୍ଷକର ହେବା ବେଳକୁ ଓଡ଼ିଆ କହିବା ସହିତ ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନଗୁଡ଼ିକ ଉତ୍ତର ନିର୍ଭୁଲ୍ ଭାବେ କହି ଦେଉଥିଲେ । ଏହାବାଦ୍ ଶ୍ଳୋକଗୁଡ଼ିକୁ ମଧ୍ୟ ମନେରଖି ଗାଇ ଦେଉଥିଲେ । ପ୍ରିନ୍ସିଙ୍କ ଏଭଳି ଅସାଧାରଣ ପ୍ରତିଭାକୁ ଦେଖି ପରିବାର ଲୋକେ ତାଙ୍କ ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିଲେ । ଏହି ୟୁଟ୍ୟୁବ୍ ଚ୍ୟାନେଲରେ ଏବେ ଲକ୍ଷାଧିକ ସବ୍‌ସ୍କ୍ରାଇବର୍ ଅଛନ୍ତି । ଅଜା ଆଇଙ୍କ ଠାରୁ ପ୍ରିନ୍ସି ଅନେକ ପୌରାଣିକ କାହାଣୀ ଶୁଣି ସେଗୁଡ଼ିକୁ ମନେ ରଖିଦିଅନ୍ତି । ଛୋଟ ବେଳୁ ପ୍ରିନ୍ସିଙ୍କ ବୁଦ୍ଧି ଓ ସ୍ମରଣ ଶକ୍ତି ଏମିତି ଥିଲା ଯେ, ଯାହା ଶୁଣୁଥିଲେ ତାହା ମନେ ରଖି ଦେଉଥିଲେ । ପ୍ରିନ୍ସିଙ୍କ ଏଭଳି ବିଚକ୍ଷଣ ପ୍ରତିଭା ଦେଖି ପରିବାର ଲୋକେ ଇଣ୍ଡିଆ ବୁକ୍‌ସ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ । ପ୍ରିନ୍ସିଙ୍କ ଠାରୁ ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍ କର୍ତ୍ତୃପକ୍ଷ ମୋଟ ୨୨ଟି କ୍ୟାଟେଗୋରିରେ ପରୀକ୍ଷା କରାଇଥିଲେ । ସେ ୧୨ ଟି କ୍ୟାଟେଗୋରିରେ ବେଶ୍ ଭଲ ପ୍ରଦର୍ଶନ କରିଥିଲେ । ଏହାପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ତାଙ୍କ ନାମ ସ୍ଥାନ ପାଇଥିଲା । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ଏବେ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି । ପ୍ରିନ୍ସିଙ୍କୁ ଏବେ ବିଭିନ୍ନ ସ୍ଥାନରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ମଧ୍ୟ ନିମନ୍ତ୍ରଣ ଆସୁଛି ବୋଲି ତାଙ୍କ ପିତାମାତା କହିଛନ୍ତି । ■



- ଚୈତନ୍ୟ ଜେନା
ବରୀ

ବରଷା ହେଲେ

ପ୍ରଶାନ୍ତ କୁମାର ସାହୁ

ବରଷା ହେଲେ କୂଅ ପୂରେ ପୋଖରୀ ପୂରେ
ପୂରେ ନଈ ନାଳ,
ବରଷା ହେଲେ ବଗ ହସେ ବଗୁଲୀ ହସେ
ହସେ ଜୀବ କୁଳ ।
ବରଷା ହେଲେ ମାଛ ଡିଏଁ କଙ୍କଡ଼ା ଡିଏଁ
ଡିଏଁ ବେଙ୍ଗ ରାଜା,
ବରଷା ହେଲେ ଡଙ୍ଗା ଭାସେ କାଗଜ ଭାସେ
ଭାସେ ମେଘ ରାଜା ।
ବରଷା ହେଲେ ଘାସ ହୁଏ ଚାଷ ହୁଏ
ହୁଏ ମଞ୍ଜି ଗଜା,
ବରଷା ହେଲେ ମୁଢ଼ି ଲୋଡ଼ା ନଡ଼ିଆ ଲୋଡ଼ା,
ଲୋଡ଼ା ବାରମଜା ।
ବରଷା ହେଲେ ବନ୍ଧ ଭାଙ୍ଗେ ସାହସ ଭାଙ୍ଗେ,
ଭାଙ୍ଗେ ମନୋବଳ,
ବରଷା ହେଲେ ବନ୍ୟା ଆସେ ବେମାର ଆସେ,
ଆସେ ନାନା ଜ୍ୱର ।
ବରଷା ହେଲେ ଚୁଡ଼ା ରଖ ଚାଉଳ ରଖ
ରଖ କିରୋସିନି,
ବରଷା ହେଲେ ମନ ଦିଅ ଧ୍ୟାନ ଦିଅ
ସରକାର ବାଣୀ । ■

ଇନ୍ଦ୍ରିପୁର, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

ପରଜାପତି

ମନୀଷା ପଣ୍ଡା

ପରଜାପତି ଲୋ ପରଜାପତି,
ବଗିଚାରେ ଉଡ଼ି ବୁଲୁ ତୁ ନିତି ।
ସକାଳ ପାହିଲେ ଦେଖେ ମୁଁ ତତେ,
ନାନା ରଙ୍ଗେ ସଜ ହୋଇଛୁ କେତେ ।
ଟିକି ଡେଣା ମେଲି ଖୁସିରେ ଖେଳୁ,
ଫୁଲରୁ ଫୁଲକୁ ଉଡ଼ି ତୁ ବୁଲୁ ।
ପରାଗ ସଙ୍ଗମ ତୋହରି କାମ,
ପାନ କରୁ ମଧୁ ଅମୃତ ସମ ।
ଯୂଇ ଜାଇ ହେନା ମଧୁମାଳତୀ,
ସୁରଭିରେ ମୋହେ ତୋର ପୀରତି ।
ନବ ରବି କରେ ତୁ ଖେଳୁ ଦୋଳି,
ଲୁଚି ଦେଖେ ତୋତେ ପଛରେ ବୁଲି ।
ରୂପ ବିଭବରେ ତୁ ସୁକୁମାର,
ସବୁରି ମନରେ କୋଟି ଆଦର । ■

ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ: ୮୨୪୯୬୮ ୬୦୯୩

ପ୍ରହେଳିକା

ଚାରି ଅକ୍ଷରରେ ନାମଟି ତା'ର
ଫୁଲଟିଏ ସିଏ ଗ୍ରୀଷ୍ମ କାଳର
ପ୍ରଥମ ଦ୍ୱିତୀୟ କରିଲେ ଯୋଗ
ଯଶୋଦା ସୁତକୁ ବୁଝାଉଥିବ
ତୃତୀୟ ଚତୁର୍ଥ କଲେ ଏକାଠି
ଦହି ଗୁଡ଼ ସହ ଖାଉ ଚକଟି
ଏବେ କୁହ ଦେଖି ନାମଟି ତା'ର
ନାଲି ଟହ ଟହ ଭାରି ସୁନ୍ଦର ।

ଉତ୍ତର-କୃଷ୍ଣଚୂଡ଼ା

ଫସରା ଫାଟିଲେ ଚାଳରେ ବସି
ରାବୁଥାଏ ସିଏ ଆନନ୍ଦେ ହସି
ପକ୍ଷୀଟିଏ ସିଏ କଳା ରଙ୍ଗର
ମଣିଷ ପରି ସେ ଭାରି ଚତୁର
ପଚା ଶଢା ମାଂସ ସରାଗେ ଖାଏ
ପରିବେଶ ସଫା ରଖଇ ସିଏ
ଧାନ ଶୁଖୁଥିଲେ ଚୋରେଇ ଖାଏ
କହି ପାରିବକି ତା'ନାମ କିଏ ।

ଉତ୍ତର-କାଉ

ସଞ୍ଜବେଳ ଅବା ପାହାନ୍ତି ହେଲେ
କିଆ ଗୋହରିରେ ସେ ଗୀତ ବୋଲେ
ପଶୁଟିଏ ସିଏ ଭାରି ଚତୁର
ଦିନ ରାତି ସିଏ ଖୋଜେ ଆହାର
ଫଳମୂଳ ସହ ମାଂସ ବି ଖାଏ
କିଆବୁଦା ତଳେ ଛୁପିକି ରୁହେ
ମଣିଷକୁ ସିଏ ଡରଇ ଭାରି
କହି ପାରିବକି ନାମ ତାହାରି । ■

ଉତ୍ତର-ବିଲୁଆ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ସକାଳ ଶିଶୁ କୁଇଜ୍-୧୨୪

(୧) ଶନି ଗ୍ରହର ସବୁଠୁ ବଡ଼ ଉପଗ୍ରହର ନାମ କ'ଣ?
ଉତ୍ତର: _____

(୨) ଭାରତର ପ୍ରଥମ ପରମାଣୁ ରିଆକ୍ଟରର ନାମ କ'ଣ?
ଉତ୍ତର: _____

(୩) ଗୋରଖପୁର ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର: _____

(୪) ବିଶ୍ୱ ମହାସାଗର ଦିବସ କେବେ ପାଳନ କରାଯାଏ?
ଉତ୍ତର: _____

(୫) କ୍ଷୀରର ଶୁଦ୍ଧତା ମାପିବା ପାଇଁ ବ୍ୟବହାର କରାଯାଉଥିବା ଯନ୍ତ୍ରର ନାମ କ'ଣ?
ଉତ୍ତର: _____

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଗତ ସପ୍ତାହର କୁଇଜ୍ ବିଜେତା

- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ରୋଜାଲିନ୍ ବାରିକ, ସାଲେପୁର
- ଶକ୍ତିପ୍ରସାଦ ରାୟ, ବ୍ରହ୍ମଗିରି, ପୁରୀ

ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

ଛାତ୍ରଛାତ୍ରୀଙ୍କ ଚିତ୍ରକଳା

ଆୟଂଶ ଆଚାର୍ଯ୍ୟ
ତୃତୀୟ ଶ୍ରେଣୀ
ପୋଦାର ଇଣ୍ଟରନ୍ୟାସନାଲ ସ୍କୁଲ
ପୱାଇ, ମୁମ୍ବାଇ

ନୀହାରିକା ପାତ୍ର
ପଞ୍ଚମ ଶ୍ରେଣୀ
କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ

ନନ୍ଦିନୀ ଆଇକତ
ଚତୁର୍ଥ ଶ୍ରେଣୀ
ପବ୍ଲିକ୍ ସ୍କୁଲ
ସୁନାବେଡ଼ା

ମେଘା ଟୁହୁ
ଷଷ୍ଠ ଶ୍ରେଣୀ
ଅତାନଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ

ସକାଳ
THE SAKALA
ଶନିବାର
୨୯ ଜୁନ୍ ୨୦୨୪

ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ ଆଜି

ବାର୍ବାଡୋସ,୨୮।୬(ଏଜେନ୍ସି): ଆମେରିକା ଓ ୱେଷ୍ଟଇଣ୍ଡିଜରେ ଚାଲିଥିବା ଚଳିତ ଟି-୨୦ ବିଶ୍ୱକପ୍ ୯ମ ସଂସ୍କରଣର ଅନ୍ତିମ ଚରଣରେ ପହଞ୍ଚିଛି। ସ୍ଥାନୀୟ ବ୍ରିଜ୍‌ଟାଉନ୍‌ସ୍ଥିତ କେନସିଂଟନ ଓଭାଲ ଗ୍ରାଉଣ୍ଡରେ ଶନିବାର ଟାଇଟଲ ପାଇଁ ଭାରତ ଓ ଦକ୍ଷିଣ ଆଫ୍ରିକା ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ୨୦୦୭ରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଟାଇଟଲ ଜିତିଥିଲା। ଇତିମଧ୍ୟରେ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଭାରତ ଆଉ ଚାମ୍ପିଅନ ହୋଇପାରି ନାହିଁ। ସେହିପରି ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରି ପ୍ରଥମ ଟାଇଟଲ ଲକ୍ଷ୍ୟରେ ରହିଛି।

କୋହଲି, ରୋହିତଙ୍କ ଲାଗି ଶେଷ ସୁଯୋଗ

ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଅପରାଜେୟ ରହିଛନ୍ତି। ସାରା ଟୁର୍ଣ୍ଣାମେଣ୍ଟ ଉଭୟ ଦଳ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଉଭୟ ଦଳରେ ବିଶ୍ୱସ୍ତରୀୟ ଖେଳାଳିମାନେ ରହିଛନ୍ତି। ଅଧିନାୟକ ରୋହିତ ଶର୍ମା ଓ ସୁପରଷ୍ଟାର ବିରାଟ କୋହଲି କ୍ୟାରିୟରର ଅନ୍ତିମ ଟି-୨୦ ବିଶ୍ୱକପ୍ ଖେଳୁଛନ୍ତି ବୋଲି କୁହାଯାଉଛି। ଫଳରେ ଏହି ଦୁଇ ତାରକା ଶେଷଥର ପାଇଁ ଟାଇଟଲ ଜିତିବାର ସୁଯୋଗ ହାତଛଡ଼ା କରିବେ ନାହିଁ। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଓ ରୋମାଞ୍ଚକୁ ସାରା ବିଶ୍ୱ ଉପଭୋଗ କରିବ। ତେଣୁ ଏହି ନିର୍ଣ୍ଣାୟକ ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି।

ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଇବ

ଫାଇନାଲ ମ୍ୟାଚ୍‌ର ପିଚ୍ ସ୍ପିନରଙ୍କ ଅପେକ୍ଷା ଦ୍ରୁତବୋଲରଙ୍କୁ ଅଧିକ ସୁହାଇବ। ଏଠାରେ ଦ୍ରୁତ ବୋଲର ୨୦.୨୨ ରନ ହାରରେ ୫୯ ଓ ସ୍ପିନର ୨୬.୪୦ ହାରରେ ୩୨ଟି ୱିକେଟ ନେଇଛନ୍ତି। ତେବେ ବ୍ୟାଟରମାନେ ଏଠାରେ ସୁବିଧାଜନକ ସ୍ଥିତି ହାସଲ କରିବେ। ମ୍ୟାଚ୍ ଆରମ୍ଭରେ ଦ୍ରୁତ ବୋଲରମାନେ ବ୍ୟାଟରଙ୍କୁ ସମସ୍ୟାରେ ପକାଇବେ।

ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଟସ୍

ଏହି ମ୍ୟାଚ୍‌ରେ ଟସ୍‌ର ଗୁରୁତ୍ୱ ରହିବ। ଏଠାରେ ୨୯ଟି ମ୍ୟାଚ୍ ସମ୍ପୂର୍ଣ୍ଣ ଭାବେ ଖେଳାଯାଇଥିବା ବେଳେ ଟସ୍ ଜିତିବା ଦଳ ୧୮ଟିରେ ବିଜୟୀ ହୋଇଛି। ଟସ୍ ଜିତିଥିବା ଦଳ ଏଠାରେ ୧୩ଥର ପ୍ରଥମେ ବ୍ୟାଟିଂ କରି ୧୦ଟିରେ ବିଜୟୀ ହୋଇଛି। ଅନ୍ୟପଟେ ଟସ୍ ଜିତି ୧୯ଥର ପ୍ରଥମେ ବୋଲିଂ କରିଥିବା ଦଳ ମାତ୍ର ୮ଟିରେ ବିଜୟୀ ହୋଇଥିବା ବେଳେ ୯ଟିରେ ପରାସ୍ତ ହୋଇଛନ୍ତି। ଟସ୍ ଜିତିବା ଦଳ ବ୍ୟାଟିଂ କରିବାକୁ ଅଧିକ ପସନ୍ଦ କରିବ। ପ୍ରଥମେ ବ୍ୟାଟିଂ କରିଥିବା ଦଳ ଏଠାରେ ୧୯ ଓ ଚେଜ୍ କରିଥିବା ଦଳ ୧୦ଥର ବିଜୟୀ ହୋଇଛନ୍ତି।କିନ୍ତୁ ପରିବର୍ତ୍ତିତ ସ୍ଥିତିରେ ଟସ୍ ଜିତିବା ଦଳ କି ନିଷ୍ପତ୍ତି ନେବ କହିବା ମୁସ୍କିଲ ହେବ।

ଭାରତ ସପକ୍ଷରେ ରେକର୍ଡ

ଭାରତ ଓ ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ୨୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏଥିରେ ଭାରତ ୧୪ଟିରେ ବିଜୟୀ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୧୧ର ବାଜି ମାରିଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ଶେଷଥର ପାଇଁ ୨୦୨୩ ଡିସେମ୍ବରରେ ଭାରତ ଜୋହାନ୍ସବର୍ଗରେ୧୦୬ ରନରେ ଦକ୍ଷିଣଆଫ୍ରିକାକୁ ହରାଇଥିଲା।

ବାର୍ବାଡୋସରେ ଭାରତ ରେକର୍ଡ ଭଲ ନାହିଁ

ଭାରତ ତୃତୀୟଥର ପାଇଁ ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳିବ। ବାର୍ବାଡୋସର ବଳିଷ୍ଠ କ୍ରିକେଟ ଇତିହାସ ରହିଛି। କିନ୍ତୁ ଭାରତ ଏଠାରେ ମାତ୍ର ୩ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ ହାସଲ କରିଥିବା ବେଳେ ୨ଟିରେ ପରାସ୍ତ ହୋଇଛି। ଏଠାରେ ଭାରତ ଗୁରୁବାର ଏଠାରେ ସୁପର-୮ରେ ୭୪ ରନରେ ଆଫଗାନିସ୍ଥାନକୁ ହରାଇଥିଲା।

ବର୍ଷା ଆଶଙ୍କା ରହିଛି

ଫାଇନାଲ ମ୍ୟାଚ୍‌ରେ ପ୍ରବଳ ବର୍ଷାର ଆଶଙ୍କା ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଭାରତୀୟ ସମୟ ସନ୍ଧ୍ୟା ସାଢେ ୭ଟାରେ ଘଡଘଡି ସହ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଶନିବାର ଏଠାରେ ୭୦ ପ୍ରତିଶତ ବର୍ଷାର ସମ୍ଭାବନା ରହିଛି। ସାରା ମ୍ୟାଚ୍‌ରେ ଖରା ପଡିବାର ସମ୍ଭାବନା କମ ରହିଛି। ଏହା ପ୍ରଶଂସକଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି।

ଫୋକସରେ ପାଣ୍ଡ୍ୟା, ଅର୍ଶଦୀପ, ପନ୍ତ, ସାମସି, ଡିକକ୍, ଜାନସେନ

ଏହି ହାଇଭୋଲ୍ଟେଜ ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସିଂ, ଋଷଭ ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ସ୍ପିନର ତାବରେଜ ସାମସି, ବ୍ୟାଟର କ୍ୱିଣ୍ଟନ ଡିକକ ଓ ଅଲରାଉଣ୍ଡର ମାର୍କୋ ଜାନସେନଙ୍କ ପ୍ରଦର୍ଶନ ଭାରତକୁ ସମସ୍ୟାରେ ପକାଇବ ଓ ଏମାନେ ଫୋକସରେ ରହିଛନ୍ତି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା (ଉପ- ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ, ଋଷଭ ପନ୍ତ, ଶିବମ୍ ଦୁବେ, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ।

ଦକ୍ଷିଣ ଆଫ୍ରିକା ଦଳ: ଏଡେନ ମାର୍କାରାମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ଗେରାଲ୍ଡ କୋଜି, କ୍ୱିଣ୍ଟନ ଡିକକ, ବିଜୋର୍ଣ୍ଣ ଫର୍ଚୁନ, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନସେନ, ହେନେରିଚ କ୍ଲାସେନ, କେଶବ ମହାରାଜ, ଡେଭିଡ୍ ମିଲର, ଅନରିଜ ନୋର୍ଜେ, କାଗିସୋ ରାବାଡ଼ା, ରିୟାନ ରିକ୍ଲେଟୋନ, ତାବରେଜ ସାମସି ଓ ଟ୍ରିଷ୍ଟାନ ଷ୍ଟବ୍ସ।

ଫାଇନାଲ ପଥରେ...

ଭାରତ

ଗ୍ରୁପ୍ ପର୍ଯ୍ୟାୟ

- ଆୟର୍ଲାଣ୍ଡ ବିପକ୍ଷରେ ୮ ୱିକେଟ୍‌ରେ ବିଜୟୀ
- ପାକିସ୍ତାନ ବିପକ୍ଷରେ ୬ ରନରେ ବିଜୟୀ
- ଆମେରିକା ବିପକ୍ଷରେ ୭ ୱିକେଟ୍‌ରେ ବିଜୟୀ
- କାନାଡା ବିପକ୍ଷରେ ମ୍ୟାଚ୍ ବାତିଲ

ସୁପର୍-୮ ପର୍ଯ୍ୟାୟ

- ଆଫଗାନିସ୍ଥାନ ବିପକ୍ଷରେ ୪୭ ରନରେ ବିଜୟୀ
- ବାଂଲାଦେଶ ବିପକ୍ଷରେ ୫୦ ରନରେ ବିଜୟୀ
- ଅଷ୍ଟ୍ରେଲିଆ ବିପକ୍ଷରେ ୨୪ ରନରେ ବିଜୟୀ

ସେମିଫାଇନାଲ

- ଇଂଲଣ୍ଡ ବିପକ୍ଷରେ ୬୮ ରନରେ ବିଜୟୀ

ଦକ୍ଷିଣ ଆଫ୍ରିକା

ଗ୍ରୁପ୍ ପର୍ଯ୍ୟାୟ

- ଶ୍ରୀଲଙ୍କା ବିପକ୍ଷରେ ୬ ୱିକେଟ୍‌ରେ ବିଜୟୀ
- ନେଦରଲାଣ୍ଡସ ବିପକ୍ଷରେ ୪ ୱିକେଟ୍‌ରେ ବିଜୟୀ
- ବାଂଲାଦେଶ ବିପକ୍ଷରେ ୪ ରନରେ ବିଜୟୀ
- ନେପାଳ ବିପକ୍ଷରେ ୧ ରନରେ ବିଜୟୀ

ସୁପର୍-୮ ପର୍ଯ୍ୟାୟ

- ଆମେରିକା ବିପକ୍ଷରେ ୧୮ ରନରେ ବିଜୟୀ
- ଇଂଲଣ୍ଡ ବିପକ୍ଷରେ ୭ ରନରେ ବିଜୟୀ
- ୱେଷ୍ଟଇଣ୍ଡିଜ ବିପକ୍ଷରେ ଡିଏଲ୍‌ଏଲରେ ୩ ୱିକେଟ୍‌ରେ ବିଜୟୀ

ସେମିଫାଇନାଲ

- ଆଫଗାନିସ୍ଥାନ ବିପକ୍ଷରେ ୯ ୱିକେଟ୍‌ରେ ବିଜୟୀ

ଦ୍ରାବିଡ୍‌ଙ୍କ ବିଦାୟୀ ଉପହାର ବିଶ୍ୱକପ୍ ଟ୍ରଫି

ବାର୍ବାଡୋସ୍,୨୮।୬(ଏଜେନ୍ସି): ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳାଯିବା ପରେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ କାର୍ଯ୍ୟକାଳ ଶେଷ ହେବ। ଭାରତ ବିଶ୍ୱକପ୍ ଟ୍ରଫି ଜିତି ଦ୍ରାବିଡ୍‌ଙ୍କୁ ଏହି ବହୁମୂଲ୍ୟ ବିଦାୟୀ ଉପହାର ଦେବା ଲକ୍ଷ୍ୟରେ ରହିଛି। ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ଭାରତ ଘରୋଇ ପରିବେଶରେ ୨୦୨୩ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଏଥର ଭାରତ କିନ୍ତୁ ଏହି ତ୍ରୁଟି ନ ଦୋହରାଇ ବାଜି ମାରିବା ଲକ୍ଷ୍ୟରେ ରହିଛି। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ୩ଟି ଫର୍ମାଟରେ ଦମ୍‌ଦାର ପ୍ରଦର୍ଶନ କରି ନଂ ୧ ସ୍ଥାନ ଅଧିକାର କରିଛି। ତେବେ ମୋ ପାଇଁ ଭାରତ ଏହି ବିଶ୍ୱକପ୍ ଜିତୁ ବୋଲି ଚାହୁଁ ନଥିବା କଥା ଦ୍ରାବିଡ କହିଛନ୍ତି। କୌଣସି ଜଣେ ବ୍ୟକ୍ତିଙ୍କ ପାଇଁ ବିଶ୍ୱକପ୍ ଟ୍ରଫଇ ଜିତିବାର ଆବଶ୍ୟକତା ନାହିଁ। ବରଂ ଏହା ଦେଶ ଓ ଦଳ ପାଇଁ ଜିତିବାର ଆବଶ୍ୟକତା ରହିଛି ବୋଲି ୫୧ ବର୍ଷୀୟ ଦ୍ରାବିଡ କହିଛନ୍ତି। ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକୁ ହରାଇ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହେବାନେଇ ଦ୍ରାବିଡ ଆଶାବାଦୀ ଅଛନ୍ତି।

ଥମ୍ପସନ-ହେରା ଅଲିମ୍ପିକ୍ସରୁ ଆଉଟ୍

ଜାମାଇକା, ୨୮।୬ (ଏଜେନ୍ସି): ଗୋଇଠିରେ ଆଘାତଜନିତ କାରଣରୁ ପାଞ୍ଚଥରର ଅଲିମ୍ପିକ ଚାମ୍ପିଅନ ଜାମାଇକାର ତାରକା ଧାବିକା ଥମ୍ପସନ-ହେରା ଆଗାମୀ ପ୍ୟାରିସ ଅଲିମ୍ପିକ୍ସରୁ ଆଉଟ୍ ହୋଇଛନ୍ତି। ଚଳିତ ମାସ ୯ରେ ନ୍ୟୁୟର୍କ ସିଟି ଗ୍ରାଁପ୍ରି ସମୟରେ ୩୧ ବର୍ଷୀୟା ଥମ୍ପସନ ଆଘାତ ପାଇଥିଲେ। ପ୍ୟାରିସ ଅଲିମ୍ପିକ୍ସରୁ ଓହରିଯାଇଥିବା ନେଇ ଗୁରୁବାର ସେ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ଥମ୍ପସନ ଗତ ୨ଟି (୨୦୧୬ ଓ ୨୦୨୦) ଅଲିମ୍ପିକ୍ସରେ ଉଭୟ ମହିଳା ୧୦୦ ଓ ୨୦୦ ମିଟରରେ ଚାମ୍ପିଅନ ରହିଛନ୍ତି। ଉସେନ ବୋଲ୍ଟଙ୍କ ପରେ ସେ ୨ୟ ଧାବକ ଭାବେ ଥମ୍ପସନ କ୍ରମାଗତ ୨ଟି ଅଲିମ୍ପିକ୍ସ ସଂସ୍କରଣରେ ଉଭୟ ୧୦୦ ଓ ୨୦୦ ମିଟର ରେସରେ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ପ୍ୟାରିସରେ ସେ କେବଳ ୧୦୦ ମିଟର ରେସରେ ଭାଗନେଇଥାନ୍ତେ। ତେବେ ଆଘାତ ହୋଇ ବାଦ୍ ପଡ଼ିବା ପରେ ଏବେ ତାଙ୍କର ୧୦୦ ମିଟରରେ ଟାଇଟଲ୍ ବଜାୟ ରଖିବା ସ୍ୱପ୍ନ ଅଧୁରା ରହିଯାଇଛି।

୧୧ ବର୍ଷ ପରେ ଆଇସିସି ଟ୍ରଫି ଜିତିବାକୁ ଲକ୍ଷ୍ୟ

ବାର୍ବାଡସ୍, ୨୮।୬ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଭାରତ ଦୀର୍ଘ ୧୧ ବର୍ଷ ପରେ କୌଣସି ଆଇସିସି ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ତେଣୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ପୁଣି ଏକ ସୁଯୋଗ ଉପନୀତ ହୋଇଛି। ଭାରତ ଶେଷଥର ଲାଗି ୨୦୧୩ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହା ହିଁ ଟିମ୍ ଇଣ୍ଡିଆର ଶେଷ ଆଇସିସି ଟ୍ରଫି ବିଜୟ ଥିଲା। ଇତିମଧ୍ୟରେ ଗତ ୧୧ ବର୍ଷ ମଧ୍ୟରେ ଭାରତ ୯ଟି ଆଇସିସି ଇଭେଣ୍ଟର ନକ୍‌ଆଉଟ୍‌ରୁ ହାରି ବିଦାୟ ନେଇଛି। ଏହି ପରାଜୟ ଧାରାରେ ବ୍ରେକ୍ ଲଗାଇବାକୁ ରୋହିତ୍ ସେନା ଲକ୍ଷ୍ୟ ରଖିଛି।

ଆଇସିସି ନକ୍‌ଆଉଟ୍ ମ୍ୟାଚରେ ଭାରତ (୨୦୧୪ ପରଠାରୁ)

ଇଭେଣ୍ଟ	ମ୍ୟାଚ୍	ଫଳାଫଳ
୨୦୧୪ ଟି-୨୦ ବିଶ୍ୱକପ୍	ଫାଇନାଲ	ଶ୍ରୀଲଙ୍କାଠାରୁ ପରାସ୍ତ
୨୦୧୫ ଦିନିକିଆ ବିଶ୍ୱକପ୍	ସେମିଫାଇନାଲ	ଅଷ୍ଟ୍ରେଲିଆଠାରୁ ପରାସ୍ତ
୨୦୧୬ ଟି-୨୦ ବିଶ୍ୱକପ୍	ସେମିଫାଇନାଲ	ୱେଷ୍ଟଇଣ୍ଡିଜଠୁ ପରାସ୍ତ
୨୦୧୭ ଚାମ୍ପିଅନ୍ସ ଟ୍ରଫି	ଫାଇନାଲ	ପାକିସ୍ତାନଠାରୁ ପରାସ୍ତ
୨୦୧୯ ଦିନିକିଆ ବିଶ୍ୱକପ୍	ସେମିଫାଇନାଲ	ନ୍ୟୁଜିଲାଣ୍ଡଠୁ ପରାସ୍ତ
୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍	ଫାଇନାଲ	ନ୍ୟୁଜିଲାଣ୍ଡଠୁ ପରାସ୍ତ
୨୦୨୨ ଟି-୨୦ ବିଶ୍ୱକପ୍	ସେମିଫାଇନାଲ	ଇଂଲଣ୍ଡଠାରୁ ପରାସ୍ତ
୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍	ଫାଇନାଲ	ଅଷ୍ଟ୍ରେଲିଆଠୁ ପରାସ୍ତ
୨୦୨୩ ଦିନିକିଆ ବିଶ୍ୱକପ୍	ଫାଇନାଲ	ଅଷ୍ଟ୍ରେଲିଆଠାରୁ ପରାସ୍ତ

ୟୁରୋକପ୍ ଫୁଟବଲ୍

ଆଜିଠାରୁ ପ୍ରି-କ୍ୱାର୍ଟର ପର୍ଯ୍ୟାୟ

ବର୍ଲିନ,୨୮।୬(ଏଜେନ୍ସି): ଜର୍ମାନୀରେ ଚାଲିଥିବା ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣର ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ସ୍ପଷ୍ଟ ହୋଇଛି। ଶନିବାରଠାରୁ ୟୁରୋପ୍ ମହାଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ପର୍ଯ୍ୟାୟ ଆରମ୍ଭ ହେବ। ଶନିବାର ପ୍ରଥମ ମୁକାବିଲାରେ ସ୍ୱିଜରଲାଣ୍ଡ ଓ ଇଟାଲୀ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୟ ମୁକାବିଲାରେ ଆୟୋଜକ ଜର୍ମାନୀ ଓ ଡେନମାର୍କ ମୁହାଁମୁହିଁ ହେବେ। ନକ୍‌ଆଉଟରେ ପ୍ରବେଶ କରିଥିବା ଅନ୍ୟ ଦଳଗୁଡିକ ହେଲେ ଇଂଲଣ୍ଡ- ସ୍ଲୋଭାକିଆ, ସ୍ପେନ୍- ଜର୍ଜିଆ, ଫ୍ରାନ୍ସ- ବେଲଜିୟମ, ପର୍ତ୍ତୁଗାଲ- ସ୍ଲୋଭେନିଆ, ରୋମାନିଆ- ନେଦରଲାଣ୍ଡସ ଓ ଅଷ୍ଟ୍ରିଆ- ତୁର୍କୀ।

ଇଟାଲୀ, ଜର୍ମାନୀ ଫେବରାଇଟ୍

ସ୍ୱିଜରଲାଣ୍ଡ ବିପକ୍ଷରେ ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀ ଫେବରାଇଟ୍ ବିବେଚିତ ହେଉଛି। ଗ୍ରୁପ୍ ଏ'ରେ ସ୍ୱିଜରଲାଣ୍ଡ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହି ଅଗ୍ରଗତି କରିଛି। ସେହିପରି ଗ୍ରୁପ୍ ବି'ରେ ଇଟାଲୀ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ପ୍ରି-କ୍ୱାର୍ଟରକୁ ଉଠିଛି। ପୂର୍ବରୁ ଇଟାଲୀ ଓ ସ୍ୱିଜରଲାଣ୍ଡ ୬୦ଥର ଭେଟିଛନ୍ତି। ଏଥିରେ ଇଟାଲୀ ୨୯ଥର ଓ ସ୍ୱିଜରଲାଣ୍ଡ ୭ଥର ବିଜୟୀ ହୋଇଛି ଓ ୨୪ଟି ମ୍ୟାଚ୍ ଡ୍ର ରହିଛି।

ଦ୍ୱିତୀୟ ମୁକାବିଲାରେ ଡେନମାର୍କ ବିପକ୍ଷରେ ଜର୍ମାନୀ ଫେବରାଇଟ୍ ବିବେଚିତ ହେଉଛି। ଗ୍ରୁପ୍ ଏ'ରେ ଜର୍ମାନୀ ୩ ମ୍ୟାଚ୍ ଖେଳି ୨ ବିଜୟ, ୧ ଡ୍ର ସହ ୭ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହି ରାଉଣ୍ଡ ଅଫ୍-୧୬କୁ ଉଠିଛି। ସେହିପରି ଗ୍ରୁପ୍ ସି'ରେ ଡେନମାର୍କ ୩ଟି ଯାକ ମ୍ୟାଚ୍ ଡ୍ର ରଖି ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଅଗ୍ରଗତି କରିଛି। ଜର୍ମାନୀ ଓ ଡେନମାର୍କ ପରସ୍ପରକୁ ୨୯ଥର ଭେଟିଛନ୍ତି। ଏଥିରେ ଜର୍ମାନୀ ୧୫ଥର ଓ ଡେନମାର୍କ ୫ଥର ବିଜୟୀ ହୋଇଥିବା ବେଳେ ୮ଟି ମ୍ୟାଚ୍ ଡ୍ର ରହିଛି।

କାଲିଠାରୁ ବାରବାଟୀରେ ଓସିଏଲ୍

ଓଡ଼ିଶା ଟାଇଗର୍ସ-ଲାୟନ୍ସ ଉଦ୍‌ଘାଟନୀ ଲଢ଼େଇ

ଭୁବନେଶ୍ୱର, ୨୮।୬ (ସମିସ): ଓଡ଼ିଶା କ୍ରିକେଟ୍‌ପ୍ରେମୀଙ୍କ ଲାଗି ଖୁସି ଖବର। ରବିବାର (ଜୁନ ୩୦)ଠାରୁ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ୍ ଲିଗ୍ (ଓସିଏଲ୍) ଆରମ୍ଭ ହେବାକୁ ଯାଉଛି। ୬ ଗୋଟି ଦଳ ମଧ୍ୟରେ ଟ୍ରଫି ପାଇଁ ଲଢ଼େଇ ହେବ। ଜୁଲାଇ ୧୭ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ବିପ୍ଳବଙ୍କୁ ଚିତାସ୍, ସୂର୍ଯ୍ୟଙ୍କୁ ଲାୟନ୍ସର ନେତୃତ୍ୱ

ଓସିଏଲ୍‌ର ଚଳିତ ସଂସ୍କରଣରେ ଅଂଶଗ୍ରହଣ କରିବାକୁ ଥିବା ୬ଟି ଦଳକୁ ଯଥାକ୍ରମେ ଓଡ଼ିଶା ଲାୟନ୍ସ, ଓଡ଼ିଶା ଟାଇଗର୍ସ, ଓଡ଼ିଶା ଜାଗୁଅର୍ସ, ଓଡ଼ିଶା ପୁମାସ୍, ଓଡ଼ିଶା ପାନ୍ଥର୍ସ ଓ ଓଡ଼ିଶା ଚିତାସ୍ ନାମରେ ନାମିତ କରାଯାଇଛି। ଶାନ୍ତନୁ ମିଶ୍ର ଓଡ଼ିଶା ଜାଗୁଅର୍ସର, ସନ୍ଦୀପ ପଟ୍ଟନାୟକ ପାନ୍ଥର୍ସର, ସୂର୍ଯ୍ୟକାନ୍ତ ପ୍ରଧାନ ଲାୟନ୍ସର, ବିପ୍ଳବ ସାମନ୍ତରାୟ ଚିତାସ୍‌ର, କାର୍ତ୍ତିକ ବିଶ୍ୱାଳ ପୁମାସ୍‌ର ଓ ରାକେଶ ପଟ୍ଟନାୟକଙ୍କୁ ଓଡ଼ିଶା ଟାଇଗର୍ସର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଡବଲ୍-ଲେଗ୍ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ। ଅର୍ଥାତ୍ ପ୍ରତି ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ପ୍ରବେଶ କରିବେ। ଜୁଲାଇ ୧୪ ଓ ୧୫ରେ ଯଥାକ୍ରମେ ଦୁଇଟି ଯାକ ସେମିଫାଇନାଲ ଏବଂ ୧୭ରେ ଫାଇନାଲ ଖେଳାଯିବ। ଫାଇନାଲକୁ ମିଶାଇ ପ୍ରତିଯୋଗିତାରେ ମୋଟ୍ ୩୩ ମ୍ୟାଚ୍ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ହିଁ ଅନୁଷ୍ଠିତ ହେବ। ଦିନକୁ